ପ୍ରତିବର୍ଷ ଜାନୁଆରୀ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହିନ୍ଦୀ ଦିବସ'। ବିଶ୍ୱ ସ୍ତରରେ ଅନ୍ୟତମ ସର୍ବାଧିକ କଥିତ ଭାଷା ଭାବେ ଅଭିହିତ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ତଥା ଏହାର ସ୍ୱୀକୃତି ଲାଗି ଏହି ଦିବସ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ। ୧୯୭୫ ଜାନୁଆରୀ ୧୦ରେ ମହାରାଷ୍ଟ୍ରର ନାଗପୁରଠାରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଐତିହାସିକ ଦିବସକୁ ସ୍ମରଣ କରିବା ଲାଗି ଭାରତ ସରକାର ୨୦୦୬ରେ ପ୍ରଥମ ଥର ପାଇଁ ଜାନୁଆରୀ ୧୦କୁ ବିଶ୍ୱ ହିନ୍ଦୀ ଦିବସ ଭାବେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସ ଅବସରରେ ସାରା ବିଶ୍ୱରେ ଥିବା ଭାରତୀୟ ଦୂତାବାସ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଉଛି।

ହିନ୍ଦୀକୁ ଏକ ଅନ୍ତର୍ଜାତୀୟ ଭାଷା ଭାବେ ପ୍ରତିଷ୍ଠିତ କରିବା, ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏବଂ ହିନ୍ଦୀ କବି, ଲେଖକ, ପଣ୍ଡିତ ଓ ଭାଷାପ୍ରେମୀଙ୍କ ଅବଦାନକୁ ସମ୍ମାନିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଭାରତ ବ୍ୟତୀତ ନେପାଳ, ମରିସସ୍, ଦକ୍ଷିଣ ଆଫ୍ରିକା, ଗୁଏନା ଏବଂ ତ୍ରିନିଦାଦ ପରି ଅନେକ ଦେଶରେ ହିନ୍ଦୀ ଭାଷାଭାଷୀ ଗୋଷ୍ଠୀ ଏହି ଦିବସକୁ ପାଳନ କରନ୍ତି।



> ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# ଲାଟେରାଲ ଏଣ୍ଟ୍ରିରେ ସମସ୍ୟା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ୟୁପିଏସ୍‌ସି ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପସଚିବ ସ୍ତରରେ ୪୫ଟି ଲାଟେରାଲ ଏଣ୍ଟ୍ରି (ବାହାର କ୍ଷେତ୍ରରୁ ବିଶେଷଜ୍ଞ ଆଣି ସରକାରୀ ପଦବୀରେ ଅବସ୍ଥାପିତ କରିବା ପ୍ରକ୍ରିୟା) ପାଇଁ ବିଜ୍ଞାପନ ପ୍ରକାଶ କରିଥିଲା। ହେଲେ ଏକ ବର୍ଷ ପରେ ସଂରକ୍ଷଣ ଉପରେ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ତାହାକୁ ପ୍ରତ୍ୟାହାର କରିନେଲା। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସୂତ୍ରରୁ ପ୍ରକାଶ ଯେ, ପରିବର୍ତ୍ତନ ପାଇଁ ମନ୍ତ୍ରଣାଳୟଗୁଡ଼ିକ ସହିତ ଆଲୋଚନା ହେଉଛି, କିନ୍ତୁ ବାସ୍ତବରେ ନୀତି ଏଯାବତ କାଗଜପତ୍ରରେ ସୀମିତ ଅଛି। ଆଶ୍ଚର୍ଯ୍ୟଜନକ କଥା, ଆରମ୍ଭରୁ ବିଭିନ୍ନ କ୍ଷେତ୍ରର ପ୍ରାୟ ୬୦ଜଣ ବିଶେଷଜ୍ଞଙ୍କୁ ଅଣାଯାଇଥିଲା, କିନ୍ତୁ ଏବେ ୩୮ରୁ ୪୦ ଜଣ ଅଛନ୍ତି। ଏହି ଅବକ୍ଷୟ ସୂଚିତ କରୁଛି ଯେ, ଏଥିରେ ସମସ୍ୟା ରହିଛି। ଲାଟେରାଲ ଏଣ୍ଟ୍ରି ସ୍ୱାଭାବିକ ଭାବରେ ଖରାପ ନୁହେଁ। ଏଥିରେ ବାହାରୁ ଆସୁଥିବା ବିଶେଷଜ୍ଞ, ବିଶେଷକରି ଅର୍ଥନୀତିଜ୍ଞ, ପ୍ରଯୁକ୍ତିବିତ୍, ବୈଜ୍ଞାନିକଙ୍କଠାରୁ ଭାରତର ସିଭିଲ ସର୍ଭିସେସ ଜଟିଳ ନୀତିଗତ ଚ୍ୟାଲେଞ୍ଜ କ୍ଷେତ୍ରରେ ଉପକୃତ ହୋଇପାରିବେ। କିନ୍ତୁ ଦୃଢ଼ତା ଏବଂ ସ୍ୱଚ୍ଛତା ବିନା ଆମେ ସମ୍ପର୍କବାଦ ଓ ରାଜନୈତିକ ହସ୍ତକ୍ଷେପକୁ ଆମନ୍ତ୍ରଣ କରି ଯୋଗ୍ୟତାକୁ କ୍ଷୟକରି ବିପଦର ସମ୍ମୁଖୀନ ହେଉଛୁ। ସଂରକ୍ଷଣ ପ୍ରତିବାଦ କେବଳ ରାଜନୈତିକ ନାଟକ ନ ଥିଲା। ବରଂ ଏହା ଏକ ସାଧାରଣ ସମସ୍ୟାକୁ ପ୍ରକାଶ କରିଥିଲା, ଯେଉଁଥିରେ ଭାରତର ଆଇନଗତ ଢାଞ୍ଚା ଏବଂ ସାମାଜିକ ନ୍ୟାୟ ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ସଂସ୍କାର ବିଷୟରେ କେବେ ବି ଚିନ୍ତା କରାଯାଇ ନ ଥିଲା । ଯୋଗ୍ୟତା, ମୂଲ୍ୟାୟନ ମାନଦଣ୍ଡ, ଉତ୍ତରଦାୟିତ୍ୱ ଏବଂ କାର୍ଯ୍ୟକାଳ ସୁରକ୍ଷା ବିଷୟକୁ ସମାଧାନ ନ କଲେ ସମସ୍ୟା ହ୍ରାସ ପାଇବ ନାହିଁ। ଲାଟେରାଲ ଏଣ୍ଟ୍ରି ସ୍ଲୋଗାନ ହେବା ଉଚିତ ନୁହେଁ। ଯଦି ଏହା କାମ କରିବାକୁ ଯାଉଛି, ତେବେ ଏହାକୁ ସ୍ୱଷ୍ଟ ନିୟମ ସହିତ ନିଶ୍ଚିତ କରାଯିବା ଆବଶ୍ୟକ।

### ପ୍ରଶାସନିକ ବିଶୃଙ୍ଖଳା

ବ୍ରହ୍ମୋସ ଏରୋସ୍ପେସର ମହାନିର୍ଦ୍ଦେଶକ ଭାବରେ ଜୈତୀର୍ଥ ଆର୍. ଜୋଶୀଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ପଦକ୍ଷେପ ନେଇଛି, ଯେଉଁଥିରୁ ଭାରତର ବାବୁ ବ୍ୟବସ୍ଥାର ବିଫଳତା ସ୍ୱଷ୍ଟ ହେଉଛି। ବ୍ରହ୍ମୋସ ଭଳି ରଣନୈତିକ ପ୍ରତିଷ୍ଠାନକୁ ପ୍ରାର୍ଥୀ ଚିହ୍ନଟ ଓ ଚୟନ ପଦ୍ଧତି ଆରମ୍ଭ କରିବାକୁ କୁହାଯିବା ଏକ ସରଳ ନ୍ୟାୟିକ ଉପାୟ। କିନ୍ତୁ ଏହା ଦର୍ଶାଉଛି ଯେ, ଆପଣଙ୍କ ଶାସନ ମାନଦଣ୍ଡ ପାଇଁ ପୂର୍ଣ୍ଣତଃ ସୁଚିନ୍ତିତ ନିରୀକ୍ଷଣ ଆବଶ୍ୟକ। ବ୍ରହ୍ମୋସ ପ୍ରକୃତରେ ସ୍ଥାନୀୟ ସମସ୍ୟାର ନୂତନ ସମାଧାନ ପନ୍ଥା ବାହାର କରିବାର ପ୍ରୟୋଗଶାଳା ନୁହେଁ। ଏହା ଏକ ପ୍ରମୁଖ ଭାରତ–ରୁଷ୍ ପ୍ରତିରକ୍ଷା ସହଯୋଗ ଏବଂ ଭାରତର ପ୍ରତିରୋଧ କ୍ଷମତା ତଥା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାର କେନ୍ଦ୍ରବିନ୍ଦୁ। ଏହାର ମୁଖ୍ୟଙ୍କ ନିଯୁକ୍ତି ସ୍ୱଚ୍ଛତା ଓ ସାଂଗଠନିକ ଦୃଢ଼ତାର ମାନଦଣ୍ଡ ହେବା ଦରକାର। କିନ୍ତୁ ଏହା ପରିବର୍ତ୍ତେ ବରିଷ୍ଠତାକୁ ନେଇ ବିବାଦ, ସନ୍ଦେହଜନକ ମୂଲ୍ୟାଙ୍କନ ଏବଂ ନ୍ୟାୟସଙ୍ଗତିର ଅଭାବ ସାମ୍ନାକୁ ଆସୁଛି। ଡିଆର୍‌ଡିଓର ବିଶିଷ୍ଟ ବୈଜ୍ଞାନିକ ଏସ୍. ନାମ୍ବି ନାଇଡୁଙ୍କ ଅଭିଯୋଗ କେବଳ ଏକ ବ୍ୟକ୍ତିଗତ ଅଭିଯୋଗ ନୁହେଁ। ଯୋଗ୍ୟତାକୁ ନେଇ ଦୀର୍ଘକାଳୀନରୁ ଥିବା ଅସନ୍ତୋଷକୁ ଏହା ପ୍ରକାଶ କରେ। ଯଦି ସର୍ବୋଚ୍ଚ ପଦବୀରେ ଥିବା ସବୁଠୁ ବରିଷ୍ଠ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଏ, ତେବେ ଏହା ଉପରେ ବ୍ୟବସ୍ଥାର ରେକର୍ଡରେ ବଳିଷ୍ଠ ଯୁକ୍ତି ରହିବା ଆବଶ୍ୟକ। ପୋଲିସ ମୁଖ୍ୟ ହେଉ ବା ପିଏସ୍‌ୟୁ ମୁଖ୍ୟ କିମ୍ବା ନିୟାମକ ମୁଖ୍ୟ, ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ମାମଲା ନ୍ୟାୟିକ ବିବାଦ ସ୍ଥିତିରେ ପହଞ୍ଚିଯାଉଛି। ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ ପାଇଁ କୋର୍ଟ ଏବଂ ଟ୍ରିବ୍ୟୁନାଲଗୁଡ଼ିକ ବାରମ୍ବାର ନୈତିକ ଦିଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ ନୁହେଁ। ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନେତୃତ୍ୱର ବିଶ୍ୱସନୀୟତା ସାମାନ୍ୟ କଥା ନୁହେଁ ; ଯଦି ସରକାର ଦକ୍ଷତା ଏବଂ ବୃତ୍ତିଗତ ଦାବି କରିବାକୁ ଚାହାନ୍ତି, ତେବେ ଏହାକୁ ସେଠାରେ ପ୍ରଦର୍ଶନ କରିବାକୁ ପଡ଼ିବ।

### ୟୁପିରେ କ୍ୟାଡର ସମ୍ପ୍ରସାରଣ

ଉତ୍ତର ପ୍ରଦେଶ(ୟୁପି) ବର୍ତ୍ତମାନ ଏହାର ଅନୁମୋଦିତ ଆଇଏଏସ୍ ସଂଖ୍ୟା ବୃଦ୍ଧି କରିଛି। ଅଧିକ ପଦବୀ, ଅଧିକ ବରିଷ୍ଠ ପଦବୀ, ବିଭିନ୍ନ ବର୍ଗ ପାଇଁ ଅଧିକ ସଂରକ୍ଷଣ ବ୍ୟବସ୍ଥା କରିଛି। ଏହି ସମ୍ପ୍ରସାରଣ ଦୁଇଟି ସତ୍ୟକୁ ସୂଚିତ କରେ। ପ୍ରଥମତଃ, ୟୁପିର ଶାସନ ସମ୍ମୁଖୀନ ହେଉଥିବା ବ୍ୟାପକ ଚ୍ୟାଲେଞ୍ଜକୁ ଶେଷରେ ସରକାର ସ୍ୱୀକାର କରିଛନ୍ତି। ଏତେ ବଡ଼ ରାଜ୍ୟ କମ୍‌ସଂଖ୍ୟକ ବାବୁଙ୍କୁ ନେଇ ଚାଲିପାରିବ ନାହିଁ, ଯେଉଁମାନେ ପ୍ରଶାସନିକ ସ୍ତରରେ ନିରନ୍ତର ସଂଘର୍ଷ କରିଆସୁଛନ୍ତି। ଉତ୍ତର ପ୍ରଦେଶରେ ଖାଲି ପଦବୀ ଏକମାତ୍ର ମୁଣ୍ଡବିନ୍ଧାର କାରଣ ନ ଥିଲା। ବରଂ ଲଗାତର ସ୍ଥାନାନ୍ତର, ସଂକ୍ଷିପ୍ତ କାର୍ଯ୍ୟକାଳ, ସମାନ୍ତରାଳ କ୍ଷମତା ଗଠନ ଏବଂ ରାଜନୈତିକ ସୂକ୍ଷ୍ମ ପରିଚାଳନା ପ୍ରତ୍ୟେକ ସ୍ତରରେ ପ୍ରଶାସନିକ କର୍ତ୍ତୃତ୍ୱକୁ ଶେଷ କରିଦେଇଛି। ଆପଣ ଅଧିକ ଜିଲା ମାଜିଷ୍ଟ୍ରେଟ, ଅଧିକ କମିଶନର, ଅଧିକ ସଚିବ ନିଯୁକ୍ତ କରିପାରିବେ, କିନ୍ତୁ ଯଦି ଚାକିରିରେ ସେମାନଙ୍କର ହାରାହାରି କାର୍ଯ୍ୟକାଳ ବର୍ଷ ନୁହେଁ, କେତୋଟି ମାସ ରଖାଯାଏ, ତେବେ ପ୍ରଶାସନକୁ କିପରି ସୁଦୃଢ଼ କରାଯାଉଛି ବୋଲି କୁହାଯିବ ? ୟୁପିକୁ କେବଳ ଅଧିକ ଅଫିସରଙ୍କ ଆବଶ୍ୟକତା ନାହିଁ ; ଏହାକୁ ଏପରି ଏକ ବ୍ୟବସ୍ଥା ଦରକାର ଯାହା ଅଧିକାରୀଙ୍କୁ ସେମାନଙ୍କ କାମ କରିବା ପାଇଁ ବିଶ୍ୱାସ ଜନ୍ମାଇପାରିବ। କାର୍ଯ୍ୟକାଳର ସ୍ଥିରତା, ମନମୁଖି ହସ୍ତକ୍ଷେପରୁ ସୁରକ୍ଷା, ଦାୟିତ୍ୱର ସ୍ୱଷ୍ଟତା ଏବଂ ଫଳାଫଳ–ଭିତ୍ତିକ ଉତ୍ତରଦାୟିତ୍ୱ ଯେକୌଣସି କ୍ୟାଡର ସମ୍ପ୍ରସାରଣ ବିଜ୍ଞପ୍ତି ଅପେକ୍ଷା ଅଧିକ ମୂଲ୍ୟବାନ। ଏହା ନ ହେଲେ ବାସ୍ତବ ଶାସନର ଉନ୍ନତି ହୋଇପାରିବ ନାହିଁ।

Email: dilipcherian@gmail.com

# ସ୍ତମ୍ଭ ଓ ସ୍ତମ୍ଭ ସାହିତ୍ୟ



**ଡ.ଛାୟାକାନ୍ତ ଷଡ଼ଙ୍ଗୀ**

ଖବରକାଗଜରେ କୌଣସି ଲେଖକର ଆଲେଖ୍ୟ ଯଦି ସ୍ତମ୍ଭ ରୂପରେ ମୁଦ୍ରିତ ହୋଇ ପ୍ରକାଶ ପାଏ ତାକୁ ସ୍ତମ୍ଭ କୁହାଯାଏ ଓ ସେହି ଲେଖକଙ୍କୁ ସ୍ତମ୍ଭକାର କୁହାଯାଏ। ସାଧାରଣତଃ ସ୍ତମ୍ଭଗୁଡ଼ିକରେ ସମସାମୟିକ ସମାଜର ରାଜନୀତିକ, ଅର୍ଥନୀତିକ, ସାଂସ୍କୃତିକ, ଧାର୍ମିକ ତଥା ବହୁବିଧ ସମସ୍ୟା ଆଲୋଚିତ ହୁଏ। ସମାଜର ବିଭିନ୍ନ ସମସ୍ୟା ଉତ୍ଥାପନ ଓ ଅନୁଶୀଳନ କଲାବେଳେ ସ୍ତମ୍ଭକାର ତା'ର ନିଜସ୍ୱ ମତକୁ ପରିବେଷଣ କରେ। ମାତ୍ର ଖବରକାଗଜରେ ପ୍ରକାଶ ପାଉଥିବା ସମସ୍ତ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୋଇପାରେ ନାହିଁ। ଯଦି ସ୍ତମ୍ଭ ସାହିତ୍ୟର ମାନ ଓ ମୂଲ୍ୟବୋଧ ରକ୍ଷା ନ କରେ ତାହା ସାହିତ୍ୟ ନୁହେଁ। ତାହା କେବଳ ସ୍ତମ୍ଭ। ଅପର ପକ୍ଷରେ ସାହିତ୍ୟ ସର୍ବଦା ସାହିତ୍ୟ, ତାହା ସ୍ତମ୍ଭ ରୂପରେ ପ୍ରକାଶ ପାଉ ଅବା ଭିନ୍ନ ରୂପରେ ପ୍ରକାଶ ପାଉ। ଖବର ମଧ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଏ, ମାତ୍ର ତାକୁ କେହି ସ୍ତମ୍ଭ ଖବର କହନ୍ତି ନାହିଁ। ତା'ହେଲେ ସାହିତ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଇଲେ ତାକୁ କାହିଁକି ସ୍ତମ୍ଭ ସାହିତ୍ୟ କୁହାଯିବ, ତାହା ବିତର୍କର ବିଷୟ। ଏଣୁ ସ୍ତମ୍ଭ ସାହିତ୍ୟକୁ ଏବେ ଖବର ସାହିତ୍ୟ କୁହାଗଲାଣି କାରଣ ଏହା ଖବର ଆଧାରିତ।

ଏହି କିଛିବର୍ଷ ହେଲା ସ୍ତମ୍ଭ ସାହିତ୍ୟକୁ ଏକ ସାହିତ୍ୟିକ ସଂରଚନା (LITERARY FORM) ଭାବରେ ଗ୍ରହଣ କରାଯାଉଛି। ତା'ପୂର୍ବରୁ କେବଳ ସ୍ତମ୍ଭ ଶବ୍ଦଟି ବ୍ୟବହାର ହେଉଥିଲା। ତା'ପୂର୍ବରୁ ଆମେ ସ୍ତମ୍ଭ କହିଲେ ଆଜିକାଲି ଯାହା ବୁଝୁ ସେହିଭଳି ଆଲେଖ୍ୟ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା, ମାତ୍ର ସ୍ତମ୍ଭ ଶବ୍ଦ ବ୍ୟବହାର ହେଉ ନ ଥିଲା। ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଇଂଲଣ୍ଡରେ ସାମୟିକ ପତ୍ରିକା (PERIODICAL ESSAY)ର ଉଦ୍ଭବ ହେଲା। ୧୭୦୯ ମସିହାରେ ରିଚାର୍ଡ ଷ୍ଟିଲ୍ ''ଦି ଟେଟ୍‌ଲର୍'' ନାମରେ ଗୋଟିଏ ସାମୟିକ ପତ୍ରିକା ପ୍ରକାଶ କଲେ ଓ ୧୭୧୧ରେ ଯୋଶେଫ୍ ଏଡିସନ୍ ଓ ରିଚାର୍ଡ୍ ଷ୍ଟିଲ୍‌ଙ୍କ ଯୁଗ୍ମ ପ୍ରଚେଷ୍ଟାରେ 'ଦି ସ୍ପେକ୍ଟାଟର' ନାମରେ ଏକ ପତ୍ରିକା ପ୍ରକାଶ ପାଇଲା। ସେମାନେ ଏହି ପତ୍ରିକାରେ ସମସାମୟିକ ଘଟଣାବଳୀ, ରାଜନୀତି, ଧର୍ମ, ନୀତିବୋଧ ଆଦି ସମ୍ପର୍କରେ ଆଲୋଚନା କରି ନିୟମିତ ଭାବରେ ପ୍ରବନ୍ଧ ପ୍ରକାଶ କଲେ। ପରବର୍ତ୍ତୀ କାଳରେ ସେଗୁଡ଼ିକ ସାହିତ୍ୟ ଭାବରେ ଗୃହୀତ ହେଲା। ସେତେବେଳେ ସେହି ପ୍ରବନ୍ଧଗୁଡ଼ିକ ସ୍ତମ୍ଭ ରୂପରେ ପ୍ରକାଶ ପାଉ ନ ଥିଲେ ମଧ୍ୟ ସେଗୁଡ଼ିକ ହେଉଛନ୍ତି ଆଜିର ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭସାହିତ୍ୟର ଅଗ୍ରଦୂତ। ରିଚାର୍ଡ ଷ୍ଟିଲ୍ ଏହାର ମୂଳଦୁଆ ପକାଇଥିଲେ। ସେତେବେଳେ ଉଭୟ ଷ୍ଟିଲ୍ ଓ ଏଡିସନ୍‌ଙ୍କ ପ୍ରବନ୍ଧଗୁଡ଼ିକ ଜନମତକୁ ପ୍ରଭାବିତ କରୁଥିଲା। କ୍ରମେ ଏହିଭଳି ପ୍ରବନ୍ଧର ପାଠକୀୟତା ବଢ଼ିଲା। ଊନବିଂଶ ଶତାବ୍ଦୀରେ ଉଇଲିଅମ୍ ହାଜଲିଟ୍ ଓ ଚାର୍ଲାସ୍ ଲେମ୍ବଙ୍କ ପ୍ରବନ୍ଧ ନିୟମିତ ଭାବରେ ପ୍ରକାଶ ପାଇଲା। ହାଜଲିଟ୍‌ଙ୍କ ପ୍ରବନ୍ଧଗୁଡ଼ିକ ଦି ଏକ୍‌ଜାମିନର,



ଦି ଲଣ୍ଡନ୍ ମାଗାଜିନ ଓ ଦି ଏଡିନ୍‌ବର୍ଗ ରିଭ୍ୟୁରେ ଏବଂ ଲେମ୍ବଙ୍କ ପ୍ରବନ୍ଧଗୁଡ଼ିକ ଲଣ୍ଡନ ମାଗାଜିନ୍‌ରେ ପ୍ରକାଶ ପାଇ ଆଦୃତ ହେଲା। ସେତେବେଳେ ସ୍ତମ୍ଭ ଶବ୍ଦଟି ଆଜିର ଅର୍ଥରେ ବ୍ୟବହାର ହେଉ ନ ଥିଲା, ମାତ୍ର ସେଗୁଡ଼ିକ ଆଜି ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭ ସାହିତ୍ୟର ବିକଶିତ ରୂପ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଆଧୁନିକ ଖବରକାଗଜର ପ୍ରସାରଣ ବଢ଼ିବା ପରେ ପୃଷ୍ଠାଗୁଡ଼ିକୁ ସ୍ତମ୍ଭ ଭାବରେ ବିଭାଜନ କରି ମୁଦ୍ରଣ କରାଗଲା ଓ ତା'ପରେ ସ୍ତମ୍ଭ ଶବ୍ଦ ବ୍ୟବହାର ହେଲା। ଭାରତରେ ବ୍ରିଟିଶ ସାମ୍ବାଦିକତାର ପ୍ରଭାବରେ ଖବରକାଗଜଗୁଡ଼ିକ ସ୍ତମ୍ଭ ମୁଦ୍ରଣ ଆରମ୍ଭ କଲେ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ସ୍ତମ୍ଭଲିଖନ ଆରମ୍ଭ ହେଲା। ଦି ହିନ୍ଦୁ, ଅମୃତ ବଜାର, ୟଙ୍ଗ୍ ଇଣ୍ଡିଆ, ହରିଜନ ଇତ୍ୟାଦି ପତ୍ରିକାରେ ସ୍ତମ୍ଭ ଏକ ସ୍ୱଷ୍ଟ ବିଭାଗ ଭାବରେ ମୁଣ୍ଡଟେକିଲା ଓ ସେହି ସ୍ତମ୍ଭଗୁଡ଼ିକରେ ଲେଖକମାନେ ନିଜର ସ୍ୱଷ୍ଟ ମତ ପ୍ରକାଶ କଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଜନୀତି, ସମାଜ ସଂସ୍କାର, ଅର୍ଥନୀତି, ପର୍ଯ୍ୟାବରଣ, ଖେଳ ଆଦି ବିବିଧ ବିଷୟରେ ସ୍ତମ୍ଭ ଲେଖାହେଲା। କୁଲଦୀପ ନାୟାର, ଖୁସ୍‌ୱନ୍ତ ସିଂ, ଏମ୍ .ଜେ. ଆକବର ଆଦି ସ୍ତମ୍ଭ ଲେଖି ଆଦୃତ ହେଲେ। ସମ୍ପ୍ରତି ରାମଚନ୍ଦ୍ର ଗୁହା, ଇତିହାସ, ରାଜନୀତି, ପର୍ଯ୍ୟାବରଣ ଉପରେ, ଯୋଗେନ୍ଦ୍ର ଯାଦବ ରାଜନୀତି, ଗଣତନ୍ତ୍ର ଭଳି ବିଷୟ ଉପରେ, ଶେଖର ଗୁପ୍ତା ସମସାମୟିକ ଶାସନ ଓ ଘଟଣାବଳୀ ଉପରେ, ପି ସାଇନାଥ ସାମାଜିକ ନ୍ୟାୟ, ଗ୍ରାମୀଣ ଭାରତ ଉପରେ, ସ୍ୱାମୀନାଥନ୍ ଅର୍ଥନୀତି, ସାମାଜିକ ଜୀବନ, ଶିକ୍ଷା ଉପରେ ଓ ବିବେକ ଦେବରାୟ ଅର୍ଥନୀତି, ଶାସନ ପଦ୍ଧତି, ଆଇନ ଆଦି ଉପରେ ସ୍ତମ୍ଭ ଲେଖୁଛନ୍ତି।

ଓଡ଼ିଶାରେ ସାମ୍ବାଦିକତା ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ। ଉତ୍କଳ ଦୀପିକା (୧୮୬୬)ରେ ସମସାମୟିକ ସାମାଜିକ ସମସ୍ୟା, ସାହିତ୍ୟ, ସଂସ୍କୃତି ଆଧାରିତ ମନନଶୀଳ ପ୍ରବନ୍ଧ ପ୍ରକାଶ ପାଇଲା। ସେତେବେଳେ ସ୍ତମ୍ଭ ଶବ୍ଦ ବ୍ୟବହୃତ ହେଉ ନ ଥିଲେ ମଧ୍ୟ ଏହି ପତ୍ରିକା ସ୍ତମ୍ଭ ଲିଖନର ମୂଳଦୁଆ ପକାଇଥିଲା, କାରଣ ଏହା ତତ୍କାଳୀନ ଜାତୀୟ ସମସ୍ୟାକୁ ବ୍ୟକ୍ତିଗତ ମତ ସହ ପ୍ରକାଶ କରୁଥିଲା। ସମାଜ ୧୯୧୯ରେ ପ୍ରତିଷ୍ଠା ହେବା ପରେ ସାମ୍ବାଦିକତାର ପରିସର ବୃଦ୍ଧିପାଇଲା। ଅନେକ ଲେଖକ ସମାଜ ସଂସ୍କାର, ଜାତୀୟତା, ରାଜନୀତିକ ପରିସ୍ଥିତି, ଭାଷା, ଅସ୍ମିତା ଆଦି ବିଷୟରେ ସ୍ତମ୍ଭ ଲେଖିଲେ। ପରବର୍ତ୍ତୀ ସମୟରେ ପ୍ରଜାତନ୍ତ୍ର, ଧରିତ୍ରୀ, ପ୍ରଗତିବାଦୀ ଆଦି ଖବରକାଗଜରେ ପ୍ରତ୍ୟେକ ଦିନ ବିବିଧ ବିଷୟକ ସ୍ତମ୍ଭ ପ୍ରକାଶ ପାଇ ଜନାଦୃତ ହେଲା। ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, ସାତକଡି ହୋତା, ବିଭୂତି ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ମନୋଜ ଦାସ ଆଦି ସ୍ତମ୍ଭ ରଚନା କରି ଜନମତକୁ ପ୍ରଭାବିତ କରିବାରେ ସଫଳ ହେଲେ। ପରବର୍ତ୍ତୀ ସମୟରେ ସେଗୁଡ଼ିକ ସଂକଳିତ ହୋଇ ସାହିତ୍ୟର ମର୍ଯ୍ୟାଦା ଲାଭକଲା। ହରେକୃଷ୍ଣ ମହତାବଙ୍କ 'ଗାଁ ମଜ୍‌ଲିସ', ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ', ଚିତ୍ତରଞ୍ଜନ ଦାସଙ୍କ 'ବିଶ୍ୱକୁ ଗବାକ୍ଷ' ଓ ମନୋଜ ଦାସଙ୍କ 'କେତେ ଦିଗନ୍ତ' ସ୍ତମ୍ଭ ସାହିତ ଭାବରେ ବହୁଜନାଦୃତ।

ଖବରକାଗଜଗୁଡ଼ିକରେ ଗଳ୍ପ, କବିତା, ରମ୍ୟରଚନା ଆଦି ନିର୍ଦ୍ଦିଷ୍ଟ ଦିନରେ ସ୍ତମ୍ଭ ଆକୃତିରେ ପ୍ରକାଶ ପାଉଥିଲେ ମଧ୍ୟ ତାକୁ ସ୍ତମ୍ଭ ସାହିତ୍ୟ କୁହାଯାଏ ନାହିଁ। ତାହା କେବଳ ସାହିତ୍ୟ ଅନ୍ତର୍ଭୁକ୍ତ। ସ୍ତମ୍ଭ ସାହିତ୍ୟ ମୂଳତଃ ସାମ୍ବାଦିକତାର ଗୋଟିଏ ସଂରଚନା ଭାବରେ ଉଦ୍ଭବ ହୋଇଛି। ମାତ୍ର ସବୁ ସ୍ତମ୍ଭ ସାହିତ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହିଁ। ସାହିତ୍ୟର ଆତ୍ମା ହେଉଛି ରସ। ବ୍ୟବହୃତ ଶବ୍ଦାବଳୀ ଓ ପରିବେଷଣ ଶୈଳୀ ଯଦି ପାଠକ ହୃଦୟରେ କଳାତ୍ମକ ଆନନ୍ଦ ସୃଷ୍ଟି କରି ନ ପାରେ ତାହା ସାହିତ୍ୟ ପଦବାଚ୍ୟ ନୁହେଁ। ସାହିତ୍ୟ ପାଠକର କଳ୍ପନା ଓ ଭାବାବେଗକୁ ସ୍ପର୍ଶ କରେ। ଏହା ମଣିଷ ଜୀବନର ବିଭିନ୍ନ ଦିଗକୁ ଅନୁଶୀଳନ କରେ, ମାତ୍ର ସିଧାସଳଖ ଉପଦେଶଧର୍ମୀ ନ ହୋଇ ଜୀବନ ପ୍ରତି ଏକ ନୈତିକ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ। ଯେଉଁ ସ୍ତମ୍ଭ କେବଳ ସମସାମୟିକ ତଥ୍ୟଭିତ୍ତିକ ତା'ର ସ୍ଥାୟିତ୍ୱ ବେଶିଦିନ ରହେ ନାହିଁ। ସମୟ ଗଡିଗଲେ ତଥ୍ୟ ପ୍ରାସଙ୍ଗିକତା ହରାଏ। ମାତ୍ର ଯେତେବେଳେ ସ୍ତମ୍ଭକାର ତଥ୍ୟକୁ ତତ୍ତ୍ୱ ସହ ମିଶାଇ ସାହିତ୍ୟର ପୁଟ ଦେଇ ଆକର୍ଷଣୀୟ ଶବ୍ଦ ସଂଯୋଜନା ଓ ଶୈଳୀରେ ପରିବେଷଣ କରେ ସେତେବେଳେ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୁଏ ଓ କାଳଜୟୀ ହୁଏ। ସ୍ଥାନ, କାଳ ନିର୍ବିଶେଷରେ ଆବେଗିକ ଆବେଦନ ସୃଷ୍ଟି କରିବା, ସାର୍ବଜନୀନ ସତ୍ୟ ପରିବେଷଣ କରିବା ଓ ସୌନ୍ଦର୍ଯ୍ୟବୋଧଯୁକ୍ତ ଆନନ୍ଦ ସୃଷ୍ଟି କରିବା ହେଉଛି ସାହିତ୍ୟର ଧର୍ମ। ଯେଉଁ ସ୍ତମ୍ଭ ଏହା ସୃଷ୍ଟି କରିପାରେ ନାହିଁ ତାହା କେବଳ ସ୍ତମ୍ଭ ହୋଇ ରହେ, ସ୍ତମ୍ଭ ସାହିତ୍ୟ ହୋଇପାରେ ନାହିଁ। ଏବେ ସ୍ତମ୍ଭ ସାହିତ୍ୟକୁ ଖବର ସାହିତ୍ୟ କୁହାଗଲାଣି ଏବଂ ତାହା ପାଇଁ ପୁରସ୍କାର ପ୍ରଦାନ କରାଯାଉଛି। ସମ୍ପ୍ରତି ବହୁ ପ୍ରତିଭାବାନ୍ ଓ ପ୍ରତିଷ୍ଠିତ ଲେଖକ ସ୍ତମ୍ଭ ଲେଖୁଛନ୍ତି। ସେମାନଙ୍କ କେଉଁ ଆଲେଖ୍ୟ ସ୍ତମ୍ଭ ପଦବାଚ୍ୟ ଓ କେଉଁ ଆଲେଖ୍ୟ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ତାହା ପାଠକମାନେ ବିଚାର କରିବେ।

**ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି**
**ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୭୦୦୮୩୬୯୯୨୦**

# ହଜମହୋଇପାରୁ ନ ଥିବା ଦୁଃଖ



**ଡ. ଦ୍ୱିତୀଚନ୍ଦ୍ର ସାହୁ**

ବଦହଜମି ଗୋଟେ ବଡ଼ ସମସ୍ୟା। ଗ୍ୟାସ୍‌ଜନିତ କାରଣରୁ ଧୀରେ ଧୀରେ ଏଇ ରୋଗ ବୟସ ଅନୁପାତରେ ବଢ଼ିବଢ଼ିଚାଲେ। ମଣିଷକୁ କଲବଲକରେ। ଖାଇବାର ଲୋଭକୁ ରୋକିହୁଏନି କି ଖାଇହୁଏନାହିଁ। ଅନେକ ପ୍ରକାର ପ୍ରତିବନ୍ଧକ ଲାଗିଯାଏ। ଇଏ ବଡ଼ ପୀଡ଼ାଦାୟକ ଅବସ୍ଥା। ସାମ୍ନାରେ ସହଜରେ ଉପଲବ୍ଧ ଖାଦ୍ୟକୁ ଖାଇ ନ ପାରିବା ଏବଂ ପ୍ରତିବଦଳରେ ଯାହା ପାଟିକୁ କେବେ ରୁଚେନି ସେଇ ରକମର ଖାଦ୍ୟକୁ ଗିଳିବାକୁ ବାଧ୍ୟହେବା ପ୍ରାଣକୁ କଲବଲକରେ। ଏଇ ଦୁଃଖକୁ ପ୍ରକାଶ୍ୟରେ କହି ହୁଏନା କି ସହି ହୁଏନା। କହିଲେ ଫେର୍ ଅନେକ କଥା ୟାତାଠାରୁ ଶୁଣିବା ଥାଏ। ସେହି କାରଣରୁ ବଦହଜମିର ଶିକାର ମଣିଷଙ୍କ ଜୀବନ ଦୁର୍ବିଷହ ଲାଗେ । ନିଜ ସାମ୍ନାରେ ଟାଉଟାଉ ହୋଇ ଖାଦ୍ୟକୁ ପଶୁପ୍ରାୟ ଚରିଯାଉଥିବା ମଣିଷକୁ ଦେଖିଲେ ନିଜ ଭିତରେ ଈର୍ଷା ଜାତହୁଏ। ରାଗରେ ନିଜ ଭିତରେ ନିଜେ ଜଳିବାକୁ ହୁଏ। ସେହିପରି ବିଭିନ୍ନ ଖାଦ୍ୟର ସ୍ୱାଦ ଅବା ବିଭିନ୍ନ ଭୋଜିଭାତର ଖାଦ୍ୟ ତାଲିକା ବଖାଣିବାବେଳେ ବଦହଜମିର ଶିକାର ହୋଇଥିବା ମଣିଷ ଭିତରେ ଅନୁରୂପ ପ୍ରତିକ୍ରିୟା ଜାତହୁଏ।

ଜୀବନର ସମସ୍ତ ଦୁଃଖ ସମୟର ପାଚନ ପ୍ରକ୍ରିୟାରେ ଗଲେ ନରମ ହୋଇଯାଏ ନାହିଁ। କିଛି ଦୁଃଖ ଏମିତି ଅଛି, ଯାହା ମନୁଷ୍ୟ ମନର ଆତ୍ମସାରକୁ ସ୍ପର୍ଶକରେ ସେଗୁଡ଼ିକୁ ନା ଭୁଲିହୁଏ ନା ଭୋଗିହୁଏ। ଏହି ହଜମ ହୋଇପାରୁ ନ ଥିବା ଦୁଃଖ ମନୁଷ୍ୟ ଅସ୍ତିତ୍ୱର ଗଭୀର ତତ୍ତ୍ୱକୁ ଉଜାଗର କରେ। ଏହା କେବଳ ଖାଦ୍ୟ ଭିତରେ ସୀମିତ ନୁହେଁ। ବିବିଧ କ୍ଷେତ୍ରରେ ମଣିଷଙ୍କ ଭିତରେ ହଜମ ହୋଇପାରୁ ନ ଥିବାର ଦୁଃଖ ଛଟପଟ କରିଥାଏ। ନିଜ ପରିବାର, ସମ୍ପର୍କୀୟ, ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ଏହାର ପରିମାଣ ଟିକେ ଅଧିକ। ନିଜ ପରିବାରର କୌଣସି ସଦସ୍ୟ/ସଦସ୍ୟାଙ୍କ ଉତ୍ତରୋତ୍ତର ଉନ୍ନତି ଘଟିଲେ ପରିବାରରେ ଉତ୍ସବମୁଖର ହେବା କଥା। ଏହା ଏକ ଆନନ୍ଦର ପ୍ରସଙ୍ଗ। କିନ୍ତୁ ଆଜିକାଲି ସବୁ କିଛି ଓଲଟା। ସେଇ ମଣିଷ ପଛରେ ଆରମ୍ଭ ହୋଇଯାଏ ଗୁପୁରୁଚୁପୁରୁ କଥାବାର୍ତ୍ତା। ତା'ର ଗୋହି ଖୋଳିବା ଆରମ୍ଭକରି ଦିଅନ୍ତି କେତେଜଣ ମଣିଷ। ନିଜ ଲୋକର ପ୍ରଗତିକୁ ଦେଖିସହି ନ ପାରିବାର ପ୍ରତିକ୍ରିୟା ହେଉଛି ନିନ୍ଦା ଆଲୋଚନା। ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ହଜମ ନ କରିବାର ଦୁଃଖ ଟିକେ ବେଶି। ବିଗତ ଦିନର ତଥାକଥିତ ବନ୍ଧୁ ଆଉ ଏଇ ସଂସାରରେ ନାହାନ୍ତି ବୋଲି ସମସ୍ତେ କହନ୍ତି। ଏବର ବନ୍ଧୁ ଆଗରେ ହାଏ ହାଏ ପଛରେ ବାଏ ବାଏ। ଯଦି ଆପଣ ନିଜର ଦକ୍ଷତା ଓ ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ିଗଲେ କିମ୍ବା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆଗୁସାର ହୋଇଗଲେ ତେବେ ଜାଣ ଆପଣଙ୍କ ଶତ୍ରୁ ସୃଷ୍ଟିହୋଇ ସାରିଥିବେ। ଆଉ ସେଥିମଧ୍ୟରୁ ପ୍ରଥମ ନମ୍ବର ଶତ୍ରୁଟିଏ ହୋଇଥିବ ଆପଣଙ୍କର ଯେକୌଣସି ବନ୍ଧୁଟିଏ ଅବା ପାଖ ଲୋକଟିଏ। ଆପଣଙ୍କଠାରୁ ହୁଏତ ସେ କେବେ ନା କେବେ ସହାୟତା ବି ପାଇଥିବ। ନିଜ ସାମର୍ଥ୍ୟ ପ୍ରଦର୍ଶନରେ ଅପାରଗତା ଅବା ବିଫଳତା ସେମାନଙ୍କ



ଦୁଃଖର କାରଣ ହୋଇଥାଏ। ସେହିଭଳି କ୍ଷେତ୍ରରେ ନିଜ ପାଖଲୋକର ପ୍ରଗତି ଓ ପ୍ରଶଂସା ହିଁ ହଜମ ହୋଇପାରୁ ନ ଥିବା ଦୁଃଖ ହୋଇପଡ଼େ। ତେଣିକି ଆପଣଙ୍କ ନାମରେ ପଛରେ କୁତ୍ସାରଟନା ଆରମ୍ଭ ହୁଏ।

ଦର୍ଶନ ଦୃଷ୍ଟିରେ ଏପରି ଦୁଃଖ ହେଉଛି 'ଅଭାବର ଚେତନା'। ମନୁଷ୍ୟ ଯେତେବେଳେ ଯାହାକୁ ଜୀବନର ଅଂଶ ବୋଲି ଭାବିଥାଏ, ସେଇ ଅଂଶର ଅକସ୍ମାତ୍ ଅନୁପସ୍ଥିତି ବା ତା'ର ଅହେତୁକ ପ୍ରଗତି ମନ ଭିତରେ ଶୂନ୍ୟତା ସୃଷ୍ଟିକରେ। ଏହି ଶୂନ୍ୟତା ହେଉଛି ହଜମ ନ ହୋଇପାରିବାର ଦୁଃଖ। ଏହି ଦୁଃଖ ମୂଳରେ ରହିଛି ଆସକ୍ତି। ବୁଦ୍ଧ ଦର୍ଶନ କହେ, ଆସକ୍ତି ହିଁ ଦୁଃଖର କାରଣ। ଯଦିଓ ଆସକ୍ତି ବିନା ମନୁଷ୍ୟ ରହିପାରେନି, କିନ୍ତୁ ସେଇ ଆସକ୍ତି ହେତୁ ଜଣେ ଯଦି ଅନ୍ୟ ପ୍ରତି ଈର୍ଷାଶୀଳ ହୁଏ ସେତେବେଳେ ଦୁଃଖ ବହୁଗୁଣିତ ହୋଇଥାଏ।

ଦୁଃଖକୁ ହଜମ କରିପାରିଲେ ମଣିଷ ସ୍ୱାଭାବିକ ରହେ। ମନରେ ଥରେ ଦୁଃଖ ଜମାଟ ବାନ୍ଧିଲେ ତାହା ଅଭେଦ୍ୟ ପାଚେରି ସୃଷ୍ଟି କରିପାରେ। ତାକୁ ଅତିକ୍ରମ କରିବା ସମ୍ଭବ ହୋଇପାରେନା। ଏମିତିରେ ଦୁଃଖ ବଢ଼େ। ନିଜ ଅନ୍ତରଙ୍ଗ ବନ୍ଧୁର ଖୁସି ନିଜ ପାଇଁ ପୀଡ଼ାଦାୟକ ମନେହୁଏ। ଅପରପକ୍ଷେ ନିଜର ଆତ୍ମୀୟ ଓ ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରୀତି ଛଳନା ନିର୍ଭେଜାଲ ମଣିଷଙ୍କୁ କଷ୍ଟଦିଏ। ଯେଉଁମାନଙ୍କ ମୁହଁରେ ଖୁସି ଦେଖିବାକୁ ତା'ର ଅପେକ୍ଷା ଥାଏ, ସେଇମାନଙ୍କ କପଟ ଆଚରଣ ସ୍ୱଭାବତଃ ଯନ୍ତ୍ରଣା ଦେଉଥିଲେ ବି ନିଜର ଉଦାର ହୃଦୟରେ କ୍ଷମା ଦିଏ। ସେ ଜାଣେ ଆଜିକା ସମାଜରେ ମିଠାଛଳନା ଅଧିକ, ଅନ୍ତରଙ୍ଗପଣ କମ୍। ମିତ୍ରତାଠାରୁ ଦ୍ରୋହ ବେଶି। ସମ୍ପର୍କଠାରୁ ତିକ୍ତତା ବହୁତ। ପ୍ରେମ ଅପେକ୍ଷା ପ୍ରତାରଣା ସହଜ।

ଅବଶ୍ୟ ତାତ୍ତ୍ୱିକ ଦୃଷ୍ଟିରୁ ଏପରି ଦୁଃଖ ମନୁଷ୍ୟକୁ ଅଧିକ ସଚେତନ କରେ ନିଜର ସୀମିତତା ଓ ବିଫଳତା ସମ୍ପର୍କରେ। ନିଜର ସାମର୍ଥ୍ୟକୁ ଚିହ୍ନାଇଦିଏ । ଜୀବନ ଯେ ନିର୍ଦ୍ଦିଷ୍ଟତା ଭିତରେ ସମ୍ପୂର୍ଣ୍ଣ ନୁହେଁ। ତା'ର ପରିସର ବ୍ୟାପକ ଓ ବହୁଭାଗ, ବହୁ ଦିଗ ଏବଂ ବହୁ ପ୍ରକାରର ସମାହାର ମାତ୍ର। ଏହି ସତ୍ୟକୁ ନେଇ ଦୁଃଖ ଆମକୁ ବାରମ୍ବାର ସ୍ମରଣକରାଏ। ତଥାପି ତଥାକଥିତ ମଣିଷମାନେ ନିଜର ସାମର୍ଥ୍ୟକୁ ଖୋଜି ସେ ଦିଗରେ ନିଜକୁ ପ୍ରତିଷ୍ଠାକରିବା ଅପେକ୍ଷା ଅନ୍ୟର ଛାୟାରେ ବଞ୍ଚିବା କିମ୍ବା ଅନ୍ୟର ସଫଳତାକୁ ନିଜର ବିଫଳତା ବୋଲି ଧରିବା ଏକ ଭ୍ରମ । ଏଇ ଭ୍ରମରେ ଯିଏ ଥରେ ପଡ଼େ ତା' ପାଇଁ ନିଜ ଅପେକ୍ଷା ବାକି ଲୋକ ଅଜବ ଲାଗନ୍ତି। ନିଜେ ଭଲ ବାକିସବୁ ଅସାର ଲାଗନ୍ତି। । ହଜମହୋଇପାରୁ ନ ଥିବା ଦୁଃଖ ମଧ୍ୟରେ ଏକ ମୌନ ଶିକ୍ଷା ଲୁଚିଥାଏ। ତା'ହେଲା ସହନଶୀଳତା, ସମ୍ବେଦନଶୀଳତା ଓ ଅନ୍ୟର ଯନ୍ତ୍ରଣାକୁ ବୁଝିବାର ଶକ୍ତି। ବଦହଜମିକୁ ସାଧାରଣ ରୋଗ ଭାବି ଯେଉଁମାନେ ଅବହେଳାକରନ୍ତି ତା'ର ଚରମ ପରିଣତି ସେମାନେ ଭୋଗନ୍ତି । ସେହିପରି ହଜମ ନ କରିପାରିବା ଦୁଃଖକୁ ଯିଏ ଜାବୁଡ଼ି ଧରନ୍ତି ସେମାନେ ମୁଖ୍ୟସ୍ରୋତରୁ ଉଭେଇ ଯାଆନ୍ତି।

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୦୯୦୯୬୭୧**

## ଏଇ ଭାରତରେ

ହାତୀଙ୍କ ପାଇଁ ହସ୍ପିଟାଲ, ଏମିତି କଥା କେବେ ଶୁଣିଥିଲେ କି। ଏଭଳି ଏକ ହସ୍ପିଟାଲ ଭାରତରେ ପ୍ରଥମେ ମଥୁରାରେ କରାଯାଇଛି। ଏଠାରେ ଶିକୁଳିରେ ବନ୍ଧାହୋଇ ରହୁଥିବା ଅବହେଳିତ ହାତୀଙ୍କର ହାଇଡ୍ରୋଥେରାପି ପୁଲ୍‌ଠାରୁ ଆରମ୍ଭ କରି ଭେଟେରିନାରି ଚିକିତ୍ସା କରାଯାଉଛି। ଯମୁନା ନଦୀ କୂଳରେ ୧୨,୦୦୦ ବର୍ଗଫୁଟ ଜମିରେ ପ୍ରତିଷ୍ଠା କରାଯାଇଥିବା ଏହ ୱାଇଲ୍ଡ ଲାଇଫ୍ ଏସ୍‌ଓଏସ୍ ଏଲିଫ୍ୟାଣ୍ଟ ହସ୍ପିଟାଲରେ ଆହତ, ଅସୁସ୍ଥ ହାତୀଙ୍କ ଚିକିତ୍ସା ହେଉଛି। ବିଶେଷକରି ଏହି ହାତୀମାନଙ୍କୁ ଅନେକ ବର୍ଷ ବନ୍ଦୀକରି ରଖାଯିବା ସହ ଭିକ୍ଷା କରିବାରେ ଲଗାଯାଇଥାଏ। ଅନେକ ଦଶନ୍ଧି ଧରି ସେମାନଙ୍କୁ ବାନ୍ଧି ରଖିବା ଯୋଗୁ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥାଏ। ଏହା ବ୍ୟତୀତ ଦୀର୍ଘଦିନର କ୍ଷତ ଓ ଗଣ୍ଠି ରୋଗରେ ସେମାନେ ପୀଡ଼ିତ ହେଉଛନ୍ତି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି କମ୍ ଖର୍ଚ୍ଚରେ ଚିକିତ୍ସା ସେବା ଯୋଗାଇ ଦିଆଯିବା ପାଇଁ ହସ୍ପିଟାଲ କରାଯାଇଛି। ଓ୍ୱାରଲେସ ଡିଜିଟାଲ ଏକ୍ସ–ରେ, ଥର୍ମାଲ ଇମେଜିଂ ଓ ଅଲଟ୍ରାସୋନୋଗ୍ରାଫି ଦ୍ୱାରା ରୋଗକୁ ଠିକ୍ ଭାବେ ଚିହ୍ନଟ କରାଯାଇପାରୁଛି। କ୍ୟାମ୍ପସ ମଧ୍ୟରେ ହାତୀ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ଯାହା ହାତୀଙ୍କ ଉଦ୍ଧେଶ୍ୟର କରାଯିବା ପରେ ତତ୍‌କ୍ଷଣାତ ଚିକିତ୍ସା କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ଜାନୁଆରୀ ୧୯୭୭**

- ରାଜ୍ୟ କଂଗ୍ରେ ଦଳର ବିଧାନସଭା ସଭ୍ୟ ତ୍ରିଲୋଚନ କାନୁନଗେ ଉପରୁ ଅଟଳ ଆଦେଶ ପ୍ରତ୍ୟାହୃତ।
- ଏୟାର ମାର୍ଶାଲ ତ୍ରିଲୋକ ନାଥ ଘଡ଼ିଓକ ଜାତୀୟ ପ୍ରତିରକ୍ଷା କଲେଜର କମାଣ୍ଡର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଚଳଇ ଧୀରେ ମେଘ ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ ରଚଇ ପରମାଦ
ମରମ କି ଦରଦ ଲଭଇ !
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦିଆଯାଉ

ମହାଶୟ,

କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ବିଚାର ବିଭାଗୀୟ ଅଫିସର(ହାକିମ)ଙ୍କୁ ପେନ୍‌ସନ ସହିତ ୨,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଥିବା ସ୍ଥଳେ ଏମ୍‌ଏଲ୍‌ଏଙ୍କୁ ୫୦,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଛନ୍ତି। ପୁନଶ୍ଚ ନିକଟ ଅତୀତରେ ସରକାରୀ ମନ୍ତ୍ରୀ ଓ ଏମଏଲଏମାନଙ୍କର ଭତ୍ତା ବଢ଼ାଇଛନ୍ତି। ଅନ୍ୟାନ୍ୟ ରାଜ୍ୟରେ ସରକାର ଚିକିତ୍ସା ଭତ୍ତା ଦେଉଥିବାବେଳେ ଓଡ଼ିଶା ସରକାର ପେନସନରଙ୍କ ଚିକିତ୍ସା ଭତ୍ତା କଥାକୁ କର୍ଣ୍ଣପାତ କରୁନାହାନ୍ତି। ବର୍ତ୍ତମାନ ଦେଉଥିବା ପେନସନ ଟଙ୍କା ସମୁଦ୍ରକୁ ଶଙ୍ଖେ ପରି ମନେହୁଏ। ପେନସନରଙ୍କ ଅଧାରୁ ଅଧିକ ଟଙ୍କା ଔଷଧ କିଣାରେ ଯାଉଥିବା ବେଳେ ପରିବାର ପ୍ରତିପୋଷଣ ସମ୍ଭବ ହେଉନାହିଁ। କେନ୍ଦ୍ରର ପେନ୍‌ସନ ୨୪ଟି ରାଜ୍ୟର ପେନ୍‌ସନର ଓ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଏହି ଭତ୍ତା ପାଉଥିବାରୁ ରାଜ୍ୟ ପେନସନରଙ୍କ ଏହା ଏକ ଯୁକ୍ତିଯୁକ୍ତ ଦାବି। ଏଣୁ ରାଜ୍ୟ ସରକାର ପେନ୍‌ସନରମାନଙ୍କ ପାଇଁ ଚିକିତ୍ସା ଭତ୍ତା ମଞ୍ଜୁର କରିବାକୁ ଅନୁରୋଧ। ଏହାଦ୍ୱାରା ରାଜ୍ୟର ୬୫ ଲକ୍ଷ ପେନ୍‌ସନରଙ୍କ ପରିବାର ଉପକୃତ ହେବେ।

**–ସୁରେଶ କୁମାର ସାହୁ, ଅବସରପ୍ରାପ୍ତ କର୍ମଚାରୀ (ବିଚାର ବିଭାଗ), ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | 7 |
| | | 2 | | | | | | |
| | | | | 7 | | | 8 | |
| | 4 | | 7 | 6 | | 2 | | |
| | 6 | | | | 2 | | | 3 |
| | | | 1 | | | | 5 | |
| | | | 2 | | | 1 | | 5 |
| | 7 | 1 | | 8 | 9 | | | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 3 | 6 | 9 | 2 | 8 | 5 |
| 3 | 2 | 9 | 5 | 8 | 7 | 1 | 4 | 6 |
| 8 | 5 | 6 | 2 | 4 | 1 | 7 | 3 | 9 |
| 5 | 9 | 2 | 8 | 3 | 4 | 6 | 7 | 1 |
| 7 | 4 | 8 | 9 | 1 | 6 | 3 | 5 | 2 |
| 1 | 6 | 3 | 7 | 5 | 2 | 8 | 9 | 4 |
| 9 | 8 | 1 | 6 | 7 | 5 | 4 | 2 | 3 |
| 2 | 7 | 4 | 1 | 9 | 3 | 5 | 6 | 8 |
| 6 | 3 | 5 | 4 | 2 | 8 | 9 | 1 | 7 |

ଗତକାଲିର ଉତ୍ତର

# ନିଷ୍ଠାନୀଳମଣି: ବୈଷ୍ଣବଜନଙ୍କ ମୁକ୍ତି-ସରଣୀ

**ଅତୀତର ବହି**



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

**ରୀତି ଯୁଗର ଅନ୍ୟତମ ପ୍ରମୁଖ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା। ତିରିଶରୁ ଅଧିକ ଧର୍ମ ଓ କାହାଣୀଭିତ୍ତିକ କାବ୍ୟର ରଚୟିତା ହୋଇ ବି ଢେର୍ ଦିନଯାଏ ଓଡ଼ିଆ ସାହିତ୍ୟରେ ସେ ଉପେକ୍ଷିତ। ଅଭିମନ୍ୟୁ ସାମନ୍ତସିଂହାର ତାଙ୍କ 'ପ୍ରେମକଳା' କାବ୍ୟରେ ସଦାନନ୍ଦଙ୍କୁ ନିଜର କାବ୍ୟଗୁରୁ ଭାବେ ଅଭିହିତ କଲାପରେ ତାଙ୍କ ପ୍ରତି ସୁଧୀଜନଙ୍କର ଦୃଷ୍ଟି ଆକର୍ଷିତ ହୁଏ। ସଦାନନ୍ଦ ବ୍ରହ୍ମା(ହୋତା)ଙ୍କର ଜନ୍ମହୁଏ ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ଭିକାରୀପଡ଼ା ଗ୍ରାମରେ ୧୭୩୮ ଖ୍ରୀଷ୍ଟାବ୍ଦରେ। ଲଡୁକେଶ୍ୱରଙ୍କ ପ୍ରସାଦରୁ ଜନ୍ମ ହୋଇଥିବାରୁ ତାଙ୍କ ପିତୃଦତ୍ତ ନାମ ସଦାଶିବ। ସ୍ନେହରେ ମା' ଡାକନ୍ତି ସଦାନନ୍ଦ। ତାଙ୍କର ଗୁରୁଦତ୍ତ ନାମ ସାଧୁଚରଣ ଦାସ।**



ସଦାନନ୍ଦଙ୍କ ପିତା ପରମାନନ୍ଦ ବ୍ରହ୍ମା ଓ ମାତା ଭବାନୀଦେବୀ ଏବଂ ଗୁରୁ ଶ୍ରୀ କିଶୋର ଦାସ। ସେ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନେକ କାବ୍ୟ-କବିତା ରଚନା କରିଛନ୍ତି। ସଂସ୍କୃତ, ପାର୍ଶୀ ଓ ମରାଠୀ ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା। ଓଡ଼ିଆ ଭାଷାରେ ସେ ଯୁଗଳ ରସାମୃତଲହରୀ, ଯୁଗଳ ରସାମୃତ ଭଉଁରୀ, ଲଳିତ ଲୋଚନା, ପ୍ରେମ କଳ୍ପଲତା, ପ୍ରେମ ତରଙ୍ଗିଣୀ, ନିଷ୍ଠାନୀଳମଣି, ନାମଚିନ୍ତାମଣି, ଚୌରଚିନ୍ତାମଣି, ପ୍ରୀତିଚିନ୍ତାମଣି ପ୍ରଭୃତି କାବ୍ୟ-କବିତା ରଚନା କରିଛନ୍ତି। ଏଥିସହିତ ଅନେକ କ୍ଷୁଦ୍ର କବିତା, ଚଉତିଶା ଓ ଜଣାଣ ରଚନା ସହ ଭଗବଦ୍ ଗୀତାର ଅନୁବାଦ କରିଛନ୍ତି। ଏସବୁ ତାଳପତ୍ରରେ ଲିଖିତ ହୋଇଥିଲା। ଯହିଁରୁ କିଛି ପୁସ୍ତକାକାରରେ ପ୍ରକାଶ ପାଇଛି। ପୁରୀର ଗଜପତି ବୀରକେଶରୀ ଦେବ ତାଙ୍କ କବିତ୍ୱରେ ମୁଗ୍ଧହୋଇ ତାଙ୍କୁ କବିସୂର୍ଯ୍ୟ ଉପାଧି ପ୍ରଦାନ କରିଥିଲେ।

ତାଙ୍କ କୁଳର ସାଙ୍ଖ୍ୟ ହୋତା ହୋଇଥିଲେ ମଧ୍ୟ ରାଜାଙ୍କ ଦ୍ୱାରା ତାଙ୍କର ପିତାମହ ବ୍ରହ୍ମା ଉପାଧି ପ୍ରାପ୍ତ ହୋଇଥିଲେ। ସେ ସମୟରେ ବ୍ରାହ୍ମଣ ଶାସନଗୁଡ଼ିକରେ ଗ୍ରାମର ଭଲମନ୍ଦ ବୁଝିବା ଓ ସଭାସମିତିରେ ରାଜାଙ୍କର ପ୍ରତିନିଧିତ୍ୱ କରିବା ପାଇଁ ରାଜାମାନେ ସେହି ଗ୍ରାମ କିମ୍ବା ଅନ୍ୟ ଶାସନର ଜ୍ଞାନୀ, ଗୁଣୀ ଓ ବୁଦ୍ଧିମାନ ବ୍ରାହ୍ମଣଙ୍କୁ ବ୍ରହ୍ମା ପଦରେ ନିଯୁକ୍ତି ଦେଉଥିଲେ। ସଦାନନ୍ଦଙ୍କ ପିତା ପରମାନନ୍ଦ ହୋତାଙ୍କୁ ଭିକାରୀପଡ଼ା ଗ୍ରାମର ବ୍ରହ୍ମା ଉପାଧି ମିଳିଥିଲା। ବଂଶାନୁକ୍ରମେ ସଦାନନ୍ଦଙ୍କୁ ମଧ୍ୟ ପୁରୀ ଗଜପତି ବୀରକେଶରୀ ଦେବ ବ୍ରହ୍ମା ଉପାଧି ପ୍ରଦାନ କରିଥିଲେ। ଏହି ଦୁଇଟି ଉପାଧିକୁ ବୈଷ୍ଣବ ଧର୍ମ ଗ୍ରହଣ ପରେ ବୈଷ୍ଣବମାନଙ୍କ ବିରୋଧ ସତ୍ତ୍ୱେ ସେ ଛାଡ଼ିପାରି ନଥିଲେ। ସେ ଲେଖିଛନ୍ତି: ''ମୁଁ କବିସୂର୍ଯ୍ୟ ବ୍ରହ୍ମା ଏହି ଗୁମାନ / କୃଷ୍ଣ ନ ଭଜି ବୃଥା ନେଉଛି ଦିନ ଯେ।'' (ଚତୁର୍ଥ ଛାନ୍ଦ, ନିଷ୍ଠାନୀଳମଣି)

ତାଙ୍କ ରଚିତ 'ନିଷ୍ଠାନୀଳମଣି' କାବ୍ୟଟି ବୈଷ୍ଣବ କାବ୍ୟ ଜଗତରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ। ବୈଷ୍ଣବ ଧର୍ମର ନିଷ୍ଠା ଓ ନିୟମ ସହିତ ଆଚାର, ବିଚାର ଓ ପ୍ରଚାର ପାଇଁ ଏହି ଗ୍ରନ୍ଥ ଅଭିପ୍ରେତ। ଚୈତନ୍ୟପନ୍ଥୀଙ୍କ ଚିନ୍ତା, ଚେତନା ଓ ଆଚାର ବ୍ୟବହାରର ତାତ୍ତ୍ୱିକ ପ୍ରତିଫଳନ ଓ ଧାର୍ମିକ ପଥପ୍ରଦର୍ଶନ ହିଁ ପୁସ୍ତକର ଆଭିମୁଖ୍ୟ। ଓଡ଼ିଶୀ ବୈଷ୍ଣବ ଧର୍ମକୁ ନିବିଡ଼ଭାବେ ବୁଝିବାକୁ ଏହା ଏକ ପ୍ରାମାଣିକ ଗ୍ରନ୍ଥ। ଅଳ୍ପରେ ତତ୍ତ୍ୱବୋଧ ଓ ବିଶୁଦ୍ଧ କବିତ୍ୱର ପରିପ୍ରକାଶ ଏଥିରେ ଘଟିଛି। ଧାର୍ମିକ ତତ୍ତ୍ୱଗ୍ରନ୍ଥଗୁଡ଼ିକ ଶ୍ରୋତା-ବକ୍ତାକ୍ରମରେ ପ୍ରଶ୍ନ ଉତ୍ତର ଛଳରେ ଲେଖାଯାଇଥାଏ। ସଦାନନ୍ଦ ମନ ଓ ଚିତ୍ତକୁ ସମ୍ବୋଧନ କରି ଗଭୀର ତତ୍ତ୍ୱଗୁଡ଼ିକୁ ଅତି ସରଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଜଣାଯାଏ, ଏହି ଗ୍ରନ୍ଥ ୧୭୮୦ ଖ୍ରୀଷ୍ଟାବ୍ଦ ପରେ ରଚିତ। ଶ୍ରୀ ରାଧାକୃଷ୍ଣ ବସୁଙ୍କ ଦ୍ୱାରା ସଂଶୋଧିତ ହୋଇ ୟୁନିଅନ୍ ପ୍ରିଣ୍ଟିଂ ୱାର୍କ୍ସ, କଟକରେ ୧୯୨୦ରେ ଏହା ପୁସ୍ତକ ଆକାରରେ ପ୍ରକାଶିତ। ପୁସ୍ତକରେ ୧୨ଟି ଛାନ୍ଦ ରହିଛି। ପ୍ରଥମ ଛାନ୍ଦ ମଙ୍ଗଳାଚରଣରେ ସରସ୍ୱତୀଙ୍କ ବନ୍ଦନା କରାଯାଇଛି। ପ୍ରାକୃତ ଓଡ଼ିଆ ଓ ସଂସ୍କୃତର ସମ୍ମିଳିତ ଭାଷାରେ କାବ୍ୟଟି ରଚିତ (''ବହୁ ଛନ୍ଦ ବନ୍ଧ କାବ୍ୟ ପରାକୃତ ମତେ / ମୋ ମୁଖେ ପ୍ରକାଶିଲେ ସଂସ୍କୃତ ସମ୍ମିଳିତେ।'')

ନୟାଗଡ଼, ଦଶପଲ୍ଲା, ଘୁମୁସର ଓ ଚିକିଟି ପରେ କବି ପୁରୀରେ ଅବସ୍ଥାନ କରିଥିଲେ। ଚିକିଟି ଦରବାରରୁ ସେ ମହାକବି ଉପାଧି ପାଇଥିଲେ। ପୁରୀ ରହଣି ସମୟରେ ବୈଷ୍ଣବ ଧର୍ମ ଗ୍ରହଣ ସହ ଜଗନ୍ନାଥ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁପୁରଗଡ଼ର ରାଜା ଘନଶ୍ୟାମ ନରେନ୍ଦ୍ର ମଠ ପ୍ରତିଷ୍ଠାକରି ତାଙ୍କୁ ମହନ୍ତ କରିଥିଲେ। ଦ୍ୱୈତବାଦୀ ବୈଷ୍ଣବ ଓ ଅଦ୍ୱୈତବାଦୀକୁ ସ୍ୱାର୍ତ୍ତରୂପେ ସେ ସ୍ୱୀକାର କରିଛନ୍ତି। ଶୈବ, ଶାକ୍ତ, ଗାଣପତ୍ୟ, ସୌର ଚାରି ସମ୍ପ୍ରଦାୟ ସମ୍ପର୍କରେ ବିଶଦ ବର୍ଣ୍ଣନା ଗ୍ରନ୍ଥରେ ରହିଛି। ବୈଷ୍ଣବଧର୍ମୀମାନଙ୍କର ସମ୍ବନ୍ଧ କୃଷ୍ଣଙ୍କ ସହିତ ସେବ୍ୟ ଓ ସେବକ। କୃଷ୍ଣ ପ୍ରଭୁ ଅନ୍ୟମାନେ ତାଙ୍କର ଦାସ। ସେ ଚାରିଟି ସମ୍ପ୍ରଦାୟ ସମ୍ପର୍କରେ ବିଶେଷ ବର୍ଣ୍ଣନା କରିଛନ୍ତି। 'ଶ୍ରୀ' ସମ୍ପ୍ରଦାୟ ଲକ୍ଷ୍ମୀ ଉପାସନା ଆଧାରିତ ଏବଂ ଏହାର ଶ୍ରେଷ୍ଠ ଆଚାର୍ଯ୍ୟ ରାମାନୁଜ। 'ବ୍ରହ୍ମା' ସମ୍ପ୍ରଦାୟର ମାଧ୍ୱାଚାର୍ଯ୍ୟ, ସନକ ସମ୍ପ୍ରଦାୟର ନିମ୍ବାନୁଜ, ଶିବ ସମ୍ପ୍ରଦାୟର ବିଷ୍ଣୁସ୍ୱାମୀ ପ୍ରମୁଖ ଆଚାର୍ଯ୍ୟ ଆପଣା ଆପଣା ଧର୍ମମତକୁ ପ୍ରଚାର କରିଥିଲେ। ଚାରି ସମ୍ପ୍ରଦାୟଙ୍କର ଚାରିଟି ଧାମ ରାମନାଥ, ବଦ୍ରିକା, ଦ୍ୱାରକା ଓ ବୃନ୍ଦାବନ। ବୃନ୍ଦାବନ ପ୍ରଭୁ କୃଷ୍ଣଙ୍କ ବାସ। ଏଣୁ ଏହାକୁ ସେ ନିତ୍ୟଧାମ ରୂପରେ ସୂଚିତ କରିଛନ୍ତି। ତୃତୀୟ ଛାନ୍ଦରେ ଶାସ୍ତ୍ରନିଷ୍ଠା, ଚତୁର୍ଥ ଛାନ୍ଦରେ ଶ୍ରୀଗୁରୁନିଷ୍ଠା, ପଞ୍ଚମ ଛାନ୍ଦରେ ଆଚାରନିଷ୍ଠା, ଷଷ୍ଠ ଛାନ୍ଦରେ ସଙ୍ଗନିଷ୍ଠା, ସପ୍ତମ ଛାନ୍ଦରେ ଏକାନ୍ତ ଭକ୍ତିନିଷ୍ଠା, ଅଷ୍ଟମ ଛାନ୍ଦରେ ଧାମନିଷ୍ଠା, ନବମ ଛାନ୍ଦରେ ତତ୍ତ୍ୱନିଷ୍ଠା, ଦଶମ ଛାନ୍ଦରେ କୃପାନିଷ୍ଠା, ଏକାଦଶ ଛାନ୍ଦରେ ରସନିଷ୍ଠା ଏବଂ ଦ୍ୱାଦଶ ଛାନ୍ଦରେ ଗଣନିଷ୍ଠା ବର୍ଣ୍ଣିତ ହୋଇଛି। ଗଣନିଷ୍ଠାରେ କୃଷ୍ଣଙ୍କର ପ୍ରିୟା ତିନି ପ୍ରକାରର ଗୋପୀ, ମହିଷୀ ଓ ଲକ୍ଷ୍ମୀଗଣ। ଏମାନେ ଦେବକନ୍ୟା, ବେଦକନ୍ୟା ଓ ମୁନିକନ୍ୟା। ଏ ଭିତରୁ ଗୋପୀକନ୍ୟାମାନେ ନିତ୍ୟସିଦ୍ଧା। 'ନିଷ୍ଠାନୀଳମଣି' ଗ୍ରନ୍ଥରେ ଗୂଢ଼ ବୈଷ୍ଣବ ତତ୍ତ୍ୱକୁ କବି ସହଜଭାବେ ବ୍ୟକ୍ତ କରିଛନ୍ତି। ମନକୁ ବୁଝାଇବା ଓ ଧର୍ମତତ୍ତ୍ୱ ପ୍ରତି ସାଧାରଣ ପାଠକଙ୍କୁ ଆକୃଷ୍ଟ କରିବାରେ ନିଷ୍ଠାନୀଳମଣି ସଫଳ ହୋଇଛି। ସବୁ ଇନ୍ଦ୍ରିୟ ମଧ୍ୟରେ ମନ ସାର। ଏଣୁ ମନ ବା ଚିତ୍ତକୁ ବୁଝାଇବା ପାଇଁ ଏହି ଗ୍ରନ୍ଥରେ ସଫଳ ପ୍ରୟାସ କରାଯାଇଛି। କବିଙ୍କ ଭାଷାରେ ''ସବୁ ଇନ୍ଦ୍ରିୟରେ ପ୍ରଧାନ ମନ ସେ/ ତାହାର ବିଚାର ହେଲା ଏବେ ଏହି ଆଶେ/ କେ ଶ୍ରୋତା କେ ବକ୍ତା ଏଠି କିଛି ନ ବର୍ଣ୍ଣିବି/ ବାତୁଳ ପରାଏ କିଛି ବର୍ଣ୍ଣନ କରିବି।'' (ପ୍ରଥମ ଛାନ୍ଦ)

'ନିଷ୍ଠାନୀଳମଣି'ରେ କବି ନିଜ ମନକୁ ସମ୍ବୋଧନ କରି ତାତ୍ତ୍ୱିକ ଉପଦେଶ ଦେଇଛନ୍ତି। ତାଙ୍କ ମତରେ ଗୌରାଙ୍ଗ (ଚୈତନ୍ୟ)ଙ୍କ ହାଟରେ ବହୁ ଦ୍ରବ୍ୟ ଅଛି। କ୍ରୟ ବିକ୍ରୟ ପାଇଁ ବହୁ ମହାଜନଙ୍କର ଭିଡ଼। ଏଥିମଧ୍ୟରେ କବି ନିଜକୁ ଜଣେ ନୂତନ ବେପାରୀ ବୋଲି କହିଛନ୍ତି। ଲାଭ ଆଶାରେ ମହାଜନମାନେ ଦ୍ରବ୍ୟ କିଣି ସୁନ୍ଦର ପସରା ମେଲିଛନ୍ତି। ଏହି ପସରା ହିଁ 'ନିଷ୍ଠାନୀଳମଣି'। ଯାଚି ଯାଚି ଦ୍ରବ୍ୟ ଦେବା ଉଚିତ ନୁହେଁ ବରଂ


ଭକ୍ତକବି ଶ୍ରୀ କବିସୂର୍ଯ୍ୟବ୍ରହ୍ମାଙ୍କ ପ୍ରଣୀତ
ନିଷ୍ଠାନୀଳମଣି
ଶ୍ରୀରାଧାକୃଷ୍ଣ ବସୁ, ଏମ୍, ଏଙ୍କ
ଦ୍ୱାରା
ପ୍ରକାଶିତ।
ପ୍ରଥମ ସଂସ୍କରଣ
The Union Printing Works,
Printer J. Pradhan,
CUTTACK.
1920
ମୂଲ୍ୟ [illegible] ମାତ୍ର।

ରସିକ ଗ୍ରାହକେ ଆପେ ଆସି ଏ ଦ୍ରବ୍ୟ କିଣିବେ। କବି ଉପେନ୍ଦ୍ର ଭଞ୍ଜଙ୍କ ପରବର୍ତ୍ତୀ ସମୟର ଜଣେ ନିଷ୍ଠାବାନ୍ କବି ଓ ବୈଷ୍ଣବ ଧର୍ମ ପ୍ରବକ୍ତାଭାବେ ତାଙ୍କର ଆସନ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ କାଳକାଳକୁ ସୁରକ୍ଷିତ।

- ୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ

### ଓଡ଼ିଆ ସାହିତ୍ୟ



**କିଛି ମତ କିଛି ଅଭିମତ**
**ଲେଖକ:** ସୁମନ୍ୟୁ ଶତପଥୀ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୯୫/-

ଆଲୋଚ୍ୟ ବହିରେ ଲେଖାର ପ୍ରକାରଭେଦକୁ ନେଇ ଚାରିଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ସୃଷ୍ଟି'', ଦ୍ୱିତୀୟ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ସ୍ରଷ୍ଟା'' ତୃତୀୟ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ଶୈଳୀ'' ଓ ଚତୁର୍ଥ ପରିଚ୍ଛେଦ 'ସାକ୍ଷାତ୍କାର'। ''ବହି ବିଷୟରେ ଦୁଇପଦ'' ଶୀର୍ଷକ ଗଦ୍ୟଲେଖରେ ଲେଖାଗୁଡ଼ିକର ସଂହତି ବିଷୟରେ ଉଲ୍ଲେଖ କରି ଇଂଲିଶ୍ ସାହିତ୍ୟରେ ଅଧ୍ୟାପନା ସତ୍ତ୍ୱେ ସେ କିପରି ନିଜ ମାତୃଭାଷା ଓଡ଼ିଆ ପ୍ରତି ଆବେଗାତ୍ମକ ଭାବେ ଶ୍ରଦ୍ଧାଶୀଳ ତାହା ବ୍ୟକ୍ତ କରିଛନ୍ତି। ବାପା ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ଦିଗପାଳ ବସନ୍ତ କୁମାର ଶତପଥୀଙ୍କଠୁଁ ସେ ଯେ କଥା କହିବାର ଚତୁରତା ଛଡ଼ାଇ ଆଣିଛନ୍ତି, ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ପଢ଼ିଲେ ତାହା ଜାଣିହୁଏ। ଗୋଟିଏ ଦୃଷ୍ଟାନ୍ତ ଏତେ ପ୍ରଭାବିତ କରେ ଯେ, ତାହା ଉଲ୍ଲେଖ ନ କରି ରହିହୁଏ ନାହିଁ। ନିଜ ପତ୍ନୀ ଅପର୍ଣ୍ଣାଙ୍କୁ ଆଲୋଚ୍ୟ ବହିର ଡମି କପିଟି ଦେଖାଇବା ପରେ ସେ ଏହି ମର୍ମରେ କହନ୍ତି: ''ତମେ ଇଂରାଜୀରେ ପ୍ରଫେସର ଓ ଇଂରାଜୀରେ ଲେଖାପଢ଼ା କର ବୋଲି କହିବାରୁ ମୁଁ ତମକୁ ବାହାହେଇଗଲି। କିନ୍ତୁ ତମେ ଯେ ଓଡ଼ିଆରେ ଲେଖ- ଏ କଥା ଏବେ ଧରାପଡ଼ିଲା।'' ପ୍ରଥମ ପରିଚ୍ଛେଦରେ ଥିବା ଲେଖାଗୁଡ଼ିକ ମଧ୍ୟରୁ ପ୍ରଥମଟି ତୁଳନାତ୍ମକ ''ସେକ୍ସପିୟରଙ୍କ ଟେମ୍ପେଷ୍ଟ ଓ ରାମଶଙ୍କରଙ୍କ ବନବାଳା''। ଅନ୍ୟ ପ୍ରସଙ୍ଗ ମଧ୍ୟରେ ରହିଛି ରାଧାନାଥଙ୍କ ମହାଯାତ୍ରା, ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠର ଇଂରାଜୀ ଅନୁବାଦ, ଲଛମା; ଗୋପୀନାଥ ମହାନ୍ତିଙ୍କ ଟଡ଼ପା, ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼', ରମାକାନ୍ତ ରଥଙ୍କ 'ଶ୍ରୀରାଧା', ଅଖିଳ ନାୟକଙ୍କ 'ଭେଦ' ଓ ବାସୁଦେବ ସୁନାନୀଙ୍କ 'ମଶାଣି ସହର ଦିଲ୍ଲୀ'ର ଦଳିତ ଭାବନା। ଦ୍ୱିତୀୟ ପରିଚ୍ଛେଦରେ ଗୋପାଳ ଛୋଟରାୟ, ବସନ୍ତ ଶତପଥୀ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ଜେ.ପି. ଦାସ ଓ ହୃଷୀକେଶ ମଲ୍ଲିକଙ୍କ ଲେଖକୀୟ ସ୍ୱାତନ୍ତ୍ର୍ୟ ଆଲୋଚିତ। ତୃତୀୟ ପରିଚ୍ଛେଦରେ ଓଡ଼ିଆ ଭ୍ରମଣ ବୃତ୍ତାନ୍ତ ପରିସରରେ ଭୁବନେଶ୍ୱର ବେହେରାଙ୍କ ପଶ୍ଚିମ ଆଫ୍ରିକାରେ ଡେଙ୍ଗି, ଶୈଳୀ ନନ୍‌ସେନ୍ସ, ଓଡ଼ିଆ ଲାଳିକା ଓ ଅନୁବାଦ ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଛି। ଚତୁର୍ଥ ପରିଚ୍ଛେଦରେ ଜୟନ୍ତ ମହାପାତ୍ର ଓ ମନୋଜ ଦାସଙ୍କ ସହ ସାକ୍ଷାତ୍କାର ବହିଟିକୁ ପୁଷ୍କଳ କରିଛି। ଦୃଷ୍ଟିକୋଣର ଭିନ୍ନତା ଓ ପ୍ରସଙ୍ଗର ବିବିଧତା ଦୃଷ୍ଟିରୁ ଆଲୋଚ୍ୟ ପୁସ୍ତକଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ସମୟୋପଯୋଗୀ ସଂଯୋଗ।

### ଓଲଟପୁର



**ଲେଖକ:** ବିରଜା ରାଉତରାୟ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସଟିର କଳେବର ୧୧୧ ପୃଷ୍ଠାର, ତଥାପି ଏହାକୁ ଉପନ୍ୟାସ ନ କହି ଲେଖକ କହିଛନ୍ତି 'ଉପନ୍ୟାସିକା' (ପ୍ରଚ୍ଛଦଲେଖ)। 'ଓଲଟପୁର' ପରି କୃତ୍ରିମ ଅଙ୍ଗନ୍ୟାସ ଓ ସେବା ଚିକିତ୍ସାର ଏକ ବିଶ୍ୱସନୀୟ ପ୍ରତିଷ୍ଠାନ ହେଉଛି ଉପନ୍ୟାସର ପ୍ରସଙ୍ଗ। ଦୁର୍ଘଟଣା ଓ ନାନା ପ୍ରତିକୂଳ ସ୍ଥିତିର ଶିକାର ହୋଇ ଭିନ୍ନକ୍ଷମ ହୋଇଯାଇଥିବା ଲୋକଙ୍କର ଆଶାର କେନ୍ଦ୍ରଭାବେ ଲେଖକ 'ଓଲଟପୁର' ଉପନ୍ୟାସଟିକୁ ଗଢ଼ି ତୋଳିଛନ୍ତି। ସୀମାଦ୍ରି ଓ ତା'ର ସେବିକା ବିଦ୍ୟୁ ଉପନ୍ୟାସର ମୁଖ୍ୟ ଚରିତ୍ର ହୋଇଥିଲେ ବି ଏଥିରେ ଥିବା ଅନ୍ୟ ଚରିତ୍ର ଯଥା- ରୋନି, ରୋହିତ, କାଳିଆ, ଅର୍ପିତା, ଐଶ୍ୱର୍ଯ୍ୟା ଓ ବିଭୂତିବାବୁ ଆଦିଙ୍କ ଉପଲବ୍ଧି ଗ୍ରନ୍ଥର କାହାଣୀକୁ ଜୀବନ୍ତ ଓ ପ୍ରେରଣାମୟ କରିଛି। ଓଲଟପୁରର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ହାଡ଼ଭଙ୍ଗା, ସ୍ନାୟବିକ ତ୍ରୁଟି, ମେରୁଦଣ୍ଡ ଆଘାତ, ମସ୍ତିଷ୍କାଘାତ ଓ ପକ୍ଷାଘାତ ଆଦି ରୋଗର ଚିକିତ୍ସା ସଫଳତାର ସହ କରାଯାଏ। ଯେତେବେଳେ ଜୀବନର ସବୁ ଆଶା ତୁଟିଯାଏ, ଓଲଟପୁର ହୋଇଉଠେ ଜୀବନର ନୂଆ ସୂର୍ଯ୍ୟୋଦୟ। ଓଲଟପୁର ନିର୍‌ତାର୍‌ର ପୁନର୍ବାସ କେନ୍ଦ୍ରରେ ସୀମାଦ୍ରିର ପ୍ରଥମ ସକାଳ। ବ୍ୟକ୍ତିଗତ ସେବିକା ବିଦ୍ୟୁଲତା ସୀମାଦ୍ରିକୁ ବସାଇ ହୁଇଲ୍‌ଚେୟାରକୁ ଆଗକୁ ଗଡ଼ାଇ ନେଉନେଉ କହୁଛି: ''ଦିଦି, ମୁହଁରେ ଟିକେ ଛୋଟ ସ୍ମାଇଲ୍ ତ ଦିଅନ୍ତୁ! ଆଜିଠୁଁ ଆପଣଙ୍କର ଥେରାପି ନୂଆ ଆରମ୍ଭ ହେବ। ଦେଖିବେ, ଆପଣ ସିନା ଆସିଲାବେଳେ ଏଠାକୁ ହୁଇଲ୍‌ଚେୟାରରେ ବସିକି ଆସିଥିଲେ, କିନ୍ତୁ ଗଲାବେଳକୁ ବହୁତ କିଛି ବଦଳି ଯାଇଥିବ। ମୋ ମନ କହୁଛି ସେମିତି କିଛି ଗୋଟେ ନିଶ୍ଚୟ ହେବ।'' ନିରକ୍ଷ ଜନଙ୍କ ଭିତରେ ସାହସ, ଭରସା ଓ ଆଶାର ଚମକ ଭରିଦିଏ ଉପନ୍ୟାସଟି। ପ୍ରଚ୍ଛଦଲେଖରେ କୁହାଯାଇଛି: ''ଓଲଟପୁର ଏକ ଜୀବନ ଦର୍ଶନ। ଏଠି ଜୀବନ ଯେତିକି ଅସହାୟ, ସେତିକି ସମ୍ଭାବନାମୟ।'' ଉପନ୍ୟାସଟି ବିରଜାଙ୍କ ସୃଜନଯାତ୍ରାର ଏକ ନୂଆ ମାଇଲଷ୍ଟୋନ୍।

## କାଳକାଳକୁ



**''ତମେ ଯଦି ସମସ୍ତେ ପଢୁଥିବା ବହି ପଢୁଛ,
ତେବେ ସମସ୍ତେ ଯାହା ଭାବନ୍ତି,
କେବଳ ତାହା ହିଁ ଭାବିବ।''
-ହାରୁକି ମୁରାକାମି**

**ହାରୁକି ମୁରାକାମିଙ୍କ** ଜନ୍ମ ୧୨ ଜାନୁଆରୀ ୧୯୪୯ରେ ଜାପାନର କ୍ୟୋଟୋରେ। ସେ ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ। ବିଶ୍ୱର ପଚାଶରୁ ଅଧିକ ଭାଷାରେ ତାଙ୍କ ସାହିତ୍ୟ ଅନୂଦିତ ହୋଇଛି। ଜାପାନୀ ଭାଷା-ସାହିତ୍ୟର ସବୁଠୁଁ ଅଧିକ ବିକ୍ରିତ ପୁସ୍ତକର ସେ କାଳଜୟୀ ରଚୟିତା। ବିଶ୍ୱ ସାହିତ୍ୟକୁ ଅମୂଲ୍ୟ ଅବଦାନ ପାଇଁ ଅନେକ ପୁରସ୍କାର ଓ ସମ୍ମାନରେ ସେ ପୁରସ୍କୃତ ହୋଇଛନ୍ତି; ଯହିଁରେ ଅନ୍ତର୍ଭୁକ୍ତ 'ଗୁନ୍‌ଜୋ ନବଲେଖକ ପୁରସ୍କାର', 'ୟୋମିୟୁରି ପୁରସ୍କାର', 'ଫ୍ରାଙ୍କ ଓ କନୋର ଅନ୍ତର୍ଜାତୀୟ କଥା ପୁରସ୍କାର', 'ନୋମା ସାହିତ୍ୟ ପୁରସ୍କାର', 'ଫ୍ରାନ୍‌ଜ କାଫ୍‌କା ପୁରସ୍କାର', 'ଗୁଡ୍ ରିଡ୍‌ସ ଚଏସ୍ ପୁରସ୍କାର', 'ଜେରୁଜେଲମ୍ ପୁରସ୍କାର' ଓ 'ପ୍ରିନ୍‌ସେସ୍ ଅଫ ଅଷ୍ଟୁରିୟାସ୍ ପୁରସ୍କାର'। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି- 'ନରୱେଜିଆନ୍ ଉଡ୍'(୧୯୮୭), 'କାଫ୍‌କା ଅନ୍ ଦ ସୋର୍'(୨୦୦୨); 'ମ୍ୟାନ୍ ୱିଦାଉଟ୍ ଓମେନ୍' (୨୦୧୪)। ହାରୁକିଙ୍କ ପ୍ରଥମ ଉପନ୍ୟାସ 'ହିଅର ଦ ଉଇଣ୍ଡ୍ ସିଙ୍ଗ୍' ପ୍ରକାଶ ପାଇଥିଲା ୧୯୭୯ରେ। ସେ କହନ୍ତି: ''ମୁଁ ସ୍ୱପ୍ନ ଦେଖେ ଓ ଭାବେ ଏହା ହିଁ ଏକମାତ୍ର କରିବା ଲାଏକ କାମ।''

## କବିତା

### ଭୁଲିଯିବାର ବେଳ

ଡ. ଅନିଲ ନନ୍ଦ

**ସେ**ମାନେ ଭୁଲିଗଲେଣି ସେଦିନଠୁ
ନଈ ସୁଅରେ ଭାସିଯିବା ପରେ
ଚିକ୍‌ଚିକ୍ ଛିଟ ରଙ୍ଗର ଶାର୍ଟ
ପିନ୍ଧି ଆସୁଥିବା ବହୁଦିନର
ଚଉଡ଼ା ବାଟା ଚପଲ।

ଖାଲି ସେମାନେ ନୁହଁ
ଅଭିଯାନରେ ବାହାରିଥିବା
ପାଖ ଓ ଦୂର ଲୋକମାନେ ବି
ଭୁଲିଯାଆନ୍ତି କିଛି ନା କିଛି
ବର୍ଷାରେ ଧୋଇଯିବା ପରେ ଝାଳ
ଖରାରେ ଶିଝିଯିବା ପରେ ରକ୍ତ।

କିଛି କ୍ଷତରେ କଅଁଳି ଆସେ ଚର୍ମ
କିଛି ପଙ୍କରେ ଫୁଟୁଥାଏ ପଦ୍ମ
କିଛି ଦୁର୍ଗ ସାଜେ ଭଗ୍ନାବଶେଷ
ଆଉ ଯାହା ଦେହସୁହା ଘରକରଣା
ଚାଲିଯାଏ ମହାବାତ୍ୟା ମୁହଁକୁ।

ଅନେକ କଥା ରଖିହୁଏନି ମନେ
ଘଷିମାଜି ଦେଉଥିବା ସୁଖ ବା ଦୁଃଖ
ଆପଣାପଣର ନଥିପତ୍ର।
ଯେତେଥର ଫେରାଇ ଅଣାଯାଏ
ଟଙ୍ଗାହେଇଥିବା ଆଇନାରୁ ମୁହଁ
ସେତେଥର ଉଙ୍କିମାରେ ଘା'
ବୋହିପଡ଼େ ପୋଷେ ପୂଯ
ସଂଚରିଯାଏ ପୂତିଗନ୍ଧ
ସେତେଥର ପାହାଡ଼ ହେଇ
ମୁଣ୍ଡ ଟେକେ କେବେକାର ଚିତ୍କାର।

କେତେ କ'ଣ ଭୁଲିଗଲା ପରେ ବି
ହଜାରେ ଘଟଣାର ଘନଘଟା,
କେହି ଭୁଲିପାରନ୍ତି ନାହିଁ
ନିଜ ପାଖରେ ଅନ୍ତତଃ ନିଜକୁ
ନିଜ ସଙ୍ଗେ ଯୋଡ଼ି ହେଉଥିବା
ନିଜ ନବଜାତ ପରିଚୟମାନଙ୍କୁ।

ଆସ୍ତେ ଆସ୍ତେ ଭୁଲିଯିବା ବେଳକୁ ହିଁ
ମନେପଡୁଥାଏ ବାରମ୍ବାର
ନିଜେ ନିଜ ପ୍ରିୟତମ ଈଶ୍ୱର।

ମୋ: ୯୯୩୭୮୪୩୩୬୯

### ହଜିବାର ଭୟ

ଶୁଭସ୍ମିତା ତ୍ରିପାଠୀ

**କିଛି** ପାଇବାର ଜିଦ୍ କରେନି ସେ
ତା' ରଫ୍‌ଖାତାର
ଅଧାଲେଖା କବିତାରୁ ବୁଝିଥିଲି
ବେଳ ଅବେଳରେ କିନ୍ତୁ
କିଛି ହରେଇବାର ଭୟ ତାକୁ ଖୁବ୍ ଘାରେ
ସେ କିଛି ଭିତରେ ହୁଏତ ଥିବ
କୋଇଲିମାନଙ୍କୁ ପାଳୁଥିବା
ତା' ବାରିପଟ ଗଛଡାଳର ସେ କାଉବସା,
ହଳେ ଜଉ କଣ୍ଢେଇଙ୍କ ଦେହକରେ
ମହମ ଭଳି ତରଳି ଯାଉଥିବା ଦିନ,
କିଛି ପ୍ରିୟତମ ନିଃଶବ୍ଦତା,
ତା' କବିତା ଡାଏରୀ ଭିତରେ
ନିଶ୍ଚିନ୍ତରେ ଶୋଇଯାଇଥିବା
ସେ ନୀଳ ପ୍ରଜାପତି
ଥାଇପାରେ ବି, ସେ ଭୟମାନଙ୍କ ଭିତରେ
କେବେ ଆଉ ତାରାମାନେ ନ ଫୁଟିବାର
ଜହ୍ନହଜା ରାତି!

ଶବ୍ଦ ହୁଏନି, ତମେ ଭାଙ୍ଗ ସ୍ୱପ୍ନର କାଚ,
ଜଳେଇଦିଅ ମେଘଙ୍କୁ ଡାକୁଥିବା ସବୁଜ ଜଙ୍ଗଲ,
ଲିଭେଇଦିଅ ସୂର୍ଯ୍ୟ, ଛିଣ୍ଡେଇନିଅ କଇଁ,
ପଙ୍କରେ ପୋତିଦିଅ ପୋଖରୀ,
କି ଫୁଲମାନଙ୍କୁ ହତ୍ୟାକରି
କାଚ ଶିଶିରେ ସାଇତିନିଅ ଅତର

କିଛି ହରେଇବାର ଭୟ ଥିଲାଯାକ କିନ୍ତୁ
ମଲାଡାଳରେ ପତ୍ର କଅଁଳିବାର ପ୍ରତିଶ୍ରୁତି ନେଇ
ଏମିତି ଉତ୍ତରୁଥିବ ଭିଜିଲା କବିତାର ଧାଡ଼ି!

ମୋ: ୮୪୮୦୮୬୭୧୯୦

### ଗୀତି-କବିତା

### ପ୍ରୀତିଫୁଲ

ସୁଜିତ କୁମାର ମିଶ୍ର

**ମୁଁ** ଆଶା ସମ୍ଭାରେ ମଧୁ ମୋହାବିଷ୍ଟ
ଅୟୁତ ସୁଖର ଢେଉ,
ତୁମେ ତାରାଫୁଲ ମନ ଆକାଶରେ
ସପନର ମିଠାମହୁ।

ଦିନର ଦୁର୍ବାର ତାତିରେ ତୁମେ ମୋ
ଦରଦୀ ବନ୍ଧୁର ଗୀତି,
ମଳୟ ଛୁଆଁରେ ମୁଁ କଲ୍ଲୋଳ କାବ୍ୟ
କ୍ଲାନ୍ତିହୀନ ପ୍ରଜାପତି।

ମୁଁ ହଜାଇ ମୋତେ ତମକୁ ପାଇଛି
ମମତାର ବନ୍ଧନରେ,
ବୋଧେ ସେଥିପାଇଁ ଭରା ବଇଶାଖେ
ଭିଜୁଛି ମୁଁ ବରଷାରେ।

ଆମ ଗାଆଁ ଦେଇ
ତମେ ଯେବେ ଯାଅ
ବୁଣି ପୀରତିର ବୀଜ,
ମୋତେ ଲାଗେ ପୁଣି ଫଗୁଣ ଫେରିଛି
ହୋଇ ରଙ୍ଗ ସଜବାଜ।

ମୋ: ୭୬୮୩୮୬୭୭୪୨

## ଶୀତସ୍ମୃତି

**ଲଘୁ ଗଳ୍ପ**

ପ୍ରଫୁଲ୍ଲ ବାରିକ

ଗ୍ରୀଷ୍ମରେ ଜଳିଛି। ଉତ୍ତାପରେ ସିଝିଛି। ଦେହର ଝାଳକୁ ପୋଛିଚି ପଣତକାନିରେ। ଛଟପଟ ହେଇଚି ପଳେ ଶୀତଳତା ପାଇଁ। ଆସିଚି ବର୍ଷା। ଭିଜିଛି। ପାଣି ସରସର ଘରୁ ବାହାର। ବାହାରିପାରିନି ପଦାକୁ। ଆଇଁଷିଣିଆ ଗନ୍ଧରେ ଫାଟିପଡ଼ିଛି ନାକ। ବର୍ଷା ପରେ ଭେଟିଛି ଶରତକୁ। ଶିଶିରର ସ୍ପର୍ଶ ପାଇ ହେଇଚି ବିମୋହିତ। ଏସବୁ ଭିତରେ କେବେ ତମେ ଆସିନ ସ୍ମୃତିକୁ ମୋର। କେବେ ବି। ଭୁଲିଯାଇଛି ସେମାନଙ୍କ ସାନ୍ନିଧ ପାଖରେ ତମକୁ। ତମ ସହ ବିତିଥିବା ଦିନକୁ। କହିପାର ମୋତେ ସ୍ୱାର୍ଥପର। ବିଟପୀ। ଶୁଣିବାକୁ ପ୍ରସ୍ତୁତ ମୁଁ। ଏଇଥିପାଇଁ ଯେ ତମେ ମୋ' ନିଜର। ବନ୍ଧା ଆମର ଜୀବନ ଆରମ୍ଭରୁ ଏବଂ ବନ୍ଧାଥିବ ଜନ୍ମଯାକ। ମୃତ୍ୟୁରେ ତୁଟିବ ସମ୍ପର୍କ। ସେମାନଙ୍କ ସହ ସମ୍ପର୍କ ଅଢ଼େଇ ଦିନର। ପରଦେଶୀ ଚଢ଼େଇ ସେମାନେ। ନୂଆ ନୂଆ ଆଦର ଅନେକ।

ଶୀତ ଆସିଲେ ତମେ ମନେପଡ଼। ଖାଲି ମନେପଡ଼ ନାଇଁ, ଅସଲରେ ଲୋଡ଼ାପଡ଼। ତମ ଆଲିଙ୍ଗନର ଆଶ୍ଳେଷ ଆଉ ମିଳେନା କୋଉଠୁ। ମିଳିବାର ପ୍ରଶ୍ନ ଉଠେନା। ଛୁଇଁବା ତ ଦୂର ତମ ସନ୍ନିକଟରେ ଚରିଯାଏ ଦେହଠୁ ମନରେ ଉତ୍ତାପ। ବର୍ଫିଳ ଥଣ୍ଡାରେ କମ୍ପୁଥିବାବେଳେ ଶରୀର, କୋଲ ମାରିଯାଉଥିବା ବେଳେ ହାତଗୋଡ଼, ତମ ଆଲିଙ୍ଗନ ଭରିଦିଏ ଦେହରେ ଉତ୍ତାପ। ଖସିଯାଏ ଦେହରୁ ଚାଦର। ମଥାରୁ ସ୍କାର୍ଫ। ଅସହନୀୟ ଉତ୍ତାପରେ ଶୀତରେ ବି ଝାଳକଣ୍ଠି ଭିଜିଯାଏ ବ୍ଲାଉଜ। ଢିଲାକରି ଅଙ୍ଗବସନ ହେବାକୁ ପଡ଼େ ସହଜ। ନ ହେଲେକି ରହିହୁଏ ତମ ପାଖରେ! ତମଠୁ ପାଇବା ମୂଲ୍ୟରେ ଦେବାକୁ ମୋ' ପାଖରେ କିଛି ନ ଥାଏ। କେଇଖଣ୍ଡ କାଠ, କି ଝଟା ଦି'ଖଣ୍ଡର ଦାନକୁ ଛାଡ଼ି। ଗୋବର ମାଟିର ଲେପଟିଏରେ ତମେ ଉଲ୍ଲସି ଉଠ। ବାସ୍, ସେତିକି ତୁମର ପ୍ରାପ୍ୟ। ତା'ଠୁ ଅଧିକ କିଛି ନୁହେଁ। ମୁଁ ଜାଣେ, ତମେ ଦେବାରେ ଦାନୀ। ନେବାରେ ନିରାସକ୍ତ। ସେଥିପାଇଁ ସୁଖରେ ଦୁଃଖରେ ସମ୍ପର୍କ ତମ ସହ ଜନ୍ମରୁ। ତମେ ଦୁଃଖୀର ବନ୍ଧୁ। ସୁଖୀର ବି ସାଥୀ। ସମ୍ପର୍କ ତମସହ ସଭିଙ୍କର ଜନ୍ମ ଜନ୍ମାନ୍ତରର।

ହେ ମୋର ହାଣ୍ଡିଶାଳର ମାଟିଚୁଲି, ପାରିଛି କିଏ ତୁମକୁ ଭୁଲି? ନା ପାରିବି ମୁଁ? ଆଉ ଯେତେସବୁ ଚକଚକ ଚହଟଚିକ୍କଣ,



ଦେବାର ଦାମ୍ ନିଅନ୍ତି ସେବାଠୁ ଅଧିକ। ସେଥିପାଇଁ ସମ୍ପର୍କ ସେମାନଙ୍କ ଥିଲାବାଲାଙ୍କ ସହ। ନ ଥିଲାବାଲାଙ୍କ ଦୁଆର ମାଡ଼ନ୍ତିନି। ତମେ ଦୁଃଖୀର ସାଥୀ। ଅଭିମାନ କ୍ରୋଧରହିତ ତମର ନିଷ୍କଳଙ୍କ ଚରିତ୍ର। ପଡ଼ିଥାଅ ଅପଚରା। ଧୂଳି ଅଳନ୍ଧୁ ଭିଡ଼ରେ। ଲୋଡ଼ାପଡ଼ ଶୀତରେ। ଆଉ କାହାର ହେଉ ନ ହେଉ, ମୋର କିନ୍ତୁ ଶୀତର ସାଥୀ ତମେ। ତମେ ମୋ' କମ୍ବଳ। ତମେ ମୋ' ରେଜେଇ। ତମେ ସ୍କାର୍ଫ ମଥାର। ତମେ ମୋ' ସ୍ୱେଟର। ମୋଟେ ରାଗିବନି। ଆଠମାସ ଯୁଆଡ଼େ ଗଲେବି ଚାରିମାସ ମୁଁ ଗୋଟାପଣେ ତମର। କେବଳ ତମର। ସମ୍ପର୍କ ଆମର ପରା ଜନ୍ମ ଜନ୍ମାନ୍ତରର।

- ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ Bhubaneswar, Saturday, January 10/ 2026




# ଓଡ଼ିଶା ମହିଳା ଟାଇଟଲ ବଜାୟ ରଖିଲେ

**ଖେଲୋ ଇଣ୍ଡିଆ ବିଚ୍ ସକ୍କର**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ମହିଳା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ଗୁଜରାଟକୁ ହରାଇ ଟାଇଟଲ ବଜାୟ ରଖିଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ମଧ ଓଡ଼ିଶା ଚାମ୍ପିୟନ ହୋଇଥିଲା।

ଓଡ଼ିଶା-ଗୁଜରାଟ ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୩ଶ ମିନିଟରେ ମନୀଷା ନାଏକ ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଅଗ୍ରଣୀକୁ ଅଧିକ ସମୟ ବଳବତ୍ତର ରଖିପାରି ନ ଥିଲା ଓଡ଼ିଶା। ଗୋଟିଏ ମିନିଟ ପରେ ଅର୍ଥାତ୍ ୧୪ଶ ମିନିଟରେ ଗୁଜରାଟର ଭୂମିଶା ଦ୍ରାଭିଡ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚର ୧୬ଶ ମିନିଟରେ ସୁମିତ୍ରା ହେମ୍ବ୍ରମ ଓ ୨୭ତମ ମିନିଟରେ ମନୀଷା ୟେଲୋ କାର୍ଡ ପାଇଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖି ଲଢୁଆ ପ୍ରଦର୍ଶନ କରିଥିବା ଓଡ଼ିଶା ପକ୍ଷରୁ ୨୮ତମ ମିନିଟରେ ଖୁଦୋଙ୍ଗବାମ ଅମ୍ବାଲିକା ଏକ ଗୋଲ ଦେଇ ଓଡ଼ିଶାକୁ ପୁଣି ଅଗ୍ରଣୀ କରିଥିଲେ। ଏହି ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧଲାଗି ଗୁଜରାଟ ଦଳ ବହୁ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ତାହାକୁ ହେବାକୁ ଦେଇ ନ ଥିଲା। ପ୍ରତିଯୋଗିତାରେ ଅପରାଜେୟ ରହିବା ସହ ଓଡ଼ିଶା ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ହରାଇଥିବା ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚରେ ଅରୁଣାଚଳ ପ୍ରଦେଶକୁ ୮-୪ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ସେହି ଅରୁଣାଚଳ ପ୍ରଦେଶକୁ ୭-୦ ଗୋଲରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା।



ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ।

# ବିଶ୍ୱର ସବୁଠାରୁ ବୟସ୍କ ପ୍ରଫେସନାଲ ଫୁଟ୍‌ବଲର

**ଟୋକିଓ, ୯।୧ (ଏପି):** ବିଶ୍ୱର ସବୁଠାରୁ ବୟସ୍କ ପ୍ରଫେସନାଲ ଫୁଟ୍‌ବଲ ଖେଳାଳି ହେଲେ ଜାପାନର କାଜୁୟୋଶି ମିଉରା। ତାଙ୍କ ଦେଶରେ ସେ 'କିଙ୍ଗ୍ କାଜୁ' ନାମରେ ପରିଚିତ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଘଟୁଥିବା ସେ ଅନୁଭବ କରୁଥିବା କହିଛନ୍ତି। ମିଉରା ଆସନ୍ତା ମାସରେ ୫୯ ବର୍ଷ ବୟସରେ ପଦାର୍ପଣ କରିବେ। ଶୁକ୍ରବାର ତାଙ୍କ ନୂଆ ଦଳ ତୃତୀୟ ଡିଭିଜନ ଜେ-ଲିଗ୍ କ୍ଲବ ଫୁକୁଶିମା ୟୁନାଇଟେଡ୍ ଏଫ୍‌ସିରେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଏକ ଖବରଦାତା ସମ୍ମିଳନୀ ଡକାଇ ଉପରୋକ୍ତ କଥା କହିଛନ୍ତି। ମିଉରା ଗତ ସିଜନରେ ଲୋନ୍ ଭିତ୍ତିରେ ୟୋକୋହାମା ଏଫ୍‌ସି ଛାଡ଼ି ଚତୁର୍ଥ ଡିଭିଜନ କ୍ଲବ ଆଟଲେଟିକୋ ସୁଜୁକା ଦଳରୁ ଖେଳିଥିଲେ। ସୁଜୁକା ତରଫରୁ ସେ ୭ଟି ମ୍ୟାଚ ଖେଳିଥିଲେ, ମାତ୍ର ଗୋଟିଏ ହେଲେ ଗୋଲ୍ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ମିଉରା ଜଣେ ପ୍ରଫେସନାଲ ଖେଳାଳି ହିସାବରେ ବ୍ରାଜିଲ, ଇଟାଲୀ, କ୍ରୋଏସିଆ, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ୍‌ରେ ତଥା ନିଜ ଦେଶ ଜାପାନରେ ଅନେକଗୁଡ଼ିଏ ମ୍ୟାଚ ଖେଳିଛନ୍ତି। ୧୯୮୬ରେ ସେ ବ୍ରାଜିଲରେ ସାଣ୍ଟୋସ ଦଳରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ଏହି କ୍ଲବ ସୁପ୍ରସିଦ୍ଧ ଫୁଟ୍‌ବଲ ଖେଳାଳି ପେଲେଙ୍କ ଦ୍ୱାରା ଗଠିତ।

# ସୋହିଲ ଗୁରୁଙ୍ଗଙ୍କୁ ରୌପ୍ୟ

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)



ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ଲାସ-ସି (୫୫-୬୦ କେଜି) ଟାଣ୍ଡିଙ୍ଗ୍ ଇଭେଣ୍ଟରେ ସୋହିଲ ଗୁରୁଙ୍ଗ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ରେଗୁ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ ଓଡ଼ିଶା ଦଳ। ଏହି ଦଳରେ ପିଙ୍କୁ ଦାସ, ବସୁନ୍ଧରା ତଣ୍ଡି ଓ ଉମାବତୀ ପାତ୍ର ସଦସ୍ୟା ଥିଲେ। ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ଦଳର ଏହା ପ୍ରଥମ ସ୍ୱର୍ଣ୍ଣ ଥିଲା। ପ୍ରଥମ ସଂସ୍କରଣରେ ଦଳ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇ ନ ଥିଲା। ଏଥର ଅନୁଷ୍ଠିତ ପୁରୁଷ ରେଗୁ ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ଜିତି ପଦକ ସଂଖ୍ୟା ବଢ଼ାଇଛି। ରାହୁଲ ସା, ସୋନି ସେମିଲା ଓ ଅଂଶୁମାନ ଭୌମିକ ଓଡ଼ିଶା ଦଳର ସଦସ୍ୟ ଥିଲେ।

# ବନିତାଙ୍କୁ ୩ ରୌପ୍ୟ ପଦକ



ପଦକ ସହ ବନିତା ନାଏକ।

**ଅସ୍ମିତା ଭାରୋତ୍ତୋଳନ**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଉତ୍ତର ପ୍ରଦେଶର ମୋଦିନଗରଠାରେ ଆରମ୍ଭ ହୋଇଥିବା ଅସ୍ମିତା ଭାରୋତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ବନିତା ନାଏକ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ୪୮ କେଜି ଯୁବ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବନିତା ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୭୮ ଏହିପରି ମୋଟ ୧୩୮ କେଜି ଉତ୍ତୋଳନ କରି ୩ ରୌପ୍ୟ ଜିତିଛନ୍ତି। ପ୍ରତ୍ୟେକ ବର୍ଗ ଲାଗି ତାଙ୍କୁ ୧୨,୦୦୦ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପରଫର୍ମାନ୍ସ ସେଣ୍ଟରରେ ବନିତା ଅଭ୍ୟାସ କରୁଛନ୍ତି। ୩ ପଦକ ବିଜୟୀ ବନିତାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଡବ୍ଲ୍ୟୁପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ

ନଭି ମୁମ୍ବାଇ, ୯।୧

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)୨୦୨୬ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମିସ୍ ୟୁନିଭର୍ସ ୨୦୨୧ ହର୍ନାଜ ସାନ୍ଧୁଙ୍କ ମହିଳା ସମାଜ ଉପରେ ପ୍ରଭାବ ପକାଇବା ଭଳି ପ୍ରେରଣାଦାୟକ ଭାଷଣ ସହ ଇଭେଣ୍ଟ ଆରମ୍ଭ ହୋଇଥିଲା। ତା'ପରେ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡିଜ ତାଙ୍କ ଡ୍ୟାନସିଂ ଗ୍ରୁପ୍ ସହ ଷ୍ଟେଜ୍ ସମ୍ଭାଳିଥିଲେ। ସେମାନେ ଫିଲ୍ମ 'କିକ୍'ର ଲୋକପ୍ରିୟ ଗୀତ 'ୟାର ନା ମିଲେ' କୁ ନେଇ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପରବର୍ତ୍ତୀ ସମୟରେ ଗାୟକ 'ୟୋ ୟୋ' ହନି ସିଂ ତାଙ୍କ ଆକର୍ଷଣୀୟ କାର୍ଯ୍ୟକ୍ରମ ଜରିଆରେ ଦର୍ଶକମାନଙ୍କ ମନକୁ ମୋହି ଥିଲେ। ମହିଳା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ମହିଳା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟିକା ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କୁ ନେଇ ତାଙ୍କ ବିଶେଷ କାର୍ଯ୍ୟକ୍ରମ 'ମିଲେନେୟର' ପରିବେଷଣ କରିଥିଲେ। ପରେ ସେ ନିଜେ ମଞ୍ଚ ଉପରକୁ ଆସି 'ପାୟଲ' ଶୀର୍ଷକ ଗୀତ ଗାଇଥିଲେ। ସୁପରଷ୍ଟାର ଜଣକ ସମ୍ପୂର୍ଣ୍ଣ ବ୍ଲାକ୍ ଆଉଟଫିଟ୍‌ରେ ଥିଲେ। ତାଙ୍କ 'ବ୍ଲୁ ଆଇ' ଓ ଲୁଙ୍ଗି ଡ୍ୟାନ୍ସ' କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଥିଲା। ଲୋକପ୍ରିୟ ଗୀତ 'ପାର୍ଟି ଅଲ୍ ନାଇଟ୍' ପରିବେଷଣ ବେଳେ ଜାକ୍‌ଲିନ୍ ଫର୍ନାଣ୍ଡିଜ ଓ ହର୍ନାଜ ସାନ୍ଧୁ ମଞ୍ଚ ଉପରକୁ ଆସି ତାଙ୍କ ସହିତ ଯୋଗ ଦେଇଥିଲେ।

# ମହିଳା ଏଚ୍‌ଆଇଏଲ୍ ଫାଇନାଲ ଆଜି

ରାଞ୍ଚି, ୯।୧ (ପି.ଟି.)

ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚ୍‌ଆଇଏଲ୍)ର ଫାଇନାଲ ଶନିବାର ଏସ୍‌ଜି ପାଇପର୍ସ ଓ ଶ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ଖେଳାଯିବ। ବିଜେତା ଦଳକୁ ୧.୫ କୋଟି ଟଙ୍କା ଏବଂ ରନର-ଅପ୍ ଦଳକୁ ୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ମିଳିବ। ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ ୫୦ ଲକ୍ଷ ଟଙ୍କା ପାଇବ। ଡବ୍ଲ୍ୟୁଏଚ୍‌ଆଇଏଲର ଏହି ସିଜନରେ ମ୍ୟାଚଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱାତ୍ମକ ପରିଲକ୍ଷିତ ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ଏସ୍‌ଜି ପାଇପର୍ସ ଟେବୁଲ ଶୀର୍ଷରେ ରହିଥିବା ବେଳେ ଶ୍ରାଚି ବେଙ୍ଗଲ ଟାଇଗର୍ସ ଦ୍ୱିତୀୟ ସ୍ଥାନରେ ରହିଥିଲା। ପ୍ରତିଯୋଗିତାର ଏହି ଶ୍ରେଷ୍ଠ ଦୁଇ ଦଳ ଲିଗ୍ ପର୍ଯ୍ୟାୟରେ ପରସ୍ପରକୁ ଦୁଇଥର ଭେଟିଥିଲେ। ଉଭୟ ଥର ଶ୍ରାଚି ବେଙ୍ଗଲ ଟାଇଗର୍ସ ପେନାଲ୍ଟି ଶୁଟଆଉଟରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲ୍‌ରେ ଡ୍ର ରହିବା ପରେ ଶୁଟଆଉଟରେ ଟାଇଗର୍ସ ୪-୩ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ଗେମ୍ ଗୋଲ୍‌ଶୂନ୍ୟ ଡ୍ର' ରହିବା ପରେ ଶୁଟଆଉଟରେ ବେଙ୍ଗଲ ଟାଇଗର୍ସ ୭-୬ରେ ଜିତିଥିଲା। ତେବେ ଲିଗ୍ ପର୍ଯ୍ୟାୟ ପରିସଂଖ୍ୟାନ ଉପରେ ନଜର ପକାଇଲେ ଏସ୍‌ଜି ପାଇପର୍ସକୁ ଫେଭରାଇଟ ବୋଲି କୁହାଯାଇପାରେ। ଏହି ଦଳ ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ୧୧ଟି ଗୋଲ୍ ସ୍କୋର କରିଛି। ପ୍ରଥମ ସ୍ଥାନରେ ରାଞ୍ଚି ରୟାଲ୍ସ (୧୩ ଗୋଲ୍) ରହିଛି। ପାଇପର୍ସ ଅଧିନାୟକ ନବନୀତ କୌର ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ସର୍ବାଧିକ ୪ଟି ଗୋଲ୍ ସ୍କୋର କରିଥିବା ବେଳେ ଲୋଲା ରିରା (୩ଗୋଲ୍) ଓ ସୁନେଲିତା ଟପ୍ପୋ (୨ ଗୋଲ୍)ଙ୍କର ମଧ ଅବଦାନ ରହିଛି। ଜ୍ୟୋତି ସିଂ ଓ ମାଇରା ଟେରେସା ମଧ ଗୋଟିଏ ଲେଖାଏଁ ଗୋଲ୍ ଦେବାରେ ସଫଳ ହୋଇଛନ୍ତି। ଲିଗ୍‌ରେ ପାଇପର୍ସ ଦ୍ୱିତୀୟ ଶ୍ରେଷ୍ଠ ଡିଫେନ୍‌ସିଭ ରେକର୍ଡ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୯ଟି ଗୋଲ୍ ବରଣ କରିଛି। ଅନ୍ୟପକ୍ଷରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ସୁଦ୍ଧା ୭ ଗୋଲ୍ ସ୍କୋର କରିପାରିଛି। ତନ୍ମଧ୍ୟରୁ ୫ଟି ଅଗଷ୍ଟିନା ଗୋର୍ଜେଲାନିଙ୍କ ଗୋଲ୍ ରହିଛି। ବନ୍ଦନା କାଟାରିଆଙ୍କ ନେତୃତ୍ୱାଧୀନ ଏହି ଦଳରେ ଅନେକ ଅଭିଜ୍ଞ ଖେଳାଳି ରହିଛନ୍ତ, ଯାହାକି ଦଳର ବଡ଼ ସମ୍ବଳ।

# ଅନୁରାଧା ଏଆଇପିଏସ୍‌ଏସ୍‌ସିବି କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ



ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଗେନ୍ ବାତ୍ରାଙ୍କ ସହ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏଆଇପିଏସ୍‌ଏସ୍‌ସିବି)ର ୧୫ଶ ଏଜିଏମ୍ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ନିର୍ବିବାଦରେ ଏଆଇପିଏସ୍‌ଏସ୍‌ସିବିର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ କରାଯାଇଛି। ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ପତ୍ର ଯୋଗେ ଅନୁରାଧାଙ୍କୁ ଜଣାଇ ଦିଆଯାଇଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ହର୍ଡଲ୍ସ କୁଇନ ଅନୁରାଧା। ''ଏହା ମୋ ପାଇଁ ବଡ଼ ସୁଯୋଗ ଏବଂ ଗୁରୁ ଦାୟିତ୍ୱ। କେବଳ ଆଥ୍‌ଲେଟିକ୍ସ ନୁହେଁ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ହେବ। ମୁଁ ମଧ ନ୍ୟାଶନାଲ ଗେମ୍ସ ସଂଯୋଜକ ଏବଂ ଆଥ୍‌ଲେଟ୍ସ ସ୍କଲାରଶିପ୍ ସ୍କିମ୍‌ର ଚୟନ କମିଟି ସଦସ୍ୟ ଅଛି। ଏପରି ସୁଯୋଗ ମିଳିଥିବାରୁ ମୁଁ ମୋ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଧନ୍ୟବାଦ ଦେବି। ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛି'' ବୋଲି ନିଜ ପ୍ରତିକ୍ରିୟାରେ ଅନୁରାଧା ପ୍ରକାଶ କରିଛନ୍ତି।

**ମହିଳା ପ୍ରିମିୟର ଲିଗ୍**

# ମୁମ୍ବାଇ ଇଣ୍ଡିଆନ୍ସର ସମ୍ମାନଜନକ ସ୍କୋର

ନଭି ମୁମ୍ବାଇ, ୯।୧

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଆରମ୍ଭ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ସମ୍ମାନଜନକ ସ୍କୋର କରିଛି। ଆରମ୍ଭରେ ଧିମା ଖେଳିଥିଲେ ହେଁ ମୁମ୍ବାଇ ଦଳ ଏହି ମ୍ୟାଚରେ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟିକା ସ୍ମୃତି ମନ୍ଧାନା। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ପାୱାରପ୍ଲେ ୬ ଓଭରରେ ମାତ୍ର ୩୪ ରନ ବ୍ୟୟ କରିଥିଲେ। ୧୫ ଓଭରରେ ଯାଇ ମୁମ୍ବାଇ ସ୍କୋର ୧୦୦ ଛୁଇଁଥିଲା। ମାତ୍ର ପରବର୍ତ୍ତୀ ୫ ଓଭରରେ ଦଳ ୫୪ ରନ କରିବାରୁ ସ୍କୋର ୧୫୦ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ସଜିଭନ ସଜନା ସର୍ବାଧିକ ୪୫, ନିକୋଲା କାରେ ୪୦ ଓ ଗୁନାଲାନ କମଲିନି ୩୨ ରନ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ନାଦିନେ ଡି କ୍ଲର୍କ ସର୍ବାଧିକ ୪ଟି ଏବଂ ଲୌରେନ ବେଲ୍ ଓ ଶ୍ରୀୟଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ

ଭଦ୍ରକ,୯।୧(ସନାତନ ରାଉତ)

**ମହାବୀର କପ୍ କ୍ରିକେଟ**

ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଖେଳାଯାଇଛି। ବାରିପଦା କ୍ରିକେଟ ଏକାଡେମୀକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ବାରିପଦା କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡିଂ କରିଥିଲା। ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ଶ ୪୨ ଓ ସାହିଲ ଖାନ୍ ୩୫ ରନ କରିଥିଲେ। ବାରିପଦା ପକ୍ଷରୁ ମନୁ ରାମ ୩ଟି ଓ ମାରି ଲୋକନାଥ ୩ଟି ଉଇକେଟ୍ ନେଇଥିଲେ। ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ବାରିପଦା ୧୯.୨ ଓଭରରେ୧୪୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ୧୩ ରନ୍‌ରେ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଥିଲା। ବାରିପଦା ପକ୍ଷରୁ ମାରି ଲୋକନାଥ ୩୧ ଓ ପ୍ରୀତ୍‌ପାଲ୍ ସିଂ ୨୩ ରନ୍ କରିଥିଲେ। ରେଲୱେ ପକ୍ଷରୁ ନୀହାର ଭୂୟାଁ ୩ଟି ଓ ସାହିଲ୍ ଖାନ୍ ୨ଟି ଉଇକେଟ୍ ନେଇଥିଲେ। ସାହିଲ୍ ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀନିବାସ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ଦେବବ୍ରତ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚରେଫେରୀ ଭାବେ ରାଜେଶ ନାୟକ ଓ ରିଜର୍ଭ ଅମ୍ପାୟାର ଭାବେ ଚନ୍ଦନ ନାୟକ ରହିଥିବା ବେଳେ କରନ୍ ଖାନ୍ ସ୍କୋରର ଥିଲେ।



ସାହିଲ୍ ଖାନ୍ ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 10/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 48 | ମୂଲ୍ୟ ₹୭/-






ଇରାନରେ ପ୍ରତିବାଦର ନୂଆ ଟ୍ରେଣ୍ଡ୍: ଜଣେ ମହିଳା ସିଗାରେଟ୍ ନିଆଁ ଲଗାଇ ସର୍ବୋଚ୍ଚ ଧର୍ମୀୟ ନେତା ଆୟାତୋଲା ଅଲି ଖାମେନେଇଙ୍କ ଫଟୋକୁ ପୋଡୁଛନ୍ତି। ଏହା ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଭାଇରାଲ ହୋଇଛି। (ରିପୋର୍ଟ: ପୃଷ୍ଠା–୮)

# ଫୋନ୍ କଲେନି, ଭୁଶୁଡ଼ିଲା ଚୁକ୍ତି

## ଭାରତ ସହ ଚୁକ୍ତି ଅଟକିବାର କାରଣ କହିଲେ ଆମେରିକା ବାଣିଜ୍ୟ ସଚିବ

ନୂଆଦିଲ୍ଲୀ,୯।୧(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲେ ନାହିଁ ବୋଲି ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଭୁଶୁଡ଼ିଗଲା ବୋଲି ଆମେରିକା କମର୍ସ ସେକ୍ରେଟାରି ହୋୱାର୍ଡ ଲ୍ୟୁଟ୍‌ନିକ୍ କହିଛନ୍ତି। ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଲ୍ୟୁଟ୍‌ନିକ୍‌ଙ୍କ ଏହି ମନ୍ତବ୍ୟ ପରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ମୋଦି ଓ ଟ୍ରମ୍ପ୍ ୨୦୨୫ରେ ୮ ଥର କଥା ହୋଇଥିଲେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯିବା ସହ ଲ୍ୟୁଟ୍‌ନିକ୍‌ଙ୍କ ମନ୍ତବ୍ୟକୁ ଖଣ୍ଡନ କରାଯାଇଛି।

ଆମେରିକା ବାଣିଜ୍ୟ ସଚିବ ଲ୍ୟୁଟ୍‌ନିକ୍ ଶୁକ୍ରବାର ଅଲ୍-ଇନ୍ ପୋଡ୍‌କାଷ୍ଟକୁ ସାକ୍ଷାତ୍କାର ଦେଇ କହିଛନ୍ତି, ୱାଶିଂଟନ୍ ସହ ବାଣିଜ୍ୟ ଚୁକ୍ତି କରିବା ନେଇ ନୂଆଦିଲ୍ଲୀ ଅନେକ ଥର ସୁଯୋଗକୁ ହାତଛଡ଼ା କରିଛି। ଗତବର୍ଷ ପ୍ରାରମ୍ଭରେ ଟ୍ରେଡ୍ ନେଗୋସିଏଟରମାନେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ପାଇଁ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲ୍ କରି ନ ଥିଲେ। ନୂଆଦିଲ୍ଲୀ 'ଟ୍ରେନ୍ ମିସ୍' କରିବା ପରେ ପ୍ରାରମ୍ଭିକ ଆଲୋଚନା ବେଳେ ପାରସ୍ପରିକ ଟିକସ ହ୍ରାସ ପାଇଁ ଦାବି କରିଥିଲା।

୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତ ☞ପୃଷ୍ଠା–୪

SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

DSPL-468


**ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୨୧୧ ଛାତ୍ରୀଛାତ୍ର**

ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ଘଣ୍ଟାପଡ଼ା ହାଇସ୍କୁଲ କେନ୍ଦ୍ରରେ ଶୁକ୍ରବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରରେ ୨୨୦ ଜଣଙ୍କ ମଧ୍ୟରୁ ୨୧୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୯ଜଣ ଅନୁପସ୍ଥିତ ଥିବା ନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ସ୍କୁଲର ପ୍ରଧାନଶିକ୍ଷକ ପିତବାସ ପଣ୍ଡା ସୂଚନା ଦେଇଛନ୍ତି। ବରଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା ନିୟନ୍ତ୍ରଣ କରିଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଟ୍ରାକ୍ଟର, ଜଣେ ମୃତ

**ଡୁଙ୍ଗୁରିପାଲି,୯।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନଂ. ଜାତୀୟ ରାଜପଥ ଶିଶୁ ମନ୍ଦିର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୫ ଟାରେ ଏକ ଟ୍ରାକ୍ଟର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ସ୍ଥିତ ଲରିଆବାହାଲ ଗ୍ରାମର ଫକୀର ବାଗ (୨୩ )। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଆଦର୍ଶ ପୋଢ଼ (୨୩)। ଏନେଇ ଡୁଙ୍ଗୁରିପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୫ ଟାରେ ବାଇକ୍ ଯୋଗେ ଫକୀର ଓ ଆଦର୍ଶ ବୈଦୁପାଲି ରାସ୍ତା ପଟରୁ କୌଣସି କାମରେ ଡୁଙ୍ଗୁରିପାଲି ଆସୁଥିଲେ। ଶିଶୁ ମନ୍ଦିର ଛକ ନିକଟରେ ଏକ ଟ୍ରାକ୍ଟର ଆସି ତାଙ୍କୁ ଧକ୍କା ଦେଇଥିଲା। ଉଭୟେ ରାସ୍ତାରେ ଛିଟିକି ପଡିଥିଲେ। ଖବର ପାଇ ଡୁଙ୍ଗୁରିପାଲି ପୋଲିସ ପହଞ୍ଚି ଫକୀର ଓ ଆଦର୍ଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଫକୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଦର୍ଶଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପକ୍ଷେ ଟ୍ରାକ୍ଟର ଡ୍ରାଇଭର ଦୁର୍ଘଟଣା ସ୍ଥଳରୁ ଫେରାର ମାରିଛନ୍ତି।

### ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ପାଇଁ ପଞ୍ଜୀକରଣ

**ସମ୍ବଲପୁର,୯।୧(ଭବାନୀ ଶଙ୍କର ଭୋଇ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଶା ରାଜ୍ୟ ଫୁଟବଲ ସଂଘର ମିଳିତ ଆନୁକୂଲ୍ୟରେ ଜାନୁଆରୀ ଶେଷ ସପ୍ତାହରେ ପ୍ରଥମ ସିଏମ୍ ଟ୍ରଫି କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୬ବର୍ଷରୁ କମ ବାଳିକା ଓ ବାଳକମାନେ ଏହି ପ୍ରତିଯୋଗିତାରେ ଭାଗନେଇ ପାରିବେ। ଏଥିପାଇଁ ଖେଳାଳିମାନେ ଓଡ଼ିଶା ସରକାରଙ୍କ ଅନ୍‌ଲାଇନ ରେଜିଷ୍ଟ୍ରେଶନ ପୋର୍ଟାଲ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୋର୍ଟାଲ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଖୋଲା ରହିବା ନେଇ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ପ୍ରାର୍ଥୀଙ୍କ ଜନ୍ମ ୨୦୧୦ ଜାନୁଆରୀ ପହିଲାଠାରୁ ୨୦୧୨ ଜାନୁଆରୀ ପହିଲା ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ ନିମନ୍ତେ ମ୍ୟୁନିସିପାଲ କର୍ପୋରେଶନ, ମ୍ୟୁନିସିପାଲିଟି କିମ୍ବା ଏନ୍‌ଏସି ଦ୍ୱାରା ପ୍ରଦତ୍ତ ଜନ୍ମ ପ୍ରମାଣପତ୍ର, ଦଶମ ଶ୍ରେଣୀ ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ, ୨ଟି ପାସ୍‌ପୋର୍ଟ ଫଟୋଗ୍ରାଫ ଆବଶ୍ୟକ। ପ୍ରତିଯୋଗିତା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ନିମନ୍ତେ ସମ୍ବଲପୁର ଜିଲା କ୍ରୀଡ଼ା ସଂଘର କ୍ରୀଡ଼ା ସମ୍ପାଦକ ରାଜେଶ ସେଠଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡ଼ା ସମ୍ପାଦକ ସୁନୀଲ କୁମାର ସାହୁ ଅନୁରୋଧ କରିଛନ୍ତି ।

# ହତ୍ୟାକାରୀଙ୍କ ଗିରଫ ଦାବିରେ ରାସ୍ତାରୋକୋ

## ୫ ଦିନ ପରେ ପୋଖରୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

**ବଲାଙ୍ଗୀର,୯।୧(ବୀରେନ୍ଦ୍ର କୁମାର ଝାଙ୍କର)**


ଶାନ୍ତିପଡା ଛକଠାରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ବଲାଙ୍ଗୀର ସହର ଶାନ୍ତିପଡ଼ା ନିବାସୀ ପ୍ରବୀଣ କୁମାର ମହାଲିଙ୍ଗ (୫୨) ଗତ ୫ ତାରିଖରୁ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ସଦର ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ପଥରଚେପା ଗ୍ରାମର ପୋଖରୀରୁ ପ୍ରବୀଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରବୀଣଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶୁକ୍ରବାର ପୀଡ଼ିତ ପରିବାର ସହ ପଡ଼ାବାସୀ ଶାନ୍ତିପଡ଼ା ଛକଠାରେ ବଲାଙ୍ଗୀର–ପାଟଣାଗଡ଼ ୪୨ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ ଯୋଗୁ ଯାତାୟାତରେ ସମସ୍ୟା ହୋଇଥିଲା। ପ୍ରଶାସନିକ ଅଧିକାରୀ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁଯାୟୀ, ଗତ ୫ ତାରିଖ ଅପରାହ୍ନରେ ପ୍ରବୀଣ ଘରୁ ବାହାରି ବାଇକ୍‌ରେ ପଥରଚେପା ଅଭିମୁଖେ ଯାଇଥିଲେ। ରାତି ୯ଟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ତେବେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ଖୋଜଖବର ନ ମିଳିବା ପରେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା ପରେ ପଥରଚେପା ଗ୍ରାମ ନିକଟରେ ତାଙ୍କ ବାଇକ୍ ଥିବା ଜଣାପଡ଼ିଥିଲା। ପ୍ରବୀଣଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ସକାଳେ ପଥରଚେପା ପୋଖରୀରେ ଏକ ମୃତଦେହ ଭାସୁଥିବା ଖବର ପ୍ରଚାରିତ ହେବା ପରେ ପୋଲିସ ଟିମ୍ ଓ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ମୃତଦେହ ପ୍ରବୀଣଙ୍କର ବୋଲି ଚିହ୍ନଟ ହୋଇଥିଲା। ପାଣି ଭିତରୁ ଜୋତା ପିନ୍ଧା ଅବସ୍ଥାରେ ଶାର୍ଟ ପିନ୍ଧିଥିବା ଏବଂ ତାଙ୍କ ପ୍ୟାଣ୍ଟ ଜଙ୍ଘ ପର୍ଯ୍ୟନ୍ତ ଖୋଲାଥିବା ଦେଖାଯାଇଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇ ପାଣିକୁ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଏନେଇ ଥାନାରେ ହତ୍ୟା ମାମଲା ରୁଜୁ, କ୍ଷତିପୂରଣ ପ୍ରଦାନ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଶାନ୍ତିପଡ଼ା ଛକଠାରେ ମୃତଦେହ ରଖି ତାଙ୍କ ପରିବାର ସଦସ୍ୟ ଓ ପଡ଼ାବାସୀ ଅପରାହ୍ନ ପ୍ରାୟ ୩ଟାରେ ରାସ୍ତାରୋକୋ କରିଥିଲେ। ସଦର ଥାନା ଏବଂ ଲକ୍ଷ୍ମୀଯୋର ଥାନା ପୋଲିସ ଟିମ୍ ପହଞ୍ଚିବା ସହ ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରବୀଣଙ୍କ ସ୍ତ୍ରୀ ଓ ଝିଅ ଥିବାବେଳେ ତାଙ୍କ ପରିବାରରେ ଅନ୍ୟ କେହି ରୋଜଗାର କରୁନାହାନ୍ତି। କଲେଜ ପଢୁଆ ଝିଅର ପାଠପଢ଼ା ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଝିଅକୁ ଚାକିରି, ପରିବାରକୁ ଉଚିତ୍ କ୍ଷତିପୂରଣ ଦେବା ସହ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି। ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ସାଢ଼େ ୬ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ବିଜେଡି


ବିଜେଡି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବୌଦ୍ଧ,୯।୧(ଅଜିତ କୁମାର ବାରିକ)**

## ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟକ୍ଷମ ଦାବି

ବୌଦ୍ଧ ଜିଲାବାସୀଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୩୦୦ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ନିର୍ମାଣ କରାଯାଇଥିଲା। ମାତ୍ର ଦୀର୍ଘ ଏକ ବର୍ଷରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଏହା ଆଜି ଯାଏ ଲୋକାର୍ପିତ ହୋଇନାହିଁ। ଏପଟେ ଗତ ଜାନୁୟାରୀ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡାକ୍ତରଖାନା ଲୋକାର୍ପିତ କରାଯିବା ନେଇ ପ୍ରଚାର କରାଯାଇଥିଲା। ଏଥିପାଇଁ ଡାକ୍ତରଖାନାକୁ ସାଜସଜା କରାଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଆସିଲେ ନାହିଁ କି ଏହା ଲୋକାର୍ପିତ ହୋଇପାରିଲାନାହିଁ। ଫଳରେ ଜିଲାବାସୀଙ୍କ ପାଇଁ ଏହା ଉପହାସ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯିବା ସହ ତୁରନ୍ତ ଉକ୍ତ ଡାକ୍ତରଖାନାକୁ ଲୋକାର୍ପଣ କରିବାକୁ ଦାବି କରାଯାଇଛି। ସେହିପରି ଜିଲାରେ ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ଚାଷୀଙ୍କ ପାଖକୁ ଟୋକନ ଆସିନାହିଁ। କା ଭାଁ ଚାଷୀଙ୍କ ପାଖକୁ ଟୋକନ ଆସିଥିବା ବେଳେ ଏହାର ତାରିଖ ଶେଷ ହେବାକୁ ବସିଲାଣି। ଫଳରେ ମଣ୍ଡିରୁ ଚାଷୀଙ୍କ ଧାନ ଉଠିପାରୁନାହିଁ। ଜିଲାରୁ ପ୍ରତିଦିନ ବିନା ଅନୁମତିରେ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଥିବାବେଳେ ପୋଲିସ, ଖଣି ଓ ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ଚୁପ୍ ରହୁଥିବା ଦେଖିବାକୁ ମିଳିଛି। ଏହାସହ ସମସ୍ତ ଆଇନକାନୁନକୁ ଉଲ୍ଲଂଘନ କରି ବୌଦ୍ଧ ତହସିଲର ଗୁନ୍ଦୁଲିଆ ପଞ୍ଚାତୟର ସାଲେପଡା ଓ ଗୋଛାପଡା ପଞ୍ଚାୟର ଲୁମ୍ବରଜେନା ଗ୍ରାମରେ କ୍ୱାର୍ଯ ଖଣିକୁ ଶାଗମାଛ ଦରରେ ବିନା ପଲ୍ଲୀସଭା ଓ ଗ୍ରାମସଭାରେ ପ୍ରଦାନ କରାଯାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଶୁକ୍ରବାର ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଦଳର କର୍ମକର୍ତ୍ତା ଜିଲାପାଳଙ୍କ ନିକଟରେ ଦାବୀ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ସୁବୋଧ ପ୍ରଧାନ, ଅମ୍ରିତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବସ୍ତିଆ, ଧୁରୀଣ କୁମାର ଦେହୁରୀ, ଅଶୋକ କୁମାର ସାହୁ, ଯୋଗେଶ୍ୱର ମହାକୁଡ, ମୃତ୍ୟୁଞ୍ଜୟ ମିଶ୍ର, ପଞ୍ଚାନନ ମହାପାତ୍ର, ଅନିକେତ ଦାନି ପ୍ରମୁଖ ଉପସ୍ଥିତ ଥିଲେ।

# ଜଳର ସୁବିନିଯୋଗ, ସୁଷମ ବଣ୍ଟନ ହେବା ଉଚିତ



ପାଣି ପଞ୍ଚାୟତ ପକ୍ଷ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ବୌଦ୍ଧ,୯।୧(ଅଜିତ କୁମାର ବାରିକ)**

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଡି ଶିବ ମନ୍ଦିର ପ୍ରାଙ୍ଗଣରେ ଉଠାଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ଗତ ଗୁରୁବାର ପାଳିତ ହୋଇଯାଇଛି। ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ଉଠାଜଳସେଚନର ସଫଳ କାର୍ଯ୍ୟକାରିତା ଯୋଗୁ ବହୁ ଜମି ଜଳସେଚିତ ହୋଇପାରିଥିବାବେଳେ କୃଷି ପାଇଁ ଜଳର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜି ମହାନଦୀରେ ଜଳ ସଙ୍କଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସମୟରେ ଚାଷ ପାଇଁ ଜଳର ସୁବିନିଯୋଗ ଓ ସୁଷମ ବଣ୍ଟନର ଆବଶ୍ୟକତା ରହିଛି। ଜିଲାରେ ପାଣିପଞ୍ଚାୟତଗୁଡିକ ଶୃଙ୍ଖଳାର ସହିତ କାର୍ଯ୍ୟ କଲେ ତଳମୁଣ୍ଡର ଚାଷୀ ମଧ୍ୟ ଜମିକୁ ପାଣି ପାଇପାରିବେ। ଏଥିସହ ଆଗାମୀ ଦିନରେ ବୌଦ୍ଧ ରାଜ୍ୟର ସର୍ବାଧିକ ଜଳସେଚିତ ଜିଲାରେ ପରିଣତ ହୋଇପାରିବ ବୋଲି ମୁଖ୍ୟ ଅତିଥି ପ୍ରଧାନ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ବିଭୂତି ଭୂଷଣ ନାଏକ ଯୋଗଦେଇ ଜିଲାରେ ସବୁଦିନିଆଁ କୃଷି ଭିତ୍ତିଭୂମିର ବିକାଶରେ ଉଠାଜଳସେଚନ ବିଭାଗର ବଡ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଟିପିଏସ୍‌ଓଡିଏଲର ନିର୍ବାହୀ ଯନ୍ତ୍ରୀ ନରେଶ ପ୍ରସାଦ ଆଚାର୍ଯ୍ୟ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାଶ ଓ ବୀରନରସିଂହପୁର ଗ୍ରାମପଞ୍ଚାୟତର ସମିତି ସଦସ୍ୟା କଲ୍ୟାଣୀ ଦଣ୍ଡସେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜିଲାରେ ଚାଷ ଓ ଚାଷୀର ଆର୍ଥିକ ଉନ୍ନତି ପାଇଁ ସୁଷମ ଜଳ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। କନ୍ଧମାଳ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଚାଷୀ ଓ ପାଣି ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ।

# ଖଡ଼ଙ୍ଗ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

**ଖୁଣ୍ଟିଗୋରା,୯।୧(ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ମକର ପଡିଆରେ ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ପାଇଁ ଶୁକ୍ରବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟିଗୋରାସ୍ଥିତ ଜଗନାଥ ମନ୍ଦିରରେ ଗ୍ରାମ ମୁଖିଆ ନରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଏବଂ ମନ୍ଦିର ପୂଜକ ପଣ୍ଡିତ ଜୟରାମ ପାଣିଙ୍କ ପୌରୋହିତ୍ୟରେ ପୂଜାକାର୍ଯ୍ୟ ହୋଇଥିଲା। ପରେ ଆଜ୍ଞାମାଳ ଆଣି ଶୋଭାଯାତ୍ରା ବାହାରିଥିଲା। ଖୁଣ୍ଟିଗୋରା, ଟିକିରିପଡ଼ା, ସିନ୍ଧୁଗୋରା, ନଦୀଖଣ୍ଡିପଡ଼ା ଗ୍ରାମବାସୀ ଘର ସାମ୍ନାରେ କଳସ ରଖି ବନ୍ଦାପନା କରିଥିଲେ। ଶୋଭାଯାତ୍ରା ବନ୍ଧଗୋରା ଧବଳେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମହୋତ୍ସବ ମଣ୍ଡମରେ ମଶାଲ ସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପ୍ରାକ୍ତନ ସରପଞ୍ଚ ସୁନିତା ମାଝୀ, ଶିକ୍ଷାବିତ୍ ନିଳାଞ୍ଚଳ ଭୋଇ, ଓଡିଶା କୁମ୍ଭକାର ସଂଘ ରାଜ୍ୟ ଉପସଭାପତି ପ୍ରଶାନ୍ତ ରଣା, କନ୍ଧମାଳ ଭାଜପା ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ସମାଜସେବୀ ଅଜିତ ସାହୁ, ଅଭିରାମ ରଣା, ଜିତେନ୍ଦ୍ର କୁଦେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ଆବାହକ ଧୀରୋଜ ଭୋଇ, ସଭାପତି ମନୋଜ ଦାସ, ସମ୍ପାଦକ ଭକ୍ତ ସାହୁ, ବ୍ୟବସ୍ଥାପକ ଲମ୍ବୋଦର ବେହେରା, ସୁନିଲ ସାହୁ ଏବଂ କମିଟିର ସମସ୍ତ ସଦସ୍ୟ ମଶାଲ ଶୋଭାଯାତ୍ରାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ର ପରିବେଶ ମିତ୍ର ଆଚରଣ କର


ଏନଏସବିବି ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ ୟୁନିଟ୍ ଆୟୋଜିତ ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ ସଚେତନତା କାର୍ଯ୍ୟକ୍ରମ।

**ସମ୍ବଲପୁର,୯।୧(ବି.ଶଙ୍କର)**

## ମହାବିଦ୍ୟାଳୟରେ ପ୍ଲାଷ୍ଟିକ୍ ମୁକ୍ତ କ୍ୟାମ୍ପସ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନଏସବିବି) ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ ୟୁନିଟ୍ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଉଦ୍‌ଘାଟନ କରିଥିଲେ। ଗୋଟିଏ ଥର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କମେଇବାର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରଙ୍କୁ ପରିବେଶ ମିତ୍ର ଆଚରଣ ଆପଣାଇବାକୁ ଆହ୍ୱାନ କରିଥିଲେ। ଏନଏସଏସ ସ୍ୱେଚ୍ଛାସେବୀଙ୍କ ଏହି ସାମାଜିକ ଦାୟିତ୍ୱମୂଳକ ପଦକ୍ଷେପକୁ ଅଧ୍ୟକ୍ଷ ହରପାଲ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ ମହାବିଦ୍ୟାଳୟ ପରିସର ଭିତରେ ଓ ଚାରିପାଖରେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏନଏସଏସ ସେବିକାସେବକମାନେ ପ୍ଲାକାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ଓ ସ୍ୱଚ୍ଛ ପରିବେଶର ସନ୍ଦେଶ ପ୍ରସାର କରିଥିଲେ। ଏହାପରେ ଏକ କ୍ୟାମ୍ପସ ସଫାଇ ଅଭିଯାନ ଆୟୋଜିତ ହୋଇଥିଲା। ଯେଉଁଥିରେ ଛାତ୍ରୀଛାତ୍ରମାନେ ସକ୍ରିୟ ଭାବେ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରି ମହାବିଦ୍ୟାଳୟ ପରିସରକୁ ସଫା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ତଥା ସହକାରୀ ପ୍ରଫେସର ସୁରେଶ ଏକ୍କାଙ୍କ ନେତୃତ୍ୱ ଏବଂ ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ତଥା ସହକାରୀ ପ୍ରଫେସର ରୋଜାଲି ସେଠଙ୍କ ସହଯୋଗରେ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ୍ ବ୍ୟବହାର କମେଇବା ଏବଂ କ୍ୟାମ୍ପସ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଥିଲା ପ୍ଲାଷ୍ଟିକ୍ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସଚେତନ କରିବା ଏବଂ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ ରକ୍ଷା କରିବାର ଗୁରୁତ୍ୱକୁ ଉଜାଗର କରିବା ।

# ପାଇଖାନା ସଫାରେ ଛାତ୍ରୀଛାତ୍ରଙ୍କୁ ନିୟୋଜନ ଅଭିଯୋଗ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ପ୍ରଧାନପାଲିସ୍ଥିତ ସେବାଶ୍ରମ ସ୍କୁଲରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପରିସରରେ ପାଇଖାନା ସଫା କରିବାରେ ନିୟୋଜିତ କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ପାଇବା ପରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଶୁକ୍ରବାର ଉକ୍ତ ସେବାଶ୍ରମ ସ୍କୁଲକୁ ଘେରିବା ସହିତ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ସୂଚନା ଅନୁଯାୟୀ, ଉକ୍ତ ସେବାଶ୍ରମ ସ୍କୁଲରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ କିଛି ଛାତ୍ରୀଛାତ୍ରଙ୍କୁ ୧୦ଟଙ୍କା ଲେଖାଏ ଦେଇଥିଲେ ଏବଂ ସ୍କୁଲ ପରିସରରେ ରହିଥିବା ପାଇଖାନା ସଫା କରିବାକୁ କହିଥିଲେ। ଛାତ୍ରୀଛାତ୍ର ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ନିଜ ଅଭିଭାବକଙ୍କୁ କହିଥିଲେ। ଏହା ଜାଣିବା ପରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସେବାଶ୍ରମ ସ୍କୁଲକୁ ପହଞ୍ଚି ପ୍ରତିବାଦ କରିଥିଲେ ଏବଂ ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରେ ଦାବି କରିଥିଲେ। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ବ୍ଲକସ୍ତରୀୟ ପ୍ରଦର୍ଶନୀ ମେଳା ପ୍ରସ୍ତୁତି ବୈଠକ

**ହରଭଙ୍ଗା,୯।୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ କୁଇଜ୍ ଓ ପରିବେଶ ଅନୁକୂଳ ପ୍ରଦର୍ଶନୀ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧଳପୁର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବାବୁଲାଲ ଭୋକ୍ତା, ତିଲେଶ୍ୱର ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମାଝୀ, ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଭୁବନେଶ୍ୱର ସେଠୀ, ବିଶିକେଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ କୁଇଜ୍ ଓ ପରିବେଶ ଅନୁକୂଳ ପ୍ରଦର୍ଶନୀ ମେଳା ପରିଚାଳନା ପାଇଁ ବିଭିନ୍ନ କମିଟିକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ପ୍ରକଳ୍ପମାନ ପ୍ରଦର୍ଶନ କରିବେ ଏବଂ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବୈଠକରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶଇକ୍ଷକ, ପ୍ରଧାନ ଶିକ୍ଷକ, ବିଭିନ୍ନ କମିଟି ସଦସ୍ୟ, ସହକାରୀ ଶିକ୍ଷକ, ସିଆର୍‌ସିସି ପ୍ରମୁଖ ଉପସ୍ଥିତ ଥିଲେ। ସହ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ।

# କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ

**ଝାରସୁଗୁଡ଼ା,୯।୧(ଆଶିଷ ରଞ୍ଜନ ଦାଶ)**

**ଜଙ୍ଗଲ ଜମି ଦଖଲ ଘଟଣା**

ଝାରସୁଗୁଡ଼ା ସଦର ବ୍ଲକ ଶ୍ରିପୁରା ଗ୍ରାମପଞ୍ଚାୟତଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଛି। ଏହି କମ୍ପାନୀ ବିରୋଧରେ ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ସହ ଜିଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଶ୍ରିପୁରା ଗ୍ରାମବାସୀ କହିଛନ୍ତି। ଶ୍ରୀପୁରା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏପସିଲନ କମ୍ପାନୀ ଗ୍ରାମସଭାର ବିନା ଅନୁମତିରେ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲକୁ ନିଜ କମ୍ପାନୀର ରାସ୍ତା ଭାବରେ ବ୍ୟବହାର କରୁଛି। ଏପରି କି ଉକ୍ତ ପାଦଚଲା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କାଟି ଦେଇ ପରିବହନ ପାଇଁ ରାସ୍ତାକୁ ଚଉଡ଼ା କରିଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ, କୌଣସି ଜଙ୍ଗଲ ଜମିର ପରିବର୍ତ୍ତନ କି ହସ୍ତାନ୍ତର ପୂର୍ବରୁ ଗ୍ରାମସଭାର ଅନୁମୋଦନ ଆବଶ୍ୟକ। କିନ୍ତୁ ଗ୍ରାମର ଜଙ୍ଗଲ ଜମି ଉକ୍ତ କମ୍ପାନୀର ରାସ୍ତା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ ‘ଏକ୍ ପେଡ୍ ମା କେ ନାମ୍’ କାର୍ଯ୍ୟକ୍ରମ ଅନ୍ତର୍ଗତ ଜଙ୍ଗଲ ବିଭାଗ ସହିତ ମିଶି ୧ହଜାର ଚାରା ରୋପଣ କରିଥିଲେ। ଏହା ସହ ଉକ୍ତ ଗଛ ଗୁଡ଼ିକର ସୁରକ୍ଷା ପାଇଁ ବ୍ୟାରିକେଡ୍ ଲଗାଯାଇଥିଲା । ମାତ୍ର ରାସ୍ତା ସଙ୍କୁଚିତ ହେଉଥିବା ଆଳ ଦେଖାଇ ଝାରସୁଗୁଡ଼ା ତହସିଲଦାର ଏହି ବ୍ୟାରିକେଡ୍‌କୁ ହଟାଇ ଦେଇଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଶ୍ରିପୁରାବାସୀ ବିଗତ ଦିନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ଜିଲାପାଳ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ଝାରସୁଗୁଡ଼ା ଜିଲାପାଳ ଏବଂ ଡିଏଫଓଙ୍କୁ ଗ୍ରାମର ଶତାଧିକ ଜନସାଧାରଣ ଯାଇ ଘଟଣା ତଦନ୍ତ କରି ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହା ଗ୍ରାମବାସୀ ତଥା ଜନ ପ୍ରତିନିଧି କମ୍ପାନୀ ଆଗରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ। କମ୍ପାନୀ ବିରୋଧରେ ଏନ୍‌ଜିଟିରେ ମଧ୍ୟ ମାମଲା କରାଯାଇଥିବା ବେଳେ ଜିଲା ପ୍ରଶାସନ ଏଯାଏ ତଦନ୍ତ ଆରମ୍ଭ କରିନାହାନ୍ତି; ଯାହାକୁ ନେଇ ଶ୍ରିପୁରା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହିତ ଜିଲା ପ୍ରଶାସନ ତଦନ୍ତ ପ୍ରକ୍ରିୟାରେ ବହୁ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ଶ୍ରିପୁରା ଗ୍ରାମବାସୀ ରାଜରାସ୍ତାରେ ଆନ୍ଦୋଳନ କରିବ, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଏହି ଘଟଣା ବିଷୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନେଇଥିବା ନେଇ ଶ୍ରିପୁରା ଗ୍ରାମର ଜିଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି। ଏ ନେଇ ଝାରସୁଗୁଡା ତହସିଲଦାର ସଦାକର କୁମ୍ଭାରଙ୍କୁ ପଚାରିବାରୁ ଏନଜିଟିରେ ଏହି ମାମଲା ବିଚାରାଧୀନ ଥିବାରୁ କୌଣସି ମତ ଦେଇପାରିବିନାହିଁ ବୋଲି କହିଛନ୍ତି। ଏ ନେଇ ଏପସିଲନ କମ୍ପାନୀର ପ୍ଲାଣ୍ଟ ହେଡ୍ ରାକେଶ ମୋହନଙ୍କୁ ପଚାରିବାରୁ ଏହା ଉପରେ ଜିଲା ପ୍ରଶାସନ ଯାହା ନିଷ୍ପତ୍ତି ନେବ ଏବଂ ଯାହା ଆଇନ ସମ୍ମତ ଅଟେ, ତାହା କମ୍ପାନୀ ମାନିବ ଏବଂ କାର୍ଯ୍ୟକାରୀ କରିବ ବୋଲି କହିଛନ୍ତି।

# ମନ୍ଥର ଗତିରେ ଚାଲିଛି ଧାନ ସଂଗ୍ରହ

**କଳାହାଣ୍ଡି ଜିଲା**
- ରବି ଚାଷ ପାଇଁ ପାଣି ଆସିଲା
- ଖରିଫ ଧାନ ବିକ୍ରି ବାକି
- ଜିଲାର ଧାନ କିଣା ଟାର୍ଗେଟ ୩୬ ଲକ୍ଷରୁ ୫୪ ଲକ୍ଷକୁ ବୃଦ୍ଧି

ଭବାନୀପାଟଣା, ୯।୧ (ଉତ୍ତମ କୁମାର ଦାଶ)



କଳାହାଣ୍ଡି ଜିଲାର ଏକ ମଣ୍ଡିରେ ଧାନ ବିକ୍ରି ନ ହୋଇ ରହିଛି।

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଧାନ କିଣା ଆରମ୍ଭରୁ ମନ୍ଥର ଗତିରେ ଚାଲୁଥିବା ଦେଖିବାକୁ ମିଳିଛି। ଗତ ୫ ରୁ ୭ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ମଣ୍ଡିରେ ଅଚଳାବସ୍ଥା ଦେଖାଦେଇଥିଲା। ମିଲର୍ସଙ୍କ ଆନ୍ଦୋଳନ ସ୍ୱାଭାବିକ ହେବା ପରେ ୮ତାରିଖ ଠାରୁ ମଣ୍ଡିରୁ ଧାନ ଉଠାଣ ଆରମ୍ଭ ହୋଇଥିଲା। ଗୁରୁବାର ସୁଦ୍ଧା ଜିଲାରେ ୫୩ ହଜାର ୨୨୭ ଜଣ ଚାଷୀ ୨୪ ଲକ୍ଷ ୨୨ ହଜାର ୬୬୧ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ସେହିପରି ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩୬ଲକ୍ଷ ୫ହଜାର ୮ ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିବାବେଳେ ଶୁକ୍ରବାର ଜିଲାକୁ ପୁଣି ଆହୁରି ଅତିରିକ୍ତ ୧୭ ଲକ୍ଷ ୫ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯାଇଛି। ଫଳରେ ବର୍ତ୍ତମାନ ଜିଲାର ଧାନ କିଣା ଟାର୍ଗେଟ ୫୪ ଲକ୍ଷ ୮ ଶହ କୁଇଣ୍ଟାଲରେ ପହଞ୍ଚିଛି। ଜିଲାର ୨୩୦ଟି ମଣ୍ଡିରେ ମିଲର୍ସମାନେ କମ ସଂଖ୍ୟକ ଟ୍ରକ ପଠାଉଥିବା ଯୋଗୁ ଧାନ ଉଠାଣରେ ବିଳମ୍ବ ଦେଖାଦେଉଛି । ମଣ୍ଡିମାନଙ୍କରେ ଚାଷୀମାନେ ଧାନକୁ ତାରପୋଲିନ ଢାଙ୍କି ହାଡ଼ଭଙ୍ଗା ଶୀତ କାକରରେ ପଡି ରହିଛନ୍ତି। ତେବେ ଏହାରି ମଧ୍ୟରେ ଗତ ୭ ତାରିଖଠାରୁ ରବି (ଡାଲୁଅ) ଚାଷ ପାଇଁ ଇନ୍ଦ୍ରାବତୀରୁ ପାଣି ଛଡା ଯାଇଥିବାବେଳେ ଏପର୍ଯ୍ୟନ୍ତ ଚାଷୀ ମଣ୍ଡିରେ ଖରିଫ ଧାନ ବିକ୍ରୀ କରିପାରିନାହାଁନ୍ତି। ଅନ୍ୟପକ୍ଷରେ ରବିଚାଷ ଆରମ୍ଭ ହେବାକୁ ଥିବା ଯୋଗୁ ବହୁ ଚାଷୀ ଅଣ୍ଡର ରେଟରେ ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଦଲାଲମାନେ ମିଲର୍ସମାନଙ୍କ ଜରିଆରେ ମିଲମାନଙ୍କୁ ଧାନ ଯାଉଥିବା ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ମିଲ ପଏଣ୍ଟଗୁଡିକର ଷ୍ଟକ ଭେରିଫିକେସନ କରାଯିବାକୁ ଚାଷୀ ମହଲରେ ଦାବି ହୋଇଛି। ଗୋଟିଏ ପଟେ ଟୋକନ ବିଭ୍ରାଟ ଅନ୍ୟପଟେ ବିଳମ୍ବରେ ଧାନ ଉଠାଣ ଯୋଗୁ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଗତ କିଛି ଦିନ ଧରି ଶୀତ ବଢିବାରେ ଲାଗିଥିବାବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଧାନ ଧରି ଜଗି ରହିଥିବା ଚାଷୀଙ୍କ ଚିନ୍ତା ମଧ୍ୟ ସେତିକି ବଢିବାରେ ଲାଗିଛି । ଧାନ ମଣ୍ଡି ପାଇଁ ରାଜନେତାଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ନିରବଦ୍ରଷ୍ଟା ଥିବା ଯୋଗୁଁ ମଣ୍ଡିମାନଙ୍କରେ ଅଚଳାବସ୍ଥା ଦେଖାଦେଇଛି ।

# ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ କଳାହାଣ୍ଡି ଗସ୍ତ




ସାନକାର୍ଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାକୁ ଶୁକ୍ରବାର ଦିନିକିଆ ଗସ୍ତରେ ଆସିଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ। ଏହି ଅବସରରେ ସେ ଭବାନୀପାଟଣା ବ୍ଲକ ନିକଟସ୍ଥ ଭଟାଙ୍ଗପଦର ପଞ୍ଚାୟତର ସୁଲିଆ ଗ୍ରାମରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଉପରେ ଆଲୋଚନା କରିଥିଲେ। ଗୁଣାତ୍ମକ ଦିଗରେ ଅବହେଳିତ ବ୍ୟକ୍ତିବିଶେଷଙ୍କ ଆର୍ଥିକ ସାମାଜିକ କ୍ଷେତ୍ରରେ ଆଗେଇ ଆସିବା ପାଇଁ ଏହି ଆଲୋଚନାଚକ୍ର ହୋଇଥିଲା। ଏହି ଆଲୋଚନା ସଭାରେ ସ୍ଥାନୀୟ ସମିତି ସଭ୍ୟ ରୁପେନ୍ଦ୍ର ଛତ୍ରିଆ, ଶରତ ନାଗ, ପୂର୍ବତନ ସରପଞ୍ଚ ବାସ ମାଝୀ, ୱାର୍ଡ ସଭ୍ୟ ଦ୍ୱିତୀୟ ମାଝୀ, ୱାର୍ଡ ସଭ୍ୟ ରାଜୁ ମାଝୀ, ୱାର୍ଡ ସଭ୍ୟା ଲିଙ୍ଗ ମାଝୀ, ବସ୍ତ୍ର ଶିଖା, ଏମ.ବି.କେ ହୀରା ବିଭାର, ନୃପେନ୍ଦ୍ର କୁମାର ଗଙ୍ଗଦେବ ତଥା ସୁଲିଆ ଗ୍ରାମର ଅନେକ ମହିଳା, ପୁରୁଷ ଉପସ୍ଥିତ ରହିଥିଲେ। ପରେ ସେ ଗୁଣ୍ଡୁରୀ ପଞ୍ଚାୟତର ସାନକାର୍ଲି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ କମିଶନର ପିତାମ୍ବର ଭୋଇ,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତପମଣି ଜାନୀ, ବିଇଓ ରଷିଆ ମେହେର ଯୋଗଦେଇଥିଲେ। ସୁଡଳ ମୁଣ୍ଡ, ସମିତିସଭ୍ୟା ପଦ୍ମିନୀ ପୂଝାରୀ, ନାଏବ ସରପଞ୍ଚ କାନ୍ତୀ ମାଝୀ, ମନୋଜ କୁମାର ସାହୁ, ଆଞ୍ଚଳିକ ସାଧନ ସଂଯୋଜକ ଭଟାଙ୍ଗପଦର, ପ୍ରଧାନ ଶିକ୍ଷକ ପ୍ରବୀଣ ତାଣ୍ଡି ସହ ଶିକ୍ଷକ ଦନାର୍ଦ୍ଧନ ମିଶ୍ର, ଗ୍ରାମ୍ୟ ଶିକ୍ଷା କମିଟିର ସଭାପତି ଜୟନ୍ତ ତାଣ୍ଡି, ରବିନ୍ଦ୍ର ମାଝୀ, ଚୈତନ୍ୟ ମହାନନ୍ଦ, ଅବନା ବାଗ, ସନ୍ତୋଷ ତାଣ୍ଡି, ପବିତ୍ର ବାଗ, କୃଷ୍ଣ ତାଣ୍ଡି, ସାନକାର୍ଲି ଗ୍ରାମର ଅନେକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଅଧିକାର ମିତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର

ନୂଆପଡ଼ା, ୯।୧ ( ମକାରୁ ବେମାଲ)

ନୂଆପଡ଼ା ଜିଲା ଆଇନ ସେବା ପ୍ରାଧିକରଣର ନୂତନ ଭାବେ ନିଯୁକ୍ତ ଅଧିକାର ମିତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ତାଲିମ ଶିବିର କୋର୍ଟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲା ଓ ଦୌରା ଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ଜିଲାପାଳ ତଥା ପ୍ରାଧିକରଣର ସଦସ୍ୟ ମଧୁସୂଦନ ଦାଶ, ଅତିରିକ୍ତ ଜିଲା ଓ ଦୌରାଜଜ ନୂଆପଡା ସୁନୀଲ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା କୋର୍ଟ) ସରୋଜିନୀ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାଶ, ସରକାରୀ ଓକିଲ ତଥା ପ୍ରାଧିକରଣର ସଦସ୍ୟ ତ୍ରିଲୋକଚନ୍ଦ ସୋନୀ, ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ବରିଷ୍ଠ ଆଇନଜୀବୀ କୁମୁଦ କୁମାର ହୋତା, ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟର ଅଧିବକ୍ତା ତଥା ଜିଲା ଅଧିବକ୍ତା ସଂଘର ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଓଡ଼ିଶା ଜୀବିକା ମିଶନ (ମିଶନ ଶକ୍ତି)ର ଜିଲା ସଂଯୋଜକ ପ୍ରିୟଦର୍ଶିନୀ ଯୋଶୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଧିକାର ମିତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧିକାର ମିତ୍ରମାନଙ୍କ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ, ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ନାଗରିକମାନଙ୍କର ମୌଳିକ ଅଧିକାର ଏବଂ ମୌଳିକ କର୍ତ୍ତବ୍ୟ, ମହିଳାମାନଙ୍କ ଅଧିକାର ଓ ସଶକ୍ତିକରଣ, ସମ୍ବିଧାନର ଧାରା ୩୯କ ଅନ୍ତର୍ଗତ ସମାନ ନ୍ୟାୟ ଏବଂ ବିଧିକ ସହାୟତା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ନୂତନ ଭାବେ ନିଯୁକ୍ତ ହୋଇଥିବା ଅଧିକାର ମିତ୍ରଗଣ ଯୋଗଦାନ କରିଥିଲେ।




ଅଧିକାର ମିତ୍ରଙ୍କୁ ତାଲିମ ଦିଆଯାଉଛି।

# ନୂଆପଡ଼ା ପଞ୍ଚାୟତ ସମିତିର ଚତୁର୍ଦ୍ଦଶ ବୈଠକ




କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା,୯।୧(ମକାରୁ ବେମାଲ)

ନୂଆପଡା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ଚତୁଃଦଶ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡା ବିଧାୟକ ଜୟ ଢୋଲକିଆ, ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଡିଓ ରୋହିତ ଭୋଇ, ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ଜିଲା ପରିଷଦ ସଭ୍ୟ ଉମାଠାକୁର, ଭାନୁ ପ୍ରତାପ ସିଂ ମାଝି, ଭରତ ଲାଲ ରାଉତ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ଏହି ବୈଠକରେ ସର୍ବପ୍ରଥମେ ପଞ୍ଚାୟତ ସମିତିର ପୂର୍ବ ବୈଠକର ସୂଚନା ପ୍ରଦାନ କରାଯାଇଥିଲା। ପରେ ସଭାପତିଙ୍କ ଅନୁମୋଦନ କ୍ରମେ ପ୍ରମୁଖ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇ ମତ ପ୍ରଦାନ କରିଥିଲେ। ସେହିପରି ପଞ୍ଚାୟତ ସମିତିରେ ଚାଲିଥିବା ବିଭିନ ଯୋଜନାଗୁଡିକର ରୂପାୟନ ସମ୍ପର୍କରେ ମଧ୍ୟ ବିଧାୟକ ଜାଣିବାକୁ ଚାହିଁଥିଲେ। ଚାଲିଥିବା ଯୋଜନା ଗୁଡ଼ିକର ସମୀକ୍ଷା କରାଯାଇଥିଲା। ପରେ ଅନ୍ୟ ସ୍ଥାନୀୟ ବିଷୟବସ୍ତୁ ଓ ଆଗାମୀ କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରାଯାଇଥିଲା। ସେହିପରି ବୈଠକରେ ସରପଞ୍ଚ ସଂଘ ପକ୍ଷରୁ ସଂଘ ସଭାପତି ପ୍ରେମଲାଲ ନାଏକ ଓ ସମିତି ସଭ୍ୟ ସଂଘ ପକ୍ଷରୁ ସଭାପତି ନିଲ କମଲ ଚନ୍ଦ୍ରକାର ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ଅଧିକାରୀ ଯୋଗଦେଇଥିଲେ। ପରେ ବିଡିଓ ରୋହିତ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଇପିଏଫ୍ ସଂଘ ପକ୍ଷରୁ ପେନ୍‌ସନ ବୃଦ୍ଧି ନେଇ ଦାବିପତ୍ର




ଦାବିପତ୍ର ଦେବା ପାଇଁ ଆସିଥିବା ଇପିଏଫ ସଂଘର କର୍ମକର୍ତ୍ତା।

ନୂଆପଡ଼ା, ୯।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ଇପିଏଫ୍ ସଂଘ ପକ୍ଷରୁ ପେନସନ ବୃଦ୍ଧି ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡିକ ହେଲା ଅବସରପ୍ରାପ୍ତ କର୍ମଚାରୀଙ୍କ ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ବୃଦ୍ଧି ସହ ମହାଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପେନସନ ପ୍ରଦାନ କରାଯାଉ, ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ, ସମସ୍ତ ପେନସନଭୋଗୀ ପରିବାରକୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ଯୋଗାଇ ଦିଆଯାଉ ବୋଲି ଦାବି କରିଛନ୍ତି। ସଂଘ ସଭାପତି ରାଜ କିଶୋର ତ୍ରିପାଠୀ, ସମ୍ପାଦକ ସୁଶୀଲ କୁମାର ପଟେଲ, ଚେରୁ ମେହେର, ଭାସ୍କର ମିଶ୍ର, ନରସିଂହ ରାଉତ ରାୟ, ଶୋଭା ହରିଜନ, ତୁଳସୀ ବିଶି, ରମେଶ ବିଶି, ମିଥେଲେଶ୍ୱର କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ-ଚାଳିତ ଅଭିଯୋଗ ଶୁଣାଣି, ସ୍ୱାସ୍ଥ୍ୟସେବା କାର୍ଯ୍ୟକାରୀ

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ସ୍ୱରୂପ ଅଭିଯୋଗ ସମାଧାନ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ପ୍ରାକ-ଶୈଶବ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତାର ପ୍ରୟୋଗ କରାଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ପରିଚାଳିତ ହେଉଛି। ପ୍ରଶାସନ ପକ୍ଷରୁ ଆମର ସହାୟକ ନାମକ ଏକ ଜେନେରେଟିଭ-ଏଆଇ ଏବଂ ରିଟ୍ରିଭାଲ-ଅଗମେଣ୍ଟେଡ ଜେନେରେସନ ଭିତ୍ତିକ ହ୍ୱାଟ୍ସଆପ ଚାଟ୍ବୋଟ ବିକଶିତ କରାଯାଇଛି। ଏହି ବହୁଭାଷୀ (ଓଡ଼ିଆ ଏବଂ ଇଂରାଜୀ) ଚାଟ୍ବୋଟ ନାଗରିକମାନଙ୍କ ପାଇଁ ଏକ ସମନ୍ୱିତ ଡିଜିଟାଲ ସହକାରୀ ଭାବେ କାର୍ଯ୍ୟ କରିବ। ଏହା ମାଧ୍ୟମରେ ଲୋକମାନେ ସେମାନଙ୍କର ଅଭିଯୋଗ ଦାଖଲ କରିବା ସହ ବିଭିନ୍ନ ସରକାରୀ ଯୋଜନା, ସେବା, ଆଇନ ଏବଂ ପ୍ରକ୍ରିୟା ବିଷୟରେ ତୁରନ୍ତ ଠିକ ସୂଚନା ପାଇପାରିବେ। ଏହା ବ୍ୟତୀତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ମୃତ୍ୟୁହାର ହ୍ରାସ କରିବା ଏବଂ ସମୟୋଚିତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ଏଆଇ-ଚାଳିତ ସ୍ତନ କର୍କଟ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ କରିଛି। ଏହି ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଅତି ଶୀଘ୍ର ଏବଂ ଠିକ ଭାବେ ରୋଗ ଚିହ୍ନଟ କରାଯାଇପାରିବ। ଫଳରେ ଅଞ୍ଚଳର ମହିଳାମାନେ ସହଜରେ ଜୀବନରକ୍ଷାକାରୀ ସ୍କ୍ରିନିଂ ସୁବିଧା ପାଇପାରିବେ। ରୋଗ ନିରୂପଣ ସମୟକୁ କମାଇ କର୍କଟ ବିରୋଧରେ ଲଢ଼େଇକୁ ଶକ୍ତିଶାଳୀ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ ପାୱାର ପ୍ରକାଶ କରିଛନ୍ତି।

# ସୁବିଧା କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ପଲମ, ୯।୧(ଭିକାରି ଗଉଡ଼)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଟକର୍ଲା ପଞ୍ଚାୟତ ସ୍ଥିତ ଟକର୍ଲା ପଞ୍ଚାୟତ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ସୁବିଧା କେନ୍ଦ୍ର ଓ ପଲମ ପଞ୍ଚାୟତ ପରିସରରେ ଥିବା ସୁବିଧା କେନ୍ଦ୍ର ଏବଂ ପଲମ (ଖ)ର ଅଙ୍ଗନୱାଡି କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁ ଓ ପଲମ ସରପଞ୍ଚ ହେମ କିଶୋର ନାଗଙ୍କ ଉପସ୍ଥିତିରେ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟିକା ମନୋରମା ମହାନ୍ତି ଏବଂ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦାନ ଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟକର୍ଲା ପିଇଓ ବିକେଶ ସା ଓ ପଲମ ପିଇଓ ମଧୁସୂଦନ ନାଏକ ଏବଂ ଟକର୍ଲା ସମିତି ସଭ୍ୟା ବୁଇରାଣି ରାଉତ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ।



ସୁବିଧା କେନ୍ଦ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅନ୍ୟମାନେ।

# ନୃତ୍ୟରେ ଦୁଲୁକିଲା ବୁଢ଼ାରଜା ମଞ୍ଚ

## କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କଳାହାଣ୍ଡି ଉତ୍ସବ ଘୁମୁରା

କେସିଙ୍ଗା, ୯।୧(ତୁମେଶ୍ୱର ସାହୁ)




କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ୨୮ ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଗୁରୁବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଆବାହକ ସିଦ୍ଧେଶ୍ୱର ମେହେରଙ୍କ ନେତୃତ୍ୱରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ କଣ୍ଠଶିଳ୍ପୀ ଅମର ଦାଶ, ଦୁଷ୍ମନ୍ତ ସୁନା ଓ ଏଲିସାଙ୍କ ଦ୍ୱାରା ଅନେକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୁରୁବାର ସନ୍ଧ୍ୟା ଅଧିବେଶନରେ କେସିଙ୍ଗା ବିଡିଓ ତଥା ଆବାହକ ଜନ୍ମେଜୟ ସ୍ୱାଇଁ ଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀଗଣେଶଙ୍କ ମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ସନ୍ଧ୍ୟା ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କର ବକ୍ତବ୍ୟରେ କହିଲେ, କଳା ସଂସ୍କୃତିକୁ ଦୀର୍ଘ ୨୮ ବର୍ଷ ଧରି ବଞ୍ଚାଇ ରଖିଥିବାରୁ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଗ୍ରାମାଞ୍ଚଳରେ ଲୁପ୍ତ ଭାବେ ଥିବା କଳାକାରମାନେ ଲୋକ ଲୋଚନକୁ ଆସି ଅତି ସୁନ୍ଦର ଭାବେ କଳା ପ୍ରଦର୍ଶନ କରୁଥିବାରୁ ଦର୍ଶକମାନେ ତାହା ଦେଖି ଆନନ୍ଦ ଓ ଉଲ୍ଲସିତ ହେଉଛନ୍ତି। ପ୍ରବଳ ଶୀତ କାକରକୁ ଖାତିର ନ କରି ହଜାର ହଜାର ସଂଖ୍ୟାରେ ଉପସ୍ଥିତ ହେଉଛନ୍ତି ବୋଲି ଧନ୍ୟବାଦ ଜଣାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରଶାନ୍ତି ପ୍ରଧାନ,ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀ ଯୋଗଦେଇଥିଲେ। ଅତିଥିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅତିଥିମାନେ କଳାହାଣ୍ଡି ଉତ୍ସବ ଘୁମୁରାର କଳା ସଂସ୍କୃତି ଉପରେ ମତ ରଖିଥିଲେ। ପରେ ପଶ୍ଚିମ ଓଡିଶାର ବିଶିଷ୍ଟ ହାସ୍ୟ କଳାକାର ଯୋଗେଶ ଜୋଜୋ ଓ ବିନ୍ଧୁଙ୍କ ଦ୍ୱାରା ହାସ୍ୟ କବିତା ଦ୍ୱାରା ଅଭିନୟ କରାଯାଇଥିଲା। ଏହା ସହ ଏସ.ଆଇ. ଅନୁପ କୁମାର ଶତପଥୀଙ୍କ ଦ୍ୱାରା ଯାଦୁ ପ୍ରଦର୍ଶନ କରାଯାଇଥିଲା। ଏହି ବୁଢ଼ାରଜା ମଞ୍ଚରେ ଭବାନୀପାଟଣାର ନୁପୁର ଡ୍ୟାନ୍ସ ଓ ମୟୁର ସାଥିଙ୍କ ସମେତ ଅନେକେ କଳାକାର ସାମିଲ ହୋଇ କଳାହାଣ୍ଡିର ଐତିହ ସାଂସ୍କୃତିକ ପରମ୍ପରା, ଲୋକନୃତ୍ୟ, ଲୋକକଳା ଓ ସଙ୍ଗୀତର ସମାବେଶରେ ବୁଢ଼ାରଜା ମଞ୍ଚ ଦୁଲୁକି ଉଠିଥିଲା। ଏହି ସନ୍ଧ୍ୟା ଅଧିବେଶନରେ ମଞ୍ଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ ଓ ଧନ୍ୟବାଦ ଅର୍ପଣ କରିଥିଲେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ।

**କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍**
CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

**ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି**

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡ଼ିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ଦତୁ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htps://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ ୨, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (| ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ ୨, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାଟ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ ୨, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

**ଶିକ୍ଷକଙ୍କ ଅକାଳ ବିୟୋଗ**

ସୁନ୍ଦରଗଡ଼(ଜୟନାରାୟଣ ମେଣ୍ଡୁଲି): ବିଦ୍ୟାଳୟରେ ପାଠ ପଢାଉଥିବାବେଳେ ହଠାତ ଅସୁସ୍ଥ ହେବା ଓ ପରେ ଡାକ୍ତରଖାନାରେ ପହଞ୍ଚିବା ପରେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକ କୁରେଇଜାଲା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଶିକ୍ଷକଙ୍କ ନାମ ଗୁଣମଣି ମାଝୀ(୪୪)। ଲେଫ୍ରିପଡା ଥାନା ପୋଲିସ ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଶିକ୍ଷକଙ୍କ ଘର କୁସୁରୁମା ଗ୍ରାମରେ।

# ସଫଳ ମହିଳା ଚାଷୀ ଅନ୍ୟମାନଙ୍କ ପାଇଁ ପ୍ରେରଣା

ସୁନ୍ଦରଗଡ଼,୯।୧(ଜୟନାରାୟଣ ମେଣ୍ଡୁଲି)



ନିଜ କ୍ଷେତରେ ସଫଳ ମହିଳା ଚାଷୀ ଏନେମ ଖାଖା।

ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ବହୁଳ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବେହେରାଡ଼ିହିର କେନ୍ଦାଯୋରପଡା ଗ୍ରାମର ଆଦିବାସୀ ମହିଳା ଏନେମ ଖାଖା (୩୮) ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସ୍ୱାମୀ ଏଲେରେନ ଖାଖା ଝିଅ ରଶ୍ମିତା ଖାଖା ଓ ପୁଅ ବିକାଶ ଖାଖାଙ୍କୁ ନେଇ ତାଙ୍କ ପରିବାର। ଧାନ ଚାଷକୁ ଛାଡି ସେ ବେଳେ ତୈଳ ବୀଜ, ଡାଲି ଜାତୀୟ ସହିତ ପନିପରିବା ସମ୍ପୂର୍ଣ୍ଣ ଦେଶୀ ଓ ବିନା ସାର ପ୍ରୟୋଗ କରି ପାରମ୍ପରିକ ଜୈବିକ ପଦ୍ଧତିରେ କୃଷି କରନ୍ତି। ଏହି କ୍ରମରେ ଏନେମ ବିଭିନ୍ନ ପ୍ରକାର ପନିପରିବା କୋବି, ମଟର ଚଣା, ବାଇଗଣ, ବିଲାତି ଚାଷ କରି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ନିଜେ ରୋଜଗାର କ୍ଷମ ହେବା ସହିତ ଅନ୍ୟ ମହିଳାଙ୍କୁ ରୋଜଗାର ଯୋଗାଇ ପାରୁଛନ୍ତି। ନିଜେ ଜଣେ ଆଦର୍ଶ ଅଗ୍ରଣୀ ମହିଳା ଚାଷୀ ହେବା ସାଙ୍ଗକୁ ଜୈବିକ କୃଷି, ବିଷମୁକ୍ତ ଚାଷକୁ ଆପଣାଇବା ନେଇ ସଚେତନତାର ବାର୍ତ୍ତା ଦେଇ ଆସୁଛନ୍ତି। ସେବକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ପ୍ରୋତ୍ସାହନ କ୍ରମେ ବାଲିଶଙ୍କରା ବ୍ଲକରେ ଚାଲୁଥିବା ସୃଷ୍ଟି ଉତ୍ପାଦନ କ୍ଲଷ୍ଟରରେ ପରିଶିଟି ଉତ୍ପାଦକ ଦଳର ତିନି ହଜାର ମହିଳାଙ୍କୁ ନେଇ ଗ୍ରାମସ୍ତରୀୟ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି। ସେମାନଙ୍କୁ କୃଷି କ୍ଷେତ୍ରରେ ସହାୟତା ପ୍ରଦାନ କରାଯାଉଛି। ସମସ୍ତ ସଦସ୍ୟାଙ୍କୁ ନେଇ ବଜାର ବ୍ୟବସ୍ଥାକୁ ନିଜ ଅକ୍ତିଆରରେ ନିୟନ୍ତ୍ରଣରେ ରଖିବା ଦୃଷ୍ଟିରେ କାନ୍ହାକୁଣ୍ଡ ମହିଳା ଉତ୍ପାଦକ କମ୍ପାନୀ ନାମରେ ଶେୟାର ହୋଲଡର କରି ଉତ୍ପାଦିତ ଦ୍ରବ୍ୟକୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ରପ୍ତାନି କରୁଛନ୍ତି ଏହି ମହିଳାମାନେ। ଏହି ସବୁ କାମକୁ ଅତି ସରଳ ଓ ସହଜରେ କରି ପାରୁଛନ୍ତି ଏନେମ ଖାଖା। ଝରଣା ଉତ୍ପାଦକ ଦଳର ସଦସ୍ୟା ଓ କମ୍ପାନୀ ବୋର୍ଡ ମେମ୍ବର ସହ ଉଦ୍ୟୋଗମିତ୍ର ଭାବେ ମଧ୍ୟ ନିଜର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେ ସ୍କୁଲ ଶିକ୍ଷା ସମାପ୍ତି ପରେ ପରିବାର ଲୋକେ ବିବାହ କରି ଦେଇଥିଲେ ଏଲେରେନଙ୍କ ସାଙ୍ଗରେ। ବିବାହ ପରେ ସ୍ୱାମୀଙ୍କ ସହ ରୋଜଗାର ର ସ୍ୱପ୍ନ ଦେଖିବା ସହ ତାକୁ ପୂରଣ ପାଇଁ ଆଲୋଚନା କରିଥିଲେ। ଉକ୍ତ ସମୟରେ ସିଆଇଆରଟିଡି ସଂସ୍ଥା ଦ୍ୱାରା ଲକ୍ଷ୍ମଣ କୃଷକ କ୍ଲବ ଗଠନ କରି ମହିଳାଙ୍କୁ ନେଇ ଚିରନ୍ତନ କୃଷିରେ ସାମିଲ କରାଗଲା ଓ କାର୍ଯ୍ୟଦକ୍ଷତା ବୃଦ୍ଧି କରାଯାଇ ସମ୍ପୂର୍ଣ୍ଣ ଦେଶୀ ପଦ୍ଧତି ଦେଶୀ ଗାଇ ଗୋବରରେ ଜୀବାମୃତ, ହାଣ୍ଡି ଖତ ନିମାସ୍ତ୍ର, ବ୍ରାହ୍ମସ୍ତ୍ର, ଆଗ୍ନେୟାସ୍ତ୍ର, ତରଳ ଯିବା ମୃତ ପ୍ରସ୍ତୁତ କରି ପ୍ରଚାର ପ୍ରସାର ସଚେତନତା କରିବା ରେ ମୁଖ୍ୟ ଭୂମିକା ନିଭାଇ ଥିଲେ ଏନେମ। ବର୍ତ୍ତମାନ 'ସେବକ' ଅନୁଷ୍ଠାନ ବାଲିଶଙ୍କରା ପ୍ରୋତ୍ସାହନରେ ନିଜ ୨.୫ ଏକର ଜମିରେ ମିର୍ଚ୍ଚି, ବିଲାତି, ବାଇଗଣ, ଫୁଲକୋବି, ମଟରଚଣା ଚାଷ କରିଛନ୍ତି। ପ୍ରତିସପ୍ତାହରେ ପ୍ରତ୍ୟେକ ପନିପରିବା ୪ ରୁ ୫ କୁଇଣ୍ଟାଲ ବଜାରରେ ବିକ୍ରି କରୁଛନ୍ତି। ମହିଳାମାନଙ୍କୁ ନେଇ ବିହନରୁ ବଜାର ପର୍ଯ୍ୟନ୍ତ ଏକାଠି ନେଇ କୋଠ ଚାଷ ସଙ୍ଗଠନକୁ ସୁଦୃଢ କରି ରଖିଥିବା ଏନେମ ଖାଖା ବର୍ତ୍ତମାନ ଚାଷରୁ ୨ ରୁ ୨.୫ ଲକ୍ଷ ଟଙ୍କା ବାର୍ଷିକ ଆୟ କରୁଥିବାବେଳେ ମଜୁରୀ, ଶ୍ରମିକ ପରିଶ୍ରମ, ବିହନ, ସାର ଖର୍ଚ୍ଚକୁ ବାଦ ଦେଇ ନେଟ ୨ ଲକ୍ଷ ଲାଭ କରୁଛନ୍ତି। ବଡ଼ ଝିଅକୁ ସୁନ୍ଦରଗଡ ନର୍ସିଂ କଲେଜ ଭେଡାବାହାଲରେ ପାଠ ପଢାଉଥିବା ବେଳେ ପୁଅକୁ ଶଙ୍କରାଚାର୍ଯ୍ୟ ଗୁରୁକୁଳ ଯୁକ୍ତ ଦୁଇ କଲେଜରେ ପଢାଉଛନ୍ତି। ତାଙ୍କର ସଫଳତା ପଛରେ 'ସେବକ' ସଂସ୍ଥାର ପୂର୍ବତନ ସଂଯୋଜକ ମନୋଜ କୁମାର ଦାନଙ୍କ ପ୍ରେରଣା ନିୟମିତ ତଦାରଖ ଓ ବୈଷୟିକ ସହଯୋଗ ପାଇ ସଫଳତା ପାଇଥିବା ସ୍ୱୀକାର କରିଛନ୍ତି। ସେବକ ସଂସ୍ଥାକୁ ଧନ୍ୟବାଦ ଦେଇଛନ୍ତି ତାଙ୍କ ଉଦ୍ୟାନ କୃଷି କ୍ଷେତ୍ରରେ ସଫଳତା ପାଇଁ ଗତ ମାସରେ ଅନୁଷ୍ଠିତ କୃଷି ଯନ୍ତ୍ରପାତି ମେଳା-୨୦୨୫ରେ ଶ୍ରେଷ୍ଠ ଉଦ୍ୟାନ ଚାଷୀ ଭାବେ ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏକଦା ଜୈବିକ ଚାଷୀ ଏନେମ ବାଲିଶଙ୍କରା ପଞ୍ଚାୟତ ସମିତିରେ ସମିତି ସଭ୍ୟା ରହିଥିବା ଜଣେ ସଫଳ ନାରୀ ନେତ୍ରୀ, ସଫଳ ଉଦ୍ୟୋଗୀ ଅଟନ୍ତି। ଚାଷ ଓ ଚାଷୀଙ୍କୁ ଉଦବୁଦ୍ଧ କରି ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଅଣ୍ଟା ଭିଡିଥିବା କହିଛନ୍ତି ସାମାଜିକ କର୍ମୀ ମନୋଜ କୁମାର ଦାନ। ଏନେମ ଏବେ ହାଇଟେକ ଫାର୍ମିଂର ମେଣ୍ଟର ଭାବେ ଚାଷରେ ତାଙ୍କର ଜୀବିକା ଗଢ଼ିଛନ୍ତି। ଜାତୀୟ ସ୍ତରର ସଂସ୍ଥା ଓ ନାବାର୍ଡ ସହାୟତାରେ ନୂତନ ଟେକ୍ନୋଲଜି ଟ୍ରେଲିସ ଖେତି ମୋଡେଲ ଫାର୍ମ ଦ୍ୱାରା ବହୁବିଧ ଉନ୍ନତି ହୋଇଥିବା ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି। ସରକାର ଚାଷୀଙ୍କ କଥା ଶୁଣି କମ ଖର୍ଚ୍ଚରେ ଅଧିକ ଅମଳ କରିପାରିବା ଦିଗରେ ଧ୍ୟାନ ଦେଇ ବଜାର ବ୍ୟବସ୍ଥା ଯୋଗାଇ ଦେଇପାରିଲେ ଯୁବତୀଯୁବକ ଚାଷ ପ୍ରତି ବୀତସ୍ପୃହ ନ ହୋଇ ଚାଷ ପାଇଁ ଆଗକୁ ଆସିବେ ବୋଲି ସେ ମତ ଦେଇଛନ୍ତି।

## ଦକ୍ଷତା ବିକାଶ, ତାଲିମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଣାଇଁ,୯।୧(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଆଇଟିଡିଏ ସଭା ଗୃହରେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ବଣାଇଁ ଉପଖଣ୍ଡର ୧୩ଟି ଲ୍ୟାମ୍ପସ ପରିଚାଳନା ପରିଷଦ ସଦସ୍ୟ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଉପ ନିବନ୍ଧକ ସମବାୟ ସମିତି ସମୂହ ରଶ୍ମିଲତା ବେହେରା, ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାଥ କାଲୁଣ୍ଡିଆ, ବଣାଇଁର ବରିଷ୍ଠ ସହକାରୀ ନିବନ୍ଧକ ଅଜୟ କୁମାର ସେଠି, ସୁନ୍ଦରଗଡ ସହ ସମବାୟ ସମୀକ୍ଷକ ଚୈତନ୍ୟ ବେମାଲ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିବା ସହ ସଚେତନ କରିଥିଲେ। ସଭାପତି ତ୍ରିପାଠୀ ସମସ୍ତଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ଆଲୋକ ପ୍ରକାଶ ପଟେଲ, ସଂଧ୍ୟାରାଣୀ ନାଏକ, ବାସନ୍ତୀ ସାମନ୍ତଙ୍କ ସମେତ ୧୫୦ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଗତ ଆର୍ଥିକ ବର୍ଷରେ ଖୁଣ୍ଟଗାଁ ଓ ରୁଗୁଡା ଲ୍ୟାମ୍ପସର ଦୃତ ଆର୍ଥିକ ପ୍ରଗତି ଘଟିଥିବାରୁ ପ୍ରଶଂସା କରାଯାଇଥିଲା। ବଣାଇଁ , ଗୁରୁଣ୍ଡିଆ ଏବଂ ଲହୁଣୀପଡ଼ା ଶାଖା ପରିଚାଳକ ସଂଯୋଜନା କରିଥିଲେ । ଶେଷରେ ଲହୁଣୀପଡ଼ା ଶାଖା ପରିଚାଳକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବନ୍ଦେ ମାତରମ୍ ଉପରେ ଆଲୋଚନାଚକ୍ର

ରାଉରକେଲା,୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କଲେଜ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗର ମାଧବ ନଗର ଶାଖାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ମହାନଗର ସଭାପତି ତଥା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ନାୟକ ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ହରେକୃଷ୍ଣ ମାଝୀ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ବନ୍ଦେ ମାତରଂ @୧୫୦' ଉପରେ ଆଲୋଚନା କରିଥିଲେ। ବନ୍ଦେ ମାତରଂ ଶବ୍ଦର ଉତ୍ପତ୍ତି, ଏହାର ଇତିବୃତ୍ତ, ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଅବଦାନ, ମାତୃଭାଷା, ମାତୃଭୂମିର ଋଣ ଓ ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରତା, ପର୍ଯ୍ୟାବରଣ ସଂରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱ-ଆଧାରିତ ଜୀବନ ଓ ନାଗରିକ କର୍ତ୍ତବ୍ୟବୋଧ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମାଧବ ନଗର ଶାଖା ସଭାପତି ବ୍ରଜେନ୍ଦ୍ର ଦାଶ ପ୍ରାକ୍ କଥନ ରଖିଥିଲେ। ଗାଳ୍ପିକ କାଶୀନାଥ ନନ୍ଦୀ ଗଳ୍ପ ପାଠ କରିଥିଲେ। କବି ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ରାଷ୍ଟ୍ର ବନ୍ଦନା କବିତା ପାଠୋତ୍ସବ ହୋଇଥିଲା। ଡ. ସୁଶାନ୍ତ କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ରାଉତ, ବିଶ୍ୱରଞ୍ଜନ ବାରିକ, ତ୍ରିଲୋଚନ ବେହେରା, ସୁସ୍ମିତା ମହାପାତ୍ର, କରୁଣାକର ପାଢଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## ଇନ୍‌ଷ୍ଟାଗ୍ରାମରେ ପ୍ରେମିକାଙ୍କ ଆପତ୍ତିଜନକ ଫଟୋ ଅପ୍‌ଲୋଡ କରି ପ୍ରେମିକ ଗିରଫ

ସୁନ୍ଦରଗଡ,୯।୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଲେଢ଼ିମଙ୍ଗ ଗ୍ରାମର ଜଣେ ଯୁବକ ପ୍ରେମିକାଙ୍କ ଆପତ୍ତିଜନକ ଫଟୋ ଫେକ ଇନଷ୍ଟା ଗ୍ରାମରେ ଅପଲୋଡ଼ କରିବା ଅଭିଯୋଗରେ ଭଷ୍ମା ଥାନା ପୋଲିସ ତାଙ୍କୁ ଗିରଫ କରିଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଯୁବକଙ୍କ ନାମ ରକି କାଲୋ(୨୨)। ପୋଲିସ ଅଭିଯୁକ୍ତଙ୍କ ନାମରେ ଭଷ୍ମା ଥାନାରେ ଏକ ମାମଲା (ନଂ.୩/୨୦୨୬) ରୁଜୁ କରିଛି। ଅଭିଯୁକ୍ତ ଯୁବକ ଭଷ୍ମା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଗତ ୪ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ମାତ୍ର କିଛି ମାସ ହେବ ଉଭୟ ପରସ୍ପରକୁ ସନ୍ଦେହ କରିବା ଆରମ୍ଭ କରିଥିଲେ। ଯୁବତୀ ଜଣକ ଅନ୍ୟ କୌଣସି ଯୁବକଙ୍କ ସହ ଓ ଯୁବକ ଜଣକ ଅନ୍ୟ କାହା ସହିତ କଥା ହେଉଥିବା ନେଇ ସନ୍ଦେହ କରିଥିଲେ। ଫଳରେ ଅଭିଯୁକ୍ତ ଯୁବକ ଫେକ ଇନଷ୍ଟାଗ୍ରାମ ଖୋଲି ପ୍ରେମିକାଙ୍କ ଫଟୋ ଅପଲୋଡ଼ କରିଥିବା ନେଇ ଯୁବତୀ ଜଣକ ଗୁରୁବାର ଭଷ୍ମା ଥାନାରେ ଅଭିଯୋଗ କରିଥିଲେ।




ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥି ଓ ଅନ୍ୟମାନେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଜଗାଙ୍ଗପୁର,୯।୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଲାଇଙ୍ଗଠାରେ ଥିବା ବିମଳାଦେବୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଘ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଭିନ୍ନକ୍ଷମ ବର୍ଗର ୧୭୦ ଜଣ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଡାକ୍ତରମାନେ ୧୪୬ ଜଣଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ସୁନ୍ଦରଗଡ଼ ଜିଲାର ସାଂସଦ ପ୍ରତିନିଧି ନରସିଂହ ମିଞ୍ଜ, ଲାଇଙ୍ଗ ସରପଞ୍ଚ ରୋସନି ତିର୍କୀ, ଏବିଡିଓ ପ୍ରଦୀପ ସାହୁ, ରାମକୃଷ୍ଣ ମୁଣ୍ଡାରି ବିଏସଏସଓ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ଚକ୍ଷୁ ବିଶେଷଜ୍ଞ ଡା.ପୂର୍ଣ୍ଣଚନ୍ଦ୍ର ମାଝୀ, ଇଏନ୍‌ଟି ବିଶେଷଜ୍ଞ ଡା. ଦୀପକ ପ୍ରଧାନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୋମ ଶୁଭମକର, ମେଡିସିନ ସ୍ପେଶାଲିଷ୍ଟ ଡା. ଅଙ୍କନ ପଟେଲ, ଶିଶୁ ବିଶେଷଜ୍ଞ ଡା. ଶ୍ରୀମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମଙ୍କ ଚିକିତ୍ସା ତଥା ଯାଞ୍ଚ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ସୁନ୍ଦରଗଡ,୯।୧(ଜୟନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ କୁକୁରୀଡିହି ଗ୍ରାମରେ ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବତୀଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ତାଙ୍କୁ ପାଣିରୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ସବଡେଗା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଞ୍ଜିରିକେଲା ଥାନା ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଜଗାଙ୍ଗପୁର,୯।୧(ଅଶୋକ ପାଣି): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦର ବଗିଚାପଡାରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ଚନ୍ଦନ ସା(୨୦)। ରାଜଗାଙ୍ଗପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା କରିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟା୩୦ରେ ଚନ୍ଦନଙ୍କ ପରିବାର ଲୋକେ କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧୨ଟାରେ ଘରକୁ ଫେରିବା ପରେ ଚନ୍ଦନଙ୍କୁ ସିଲିଂ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଦେଖି ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ।

## ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁତ୍ରା, ୯।୧(ଦେବାଶିଷ ସାହୁ)



ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଅଧିକାର ଡ. ମୁରଲୀଧର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢା ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ କହିଥିଲେ। ଭବିଷ୍ୟତରେ ବଡ଼ ମଣିଷ ହେବା ପାଇଁ ସଦା ସର୍ବଦା ଚେଷ୍ଟିତ ରହିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ସିଏସଆର ହେଡ ଲାଞ୍ଜିବେର୍ଣ୍ଣା ମାଇନ୍ସ ନିଗୋମାନନ୍ଦ ବେହେରା, ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକୋନାଥ ପ୍ରଧାନ, ବିଦ୍ୟାଳୟ ପ୍ରତିଷ୍ଠାତା ରାମପାଲ କପୁର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଥମାସ ବିଲୁଙ୍ଗ, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରଣୀ ଧର ଅଡ଼ା, ସୁଜାତା ଦାସ, କନକ ଲତା, କୃଷ୍ଣ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ମହେନ୍ଦ୍ର ସିଂହ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକର ସମସ୍ତ ସିଆର୍‌ସିସି, ଅନୁଷ୍ଠାନର କୁମାରୀ ଜୟପୁରିଆ, ମମତା ସ୍ୱାଇଁ, ଆଲିଶା ଟପ୍ପୋ, ଭିକାରି ଦାସ, ପ୍ୟାରେଲାଲ ସାହୁଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ମହେନ୍ଦ୍ର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଦିନ ହେଲା କୋଇଡ଼ା, ଟେନ୍‌ସା ଖଣି ଅଞ୍ଚଳରେ ତୁଷାରପାତ

ଟେନ୍‌ସା, ୯।୧(ସମୀର କୁମାର ପାଢୀ)

ହାଡ଼ଭଙ୍ଗା ଶୀତରେ ଥରହର ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳ। ଲଗାତାର ଗତ ୩ଧରି କୋଇଡା ଓ ଟେନ୍‌ସା ଖଣି ଞ୍ଚଳରେ ତୁଷାରପାତ ହୋଇଛି। ଗୁରୁବାର ରାତିର ତାପମାତ୍ରା କମିଯିବା ପରେ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଛି। ଟେନ୍‌ସା ନିକଟ ଜିରୋ ପଏଣ୍ଟ ଠାରେ ତାପମାତ୍ରା ୦ ଡିଗ୍ରୀ ତଳକୁ ଖସି ସେଠାରେ ବରଫ ପଡିଛି। ଲୋକେ ଲୁହା ଛୁରୀରେ ଫଡାଫଡା ଉଠାଉ ଥିବାର ଦେଖିବାକୁ ମିଳିଛି। ସେହିପରି କୋଇଡାର ତାପମାତ୍ରା ୫ଡିଗ୍ରୀ ତଳେ ରହିଥିଲା । ଏଠାରେ ମଧ ତୁଷାରପାତ ହୋଇଛି। ଏହା ସହ ବିଭିନ୍ନ ସ୍ଥାନ ଯଥା କାଲଟା, କୁସୁମୁଣ୍ଡି, ଟେନ୍‌ସା,



ଟେନ୍‌ସା ଅଞ୍ଚଳରେ ତୁଷାରପାତ ହୋଇଛି।

ପାଟମୁଣ୍ଡା, କାଶିରା, ଟେନ୍‌ସା ଜିନ୍ଦଲ କଲୋନୀ, ଖେଳପଡିଆ, ଛିଡା ହୋଇଥିବା ବିଭିନ୍ନ ଯାନବାହାନ ଉପରେ ବରଫ ଜମି ରହିଥିବା ଦେଖିବାକୁ ମିଳିଛି। ଗତ ୫ଦିନ ଧରି ଥଣ୍ଡା ବଢିଚାଲିଛି। ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେଣି। ଗତ ୩ ଦିନ ରାତିରେ ତୁଷାରପାତ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଜିରୋ ପଏଣ୍ଟର ତାପମାତ୍ରା ୦ଡିଗ୍ରୀ ଥିବାବେଳେ ତନ୍ତରା ନିକଟ ଜିନ୍ଦଲର ତାପମାତ୍ରା ୩ଡ଼ିଗ୍ରୀ, ଟେନ୍‌ସାରେ ୬ଡିଗ୍ରୀ, କୋଇଡାରେ ଗୋଟାଏ ଗୋଟିଏ ଯାଗା ୫, ୬, ୭ଡିଗ୍ରୀ ରହିଥିବାର ଦେଖିବାକୁ ମିଳିଛି। ଏଣୁ ସନ୍ଧ୍ୟା ୭ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଥଣ୍ଡା ଯୋଗୁ ଦୋକାନ ବଜାର ରାତି ୮ଟାରେ ବନ୍ଦ ହୋଇଯାଉଛି। ସକାଳ ୯ଟା ପର୍ଯ୍ୟନ୍ତ ଲୋକେ ବିଛଣା ଛାଡୁନାହାନ୍ତି। ଦିନତମାମ କୋହଲା ପାଗ ରହୁଥିବାବେଳେ ଲୋକେ ଶୀତବସ୍ତ୍ର ଦେହରୁ ବାହାର କରୁନାହାନ୍ତି। ହାଡ଼ଭଙ୍ଗା ଶୀତ ଯୋଗୁ ସନ୍ଧ୍ୟା ହେଲେ ଲୋକେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି। ଗରିବ ଆଦିବାସୀଙ୍କ ଦୁଃଖ କଥା ନ କହିବା ଭଲ। ଅଭାବ ଅନାଟନରେ ଶୀତବସ୍ତ୍ର ଅଭାବରୁ ରାତିରେ ନିଆଁଜାଳି ଗରିବ ପରିବାର ଲୋକେ ନିଆଁ ଚାରିପାଖେ ବସି ରହୁଥିବାର ଦେଖିବାକୁ ମିଳିଛି।

**କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍**
CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

**ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି**

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡ଼ିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ଦତ୍ତୁ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htps://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ 9, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (I ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ 9, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋତାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

# ବିଭୋର କଲା ଓଡ଼ିଶୀ, ବିହୁ, ଝୁମର ନୃତ୍ୟ



ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

## ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

**ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଓଡିଶୀ, ଆସାମର ବିହୁ, ଫୁଲବାଣୀର ଆଦିବାସୀ ନୃତ୍ୟ, ହରିୟାନା କଳାକାରଙ୍କ ଝୁମର ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡା, ପଶ୍ଚିମବଙ୍ଗ କଳାକାରଙ୍କ ବଙ୍ଗୀୟ ଲୋକନୃତ୍ୟ ଓ ସୋନପୁର ପର୍ଏଁରୀ ଅନୁଷ୍ଠାନର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ପ୍ରଥମ ଚରଣରେ ଭୁବନେଶ୍ୱର ଗାନ୍ଧର୍ବିକା ଅନୁଷ୍ଠାନର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଯାହାକି ମଞ୍ଚରେ ଭକ୍ତିଭାବ ଆଣିଥିଲା। ପରେ ତରଭା ରୂପଶ୍ରୀ କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ଫୁଲବା ନୂତନ କଳା ପରିଷଦ କଳାକାରଙ୍କ ଆଦିବାସୀ ନୃତ୍ୟ, ଆସାମର କଳାକାରଙ୍କ ବିହୁ ନୃତ୍ୟ, ସୋନପୁର ପର୍ଏଁରୀ ଅନୁଷ୍ଠାନର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ହରିୟାନା କଳାକାରଙ୍କ ଝୁମର ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡା, ବଲାଙ୍ଗୀର ଜିଲା ପାଟଣାଗଡ କଳାକାରଙ୍କ ଢାପ ନୃତ୍ୟ, ବରଗଡ ସୟମ ପଡିଆବାହାଲ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ବିନିକା ବ୍ଲକ ମହଦା କଳାକାରଙ୍କ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ବିଭୋର କରିଥିଲା। ନୃତ୍ୟ ଓ ବାଦ୍ୟର ମହା ସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଦିଲିପ ଦୀପ, ବ୍ୟାସଦେବ ପୁରୋହିତ, ଡ. ରେଶମ ରାଣୀ ଦାଶ ଓ କୃଷ୍ଣଚନ୍ଦ୍ର ସିନ୍ଧିଆ ଲୋକସଙ୍ଗୀତ ଗାନ କରିଥିଲେ। କଳାକାରଙ୍କ ଲୋକନୃତ୍ୟ ଓ ଲୋକସଙ୍ଗୀତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଜିତେନ୍ଦ୍ରୀୟ ହୋତା, ଚୌଧୁରୀ ବିଭାର, ତନିଶା ଅଗ୍ରୱାଲ, ସସ୍ମିତା ପରମଗୁରୁ, ପ୍ରିତି ପ୍ରତ୍ୟାଶା ପାଣିଗ୍ରାହୀ ଓ ହିମାଂଶୁ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଶୁକ୍ରବାର ସାଂସ୍କୃତିକ ସଭାରେ ଜିଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ବିଧୁଭୂଷଣ ଯୋଗଦେଇ ସୁନାର ମାଟି ସୁବର୍ଣ୍ଣପୁର। ବିବିଧ ସାଂସ୍କୃତିକ ବୈଭବରେ ଏହି ଜିଲା ପରିପୂର୍ଣ୍ଣ। ବହୁ ସୁଯୋଗ୍ୟ ସନ୍ତାନଙ୍କୁ ଏହି ମାଟି ଜନ୍ମ ଦେଇଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ, ଗଙ୍ଗାଧର ବିଶ୍ୱବିଦ୍ୟାଳୟର କୁଳପତି ସୁଶାନ୍ତ କୁମାର ଦାଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ରଘୁନାଥ ମେହେର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପ୍ରଫେସର ଡ. ଗୋପିନାଥ ବାଗ ଯୋଗଦାନ କରି ଜିଲାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅନନ୍ୟ ବୋଲି ମତପ୍ରକାଶ କରିଥିଲେ। ଜିଲାର ବିକାଶ, ଲୋକକଳା ଓ ଲୋକ ସଂସ୍କୃତିର ପ୍ରଚାର ପ୍ରସାରରେ ଏହି ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଥିଲେ। ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ବିନିକା ସନ୍ଥ ଭେଲି ହାଇସ୍କୁଲର ଛାତ୍ରୀମାନେ ଆବାହାନୀ ସଙ୍ଗୀତ ଗାନ କରିଥିବା ବେଳେ ସୋନପୁର ଭୀମଭୋଇ କଳା ପରିଷଦର କଳାକାର ମାନେ ସମାପନ ସଙ୍ଗୀତ ଗାନ କରିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ସଭାକୁ ସଂଯୋଜନା କରିଥିଲେ।

# ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ




ବିନିକା ସିଦ୍ଧାର୍ଥ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବିନିକା,୯।୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡ. ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ସୁପ୍ରଭା କୁଣ୍ଡୁ, ମୁଖ୍ୟ ବକ୍ତାଭାବେ ବିନିକା ଓକିଲ ସଂଘର ସଭାପତି ସୁବାସ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ଆଇଆଇସି ସତ୍ୟନାରାୟଣ ପଧାନ, ଅଧ୍ୟାପକ ଡ. ନୀଳମାଧବ ଛତ୍ର, କ୍ରୀଡ଼ା ଅଧ୍ୟାପକ ନାରାୟଣ ଚୌଧୁରୀ ପ୍ରମୁଖ ଯୋଗଦେଇ ନିଶା ମାନବ ସମାଜ ପାଇଁ କି ପ୍ରକାର କ୍ଷତିକାରକ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଦୀପ୍ତିମୟୀ ଭୋଇ, ଅଧ୍ୟାପକ ପ୍ରଦୀପ ନାଏକ, ଦେବାଶିଷ ଗଡ଼ନାୟକ, ଯତୀନ୍ଦ୍ର ଦଣ୍ଡସେନା, ସୁବଳ ପଧାନ, ମନୀଷ ଆଚାର୍ଯ୍ୟ ଆଶୀର୍ବାଦ ପଧାନ, ଆକାଶ ପଧାନୀ, ବିଶ୍ୱମୟ ଗୁରୁ, ବଳରାମ ପଟେଲ, ଆଶ୍ରିବାଦ ବେହେରା, ଏଏସ୍‌ଆଇ ରଞ୍ଜନ ନାଏକ, ଆଶୀର୍ବାଦ ହୋତା, ବିଜୟ ପଣ୍ଡା, କୀର୍ତ୍ତନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ହନୁମାନପାଲି ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ବୀରମହାରାଜପୁର,୯।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ହନୁମାନ ପାଲି ଅଷ୍ଟ ପ୍ରହରୀ ନାମଯଜ୍ଞ ପାଇଁ ଶୁକ୍ରବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁରୋଘାଟ ମହାନଦୀରୁ ରୀତି ନୀତି ଅନୁସାରେ ଗଙ୍ଗା ମାତାଙ୍କୁ ବରଣ କରିବା ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରା ବୁରୋଘାଟ, କେନ୍ଦୁ ପାଲି, ରଘୁନାଥପୁର ଦେଇ ହନୁମାନ ଗ୍ରାମ ପରିକ୍ରମା ପରେ ଯଜ୍ଞ ସ୍ଥଳରେ ପହଞ୍ଚିଥିଲା। ଚଳିତବର୍ଷ କର୍ତ୍ତାଭାବରେ ପୀତାମ୍ବର ମେହେର, ତାଙ୍କ ଧର୍ମପତ୍ନୀ ରାଜେଶ୍ୱରୀ, ରାଜେନ୍ଦ୍ର ମେହେର ଓ ତାଙ୍କ ଧର୍ମପତ୍ନୀ ସଙ୍ଗିତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଭାବରେ ପଣ୍ଡିତ ସଦାନନ୍ଦ ପଣ୍ଡା, ବାବନ ପଣ୍ଡା ଓ ପଣ୍ଡିତ ଶ୍ରୀନିବାସ ନାଏକ ପ୍ରମୁଖ କାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ଶନିବାର ସକାଳ ୯ରୁ ନାମଯଜ୍ଞ ଆରମ୍ଭ ହେବ। ଏଥିପାଇଁ ୧୪ଟି ସଙ୍କୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିବେ ବୋଲି ବରିଷ୍ଠ ସଦସ୍ୟ ଶିବ ମେହେର ସୂଚନା ଦେଇଛନ୍ତି। ଏଥିସହ ସଙ୍କୀର୍ତ୍ତନ ବୈଠକ ସହିତ ନଗର କୀର୍ତ୍ତନ ସହିତ ପ୍ରତ୍ୟେକ ଦିନ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ହନୁମାନପାଲିର ସମସ୍ତ ମହିଳା ପୁରୁଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଧଳାପଥର ଚୋରା ଚାଲାଣ, ୨ ଗିରଫ

**ଅମରପାଲି ,୯।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ସୁବଳୟା ପୋଲିସ ଶୁକ୍ରବାର ଧଳା ପଥର ଚୋରା ଚାଲାଣ ବେଳେ ୨ଟି ଟ୍ରକକୁ ଜବତ କରିବା ସହିତ ୨ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଜପତି ଥାନା ମୋହନା ଥାନା ଅନ୍ତର୍ଗତ ପଦମପୁର ଗ୍ରାମର କାଳିଆ କଚ୍ଛି (୩୧) ଏବଂ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୋକୋଲବା ଗ୍ରାମର ସନ୍ତୋଷ ପ୍ରଧାନ(୨୮)। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ସୁବଳୟା ଥାନାରେ ଦୁଇଟି ପୃଥକ ମାମଲା (କେସ୍ ନଂ. ୬/୨୬ ଓ ୭/୨୬)ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ନିକଟସ୍ଥ ହେଲାମୁରା ଜଙ୍ଗଲରୁ ମୂଲ୍ୟବାନ ଧଳା ପଥର ଲୁଟ ହେଉଥିଲା। ଏନେଇକୌଣସି ସୂତ୍ରରୁ ଖବର ପାଇ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲେ। କମିରା – ଲଖନୀ ମଝିରେ ଥିବା କୁଷବନ୍ଧ ନିକଟରେ ଉଭୟ ଟ୍ରକକୁ ଅଟକାଇ ଥିଲା ପୋଲିସ।

# ସେମିରେ ମୟୂରଭଞ୍ଜର ମା' ଅମ୍ବିକା



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ରାଜ୍ୟସ୍ତରୀୟ ସୁଜନ ନାଗ ଫୁଟ୍‌ବଲ

**ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରୟାଲ ପଡିଆରେ ଚାଲିଥିବା ୧୩ତମ ରାଜ୍ୟସ୍ତରୀୟ ସୁଜନ ନାଗ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ଚତୁର୍ଥ ଲିଗ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁଲ ବିର ଦ୍ୱିତୀୟ ଲିଗ ମ୍ୟାଚ ମୟୂରଭଞ୍ଜ ଦେବକୁଣ୍ଡର ମା' ଅମ୍ବିକା ଟିମ ଓ ବଲାଙ୍ଗୀର ରିସାନ ଏଫସି ମଧ୍ୟରେ ହୋଇଥିଲା। ମା' ଅମ୍ବିକା ଟିମ ୨–୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଏହି ଖେଳକୁ ମୁଖ୍ୟ ରେଫରୀ ଭାବରେ ସଞ୍ଜିବ ସାହୁ ପରିଚାଳନା କରିଥିଲେ। ସୁଶାନ୍ତ ବାଘ, ସଚିନ ଭୋଇ ଓ ରାଜେନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚ କମିଶନର ଭାବରେ ଧନୁର୍ଯ୍ୟ ଷାଣ୍ଢ ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବରେ ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦବାକ, ଅନିଲ ଭୋଇନା, ଅଚ୍ୟୁତ ଛତ୍ର, ବେଣୀମାଧବ ବେଦବାକ, ମା' ଅମ୍ବିକା ଦଳର ପ୍ରଯୋଜକ ଅମ୍ବରେଶ ଭରାସାଗର ଓ ରାଜେଶ କୁମାର ନାଏକ ଏବଂ ମା ଅମ୍ବିକା ଦଳର ମ୍ୟାନେଜର ନିତ୍ୟାନନ୍ଦ ସିଂ, ସୁଜନ ନାଗ ଏକାଡେମିର ବରିଷ୍ଠ ସଦସ୍ୟ ଶ୍ରୀରାମ ଚରଣ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଖେଳର ଧାରା ବିବରଣୀ ବୃନ୍ଦାବନ ଭୋଇ, ଅଭିମନ୍ୟୁ ବଗର୍ତ୍ତୀ ପ୍ରଦାନ କରିଥିଲେ । ପୁରସ୍କାର ବିବରଣୀ କାର୍ଯ୍ୟକ୍ରମକୁ ରାକେଶ ନାଗ ପରିଚାଳନା କରିଥିଲେ। ଶନିବାର ଅପରାହ୍ନରେ ମ୍ୟାଚ ରୟାଲ ଷ୍ଟାର ବରଗଡ ଓ ମାଁ ଅମ୍ବିକା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ପାୟୋନିଅର ପୁରୀ ସେମିଫାଇନାଲରେ

**ଅମରପାଲି,୯।୧(ପୀତାମ୍ବର ସାହୁ)**



ପୁରୀର ଭାଗୀରଥି ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚଙ୍କୁ ପୁରସ୍କୃତ କରାଯାଉଛି।

## ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତ ବିକଳପୁର ଗ୍ରାମର ପୁରୁଣା ସ୍କୁଲ ଖେଳ ପଡ଼ିଆରେ ହେଉଥିବା ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଶୁକ୍ରବାର ମ୍ୟାଚରେ ମହାବୀର ଲାୟନ ରାଉରକେଲାକୁ ହରାଇ ପାୟୋନିଅର ପୁରୀ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ୨ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୫ରନ କରିଥିଲା। ଦଳର ସାର୍ଥକ ମାଝି ୧୯ ରନ, ଆନନ୍ଦ ସିଂ ୧୦ ରନ କରିଥିଲେ। ବିପକ୍ଷ ପୁରୀର ଅଭୟ ପଟ୍ଟନାୟକ ୩ଟି ଉଇକେଟ ନେଇଥିଲେ। ଜବାବରେ ପୁରୀ ଦଳ ଆବଶ୍ୟକୀୟ ୭୬ ରନକୁ ୬.୪ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଭାଗୀରଥି ବେହେରା ୨୬ ବଲରୁ ୫୪ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୨ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଦଳର ମାନସ ମୋହନ ୩୪ ରନ କରିଥିଲେ। ବିପକ୍ଷ ପୁରୀର ଅଭୟ ପଟ୍ଟନାୟକ ଓ ଆର.ଦେବ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ପୁରୀ ଦଳ ଆବଶ୍ୟକୀୟ ୬୧ ରନକୁ ୬.୫ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା। ପୁରୀ ଦଳ ଉଭୟ ଫର୍ମାଟରେ ବିଜୟୀ ହୋଇ ମ୍ୟାଚର ବିଜେତା ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆୟୋଜକ ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରାପଡା ନବ ନିର୍ମାଣ ଶ୍ରମିକ ସଙ୍ଗଠନ ସୁବର୍ଣ୍ଣପୁର ଜିଲାର ସଭାପତି କର୍ଣ୍ଣରାଜ ପଧାନ, ସ୍ୱେଚ୍ଛାସେବୀ ଆନନ୍ଦ ବିଶାଳ, କ୍ରୀଡାବିତ ପ୍ରାଣବନ୍ଧୁ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରୀର ଭାଗୀରଥି ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଶ୍ରୀବନ୍ତ ନାୟକ ଓ ସୁବାସ ଭାଏନା ପରିଚାଳନା କରିଥିବା ବେଳେ ପ୍ରଭୁଦତ୍ତ ପ୍ରଧାନ ସ୍କୋରିଙ୍ଗ ଏବଂ ବି.ଏସ. ରାଓ ଏବଂ ଦେବେନ୍ଦ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପାୟୋନିଅର ପୁରୀ ଏବଂ ଡିସିଏ ବୌଦ ମଧ୍ୟରେ ଆନ୍ତିକ ସେମି ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ ସଙ୍କୀର୍ତ୍ତନ ସାହୁ ପ୍ରକାଶ କରିଛନ୍ତି।

# କୁଟୀରଶିଳ୍ପ ଅଭିବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଆଲୋଚକ।

## ଲୋକ ମହୋତ୍ସବ ଅବସରରେ ଆଲୋଚନାଚକ୍ର

**ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)**

'ଏଆଇ ସର୍ବଦା ମାନବ ମନର ଏକ ପ୍ରତିଫଳନ ଭାବେ ରହିଆସିଛି। ଯଦିଓ ଆଧୁନିକ ମେଶିନ ବର୍ତ୍ତମାନ ଜୀବନଶୈଳୀକୁ ଉନ୍ନତ କରିବା ସହ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି।' ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଚତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏପରି ମନ୍ତବ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ, ଫ୍ୟୁଚରେକ୍ସ ଗ୍ରୁପର ନିର୍ଦ୍ଦେଶକ ନମିତ ଗୁପ୍ତା, ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ, ଟିସିଏସ୍ ଗ୍ଲୋବାଲ ମୁଖ୍ୟ ସେଣ୍ଟର ଅଫ ଏକ୍ସିଲେନ୍ସ ଆମେରିକା ଅଜିତ କୁମାର କର ଏବଂ ନିର୍ଦ୍ଦେଶକ ତଥା ସିଇଓ, ଏମ୍ଆର୍ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ବିବେକ ଅଗ୍ରୱାଲ ଯୋଗଦେଇଥିଲେ। ସ୍ୱାମୀ ପ୍ରେମଅନ୍ୱେଶୀ ସ୍ୱାଗତ ଭାଷଣ ଦେଇଥିଲେ। ଏକ୍ସପୋର ଅନ୍ତର୍ଜାତୀୟ ସଫଳତା ସମ୍ପର୍କରେ ସୂଚନା ଦେଇ ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, '୩୦,୦୦୦ ବର୍ଗମିଟର ପରିମିତ ସ୍ଥାନରେ ବ୍ୟାପିଥିବା ଏହି 'ଚତୁର୍ଥ ଅନ୍ତର୍ଜାତୀୟ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ, ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ଅନ୍ତର୍ଜାତୀୟ ଖଣି ଏକ୍ସପୋ ଭଳି ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହ ତୁଳନୀୟ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହା ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ଅନ୍ୟତମ ସର୍ବବୃହତ ଖଣି ପ୍ରଦର୍ଶନୀ ହେବାକୁ ଯାଉଛି । ଓଡ଼ିଶାର ଜିଡିପିରେ ଖଣିକ୍ଷେତ୍ର ପ୍ରାୟ୧୦% ଯୋଗଦାନ ଦେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ବର୍ତ୍ତମାନ ଏହା ରାଜ୍ୟ ଅର୍ଥନୀତିକୁ ୬୦,୦୦୦ରୁ ୭୦,୦୦୦ କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ ଭବିଷ୍ୟତରେ ଏହା ୨ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାର ସମ୍ଭାବନା ରହିଛି। ଅଜିତ କୁମାର କର ଖଣି କ୍ଷେତ୍ରର ପ୍ରଯୁକ୍ତି-ଆଧାରିତ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଦିବସର ଏକ ପ୍ରମୁଖ ଆକର୍ଷଣ ଥିଲା 'ଚେଞ୍ଜ ମେକର ଆୱାର୍ଡ' ପ୍ରଦାନ ସମାରୋହ। ଉପ-ମୁଖ୍ୟମନ୍ତ୍ରୀଙ୍କଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ପୂର୍ବତନ ନକ୍ସଲଙ୍କ ପରିବର୍ତ୍ତନ ଏବଂ ଯୌନକର୍ମୀଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣାଦାୟୀ ବକ୍ତା ସଂଯୁକ୍ତା ପଟ୍ଟନାୟକ, ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର କରୁଥିବା ତନୟା ପଟ୍ଟନାୟକ ଏବଂ ଲାଞ୍ଜିଗଡ଼, ଅନୁଗୁଳ ଓ ସୁନ୍ଦରଗଡ଼ ଆଦି ଅଞ୍ଚଳରେ ଆଦିବାସୀଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ହରମିତ୍ ସେହରଙ୍କ ସମେତ ବହୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସାମିଲ ଥିଲେ।

## ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)

ସଚିବାଳୟଠାରେ ଶୁକ୍ରବାର ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ, ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କନକ ବର୍ଦ୍ଧନ ସିଂହଦେଓ ଓପିଟିସିଏଲ୍ ଦ୍ୱାରା ନିର୍ମିତ ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏବଂ ଓପିଟିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ରାଜ୍ୟରେ ଥିବା ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗୋଳିକ ଏବଂ ବୈଷୟିକ ତଥ୍ୟ ଏହି ୱେବ୍‌ସାଇଟରେ ଉପଲବ୍ଧ ରହିବ । ଗ୍ରୀଡ୍‌ର ଟ୍ରାନ୍ସଫରମେଶନ କ୍ଷମତା, ବିଦ୍ୟୁତ୍ ଉପଲବ୍ଧତା, ବର୍ତ୍ତମାନ କେତେ ଲୋଡ ରହିଛି ଆଉ କେତେ ଅଧିକ ନେଇ ହେବ ଏପରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହଜରେ ସମସ୍ତଙ୍କ ପାଖେ ଉପଲବ୍ଧ ହେବ । ଏହି ୱେବସାଇଟ ପୁଞ୍ଜି ନିବେଶକ ତଥା ଶିଳ୍ପାନୁଷ୍ଠାନମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଲବ୍ଧତା ସମ୍ପର୍କରେ ପ୍ରାମାଣିକ ସୂଚନା ପ୍ରଦାନ କରି ନିବେଶ ନିଷ୍ପତ୍ତି ନେବାରେ ବେଶ ସହାୟକ ହେବ । ଗ୍ରୀଡ୍ ସବଷ୍ଟେସନରେ ଉପଲବ୍ଧତା ସମ୍ପର୍କରେ ଏପରି ସ୍ୱଚ୍ଛତା ରଖିବାରେ ଓଡ଼ିଶା ରାଜସ୍ଥାନ ପରେ ଦ୍ୱିତୀୟ ରାଜ୍ୟ । ଏହି ୱେବସାଇଟ ସରକାରୀ ବିଭାଗ ଓ ନୀତିନିର୍ଦ୍ଧାରକମାନଙ୍କୁ କୌଶଳଗତ ନିଷ୍ପତ୍ତି ନେବାରେ ସହାୟତା କରିବା ସହିତ ରାଜ୍ୟର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରିବା ପାଇଁ ଏକ ଭରସାଯୋଗ୍ୟ ଡିଜିଟାଲ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ । ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିର ମୂଳ ଆଧାର ଭାବେ ଥିବା ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜତା ମନ୍ତ୍ରକୁ ସ୍ପଷ୍ଟଭାବେ ପ୍ରତିଫଳିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି।

# ଚାନ୍ଦିଭଣ୍ଡାର ଷ୍ଟୋର ସଂଖ୍ୟା ୨୬କୁ ବୃଦ୍ଧି



ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)

ଓଡ଼ିଶାର ଅଗ୍ରଣୀ ରୁପା ଗହଣା ଓ ଲାଇଫ୍ ଷ୍ଟାଇଲ୍ ବ୍ରାଣ୍ଡ୍ ଚାନ୍ଦି ଭଣ୍ଡାରର ନୂଆ ଏକ ଷ୍ଟୋର କଟକ ଲିଙ୍କରୋଡ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ମିଶାଇ ଚାନ୍ଦି ଭଣ୍ଡାରର ଷ୍ଟୋର ସଂଖ୍ୟା ୨୬ରେ ପହଞ୍ଚିଛି। ଅନ୍ୟପଟେ ପଟିଆରେ ଥିବା ଏହା ଦ୍ୱିତୀୟ ଷ୍ଟୋରର ପୁନଃ ଉଦ୍‌ଘାଟନ କରାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ଉଭୟ ଷ୍ଟୋର ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି। ପଟିଆର ୩୦୦୦ ବର୍ଗଫୁଟ୍ ପରିମିତ ଷ୍ଟୋରରେ ବ୍ୟାପକ ଡିନର ୱେର୍ ସହ ମହିଳା, ପୁରୁଷ ଓ ଶିଶୁ ବର୍ଗରେ ସ୍ୱତନ୍ତ୍ର ସିଗ୍ନେଚର କଲେକ୍ସନ ଉପଲବ୍ଧ କରାଯାଇଛି। ସେହିପରି ଲିଙ୍କରୋଡ୍‌ରେ ୨୦୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ୨ ମହଲା ବିଶିଷ୍ଟ ଶୋ'ରୁମ୍‌ରେ ଟ୍ରେଜର୍ସ, ଆମୋଘ, ବ୍ଲିଙ୍ଗ୍, ଆର୍ଯ୍ୟ, ପାର୍ଟି ଏଡିଟ୍, ଭିନସ୍ ଏବଂ ପାୟଲ ଆଦି ବ୍ୟାପକ କଲେକ୍ସନ ରହିଛି। ଏହି ଅବସରରେ ଉଭୟ ଷ୍ଟୋରରେ ସ୍ୱତନ୍ତ୍ର ଅଫର ମଧ ଘୋଷଣା କରାଯାଇଛି। ବିଭିନ୍ନ ଗହଣା ଉପରେ ଗ୍ରାହକ ୧୦% ପର୍ଯ୍ୟନ୍ତ ରିହାତି ପାଇବେ। ଏହି ଅଫର ଜାନୁଆରୀ ୨୪ ଯାଏ ଉପଲବ୍ଧ ହେବ। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି, ଉଭୟ ଶୋ'ରୁମ୍‌ର ଶୁଭାରମ୍ଭ ଆମ ପାଇଁ ଏକ ଉତ୍ସାହଜନକ ମାଇଲଖୁଣ୍ଟ। ରୁପାକୁ ଏହାର ବହୁ ବିଶୋଧିତ ଏବଂ ସମସାମୟିକ ରୂପରେ ପାଳନ ଜାରି ରଖି ଗ୍ରାହକ ଅନୁଭୂତି ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ଲିଙ୍କ୍‌ରୋଡ, ପଟିଆ ଷ୍ଟୋରେ ସ୍ୱତନ୍ତ୍ର ଅଫର୍

# ଅରୁନ୍ଧତୀ ଜୁଏଲର୍ସଙ୍କୁ 'ବେଷ୍ଟ ସିଏସ୍ଆର ଇମ୍ପାକ୍ଟ' ସମ୍ମାନ

ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)



ଅରୁନ୍ଧତୀ ଜୁଏଲର୍ସ ଜାତୀୟ ସ୍ତରରେ 'ଦ ରିଟେଲ୍ ଜୁଏଲର୍ସ ଇଣ୍ଡିଆ ସପୋର୍ଟେଡ୍ ବାଏ ଡେଲୋଏଟ୍' ପକ୍ଷରୁ ଅନୁଷ୍ଠିତ ଏମ୍‌ଡି ଆଣ୍ଡ୍ ସିଇଓ ସମ୍ମାନ ଉତ୍ସବରେ 'ବେଷ୍ଟ ସିଏସ୍ଆର ଇମ୍ପାକ୍ଟ-୨୦୨୬' ସମ୍ମାନରେ ସମ୍ମାନିତ ହୋଇଛି। ମୁମ୍ବାଇସ୍ଥିତ ଏକ ହୋଟେଲ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ଯୁବ ନିର୍ଦ୍ଦେଶକ ପ୍ରତୀକ ମେହେର ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ମିଳିଥିବା ସୂଚନାନୁସାରେ ଅରୁନ୍ଧତୀ ପକ୍ଷରୁ ବିଗତ ଦିନରେ ୧୦୦୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତଦାନ ସଂଗ୍ରହ କରାଯାଇଛି। ଏହାସହ ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସାମାଜିକ ଉନ୍ନତି ସହ ସାଂସ୍କୃତିକ ସଂରକ୍ଷଣର ପ୍ରଚାରପ୍ରସାର ପାଇଁ ବଲାଙ୍ଗୀରରେ ଯଜ୍ଞ ମଣ୍ଡପ ଓ କଲ୍ୟାଣ ମଣ୍ଡପ ଆଦି ନିର୍ମାଣ ସହ ୩ ହଜାର ଲୁମ୍ ବିଶିଷ୍ଟ ଅତ୍ୟାଧୁନିକ ହ୍ୟାଣ୍ଡଲୁମ୍ ପାର୍କ ନିର୍ମାଣ କରି ୫ ହଜାର ବୁଣାକାରଙ୍କ ପ୍ରତିଭା ଓ ଓଡ଼ିଶାର ବାନ୍ଧକଳାକୁ ବିଶ୍ୱ ବଜାରରେ ଏକ ବିଶେଷ ପରିଚୟ ଦେବାକୁ ପ୍ରୟାସ କରିଛି। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ସିଏସ୍ଆର୍ କାର୍ଯ୍ୟକ୍ରମ କରାଯାଉଛି। ଏ ଅବସରରେ ବ୍ରହ୍ମାନନ୍ଦ କହିଛନ୍ତି, ବ୍ୟବସାୟ ସହ ସମାଜ ପାଇଁ ଓ ନିଜ ମାଟି ଲାଗି କିଛି କରିବାର ଦୃଢ଼ ସଂକଳ୍ପ ସହ ଅରୁନ୍ଧତୀ ଜୁଏଲର୍ସ ଆଗାମୀ ଦିନରେ ମଧ୍ୟ ନିଜର ସାମାଜିକ ପ୍ରତିବଦ୍ଧତାକୁ ଜାରି ରଖିବା ସହିତ ଏହି ସମ୍ମାନ ରାଜ୍ୟବାସୀଙ୍କୁ ସମର୍ପଣ କରିବୁ।

# ନିୟୁ 'କିଆ ସେଲ୍ଟସ'ର ବଜାର ପ୍ରବେଶ

ଫୁଲନଖରା ୯।୧
(ସତ୍ୟରଞ୍ଜନ ଦାସମହାପାତ୍ର)

ପାହଲସ୍ଥିତ 'କିଆ ଇଣ୍ଡିଆ'ର ସ୍ୱୀକୃତିପ୍ରାପ୍ତ ଡିଲର୍ ସେଣ୍ଟ୍ରାଲ କିଆ ଶୋ' ରୁମ ପକ୍ଷରୁ ନିୟୁ କିଆ ସେଲ୍ଟସ୍ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ୟୁନିଅନ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ, ୟୁକୋ ବ୍ୟାଙ୍କ (ସିଏମ୍ ରିଟେଲ)ସତ୍ୟବ୍ରତ ସାହାଣୀ, ବ୍ୟାଙ୍କ ଅଫ୍ ବରୋଦାର ଡିଆର୍ଏମ୍ ରାଜୀବ ସିହ୍ନା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ମ୍ୟାନେଜିଂ ଡାଇରେକ୍ଟର ବିଶାଲ ଧାୱନ ଏବଂ କିଆ ଇଣ୍ଡିଆର ଏରିଆ ମ୍ୟାନେଜର ହେମନ୍ତ ମିଶ୍ର ଓ ସେଲସ୍ ଜେନେରାଲ ମ୍ୟାନେଜର ଚମ୍ପକରାଜ ନନ୍ଦ ଉପସ୍ଥିତ ଥିଲେ। କିଆ ଏହାର ଅତ୍ୟାଧୁନିକ ଡିଜାଇନ ଏବଂ ଉନ୍ନତ ଫିଚର ସହିତ ଏହି ବର୍ଗରେ ଏକ ନୂତନ ଚାଳନା ଅଭିଜ୍ଞତା ଦେଇପାରିବ। ଏହାର ବାହାର ଆକୃତି ଏକ ଶକ୍ତିଶାଳୀ ଉପସ୍ଥିତିକୁ ଦର୍ଶାଇଥାଏ ଓ ଏହାର ଆଭ୍ୟନ୍ତରୀଣ ଡିଜାଇନ 'ନିୟୁ କିଆ ସେଲ୍ଟସ'ର ବିଶାଳ ଅତ୍ୟାଧୁନିକ ଡିଜାଇନକୁ ଦର୍ଶାଉଛି। କିଆ ସେଲ୍ଟସ କେବଳ ଏହାର ବାହ୍ୟ କିମ୍ବା ଆଭ୍ୟନ୍ତରୀଣ ଡିଜାଇନ ପାଇଁ ଉତ୍କୃଷ୍ଟ ତାହା ନୁହେଁ, ପରନ୍ତୁ ଏହା ଅତ୍ୟାଧୁନିକ ୨୧ଟି ଅଟୋନୋମସ ଆଡାସ୍ ଲେଭେଲ ୨.୦, ଯାହାକି ଚାଳକଙ୍କ ସୁବିଧା ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ। ଏହା ମଧ୍ୟ ଅଢ଼ାପ୍ଟିଭ କ୍ରୁଜ କଣ୍ଟ୍ରୋଲ, ଲେନ କିପ ଆସିଷ୍ଟ, କଲିଜନ ଆଡ଼ଭାନ୍ସ ଏବଂ ଆହୁରି ଅନେକ ନୂତନ ଫିଚର ସମ୍ବଳିତ, ଯାହା ଆପଣଙ୍କୁ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରାର ଅନୁଭୂତି ଦେବା ସହିତ ୪୬ ଭାରିଏଣ୍ଟ ସହିତ ମାର୍କେଟରେ ପ୍ରବେଶ କରିଛି।

# ୧୦୦ଜଣଙ୍କୁ ଅତି ବିଶିଷ୍ଟ ରେଳସେବା ପୁରସ୍କାର

ଭୁବନେଶ୍ୱର,୯।୧

ଭାରତୀୟ ରେଳପଥ ପକ୍ଷରୁ ଶୁକ୍ରବାର ୭୦ତମ 'ଅତି ବିଶିଷ୍ଟ ରେଳସେବା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନଭେନଶନ ଆଣ୍ଡ୍ ଏକ୍ସପୋ ସେଣ୍ଟରରେ ଆୟୋଜିତ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୧୦୦ ଜଣ ଅତୁଳନୀୟ କର୍ମଚାରୀ ଓ ଅଧିକାରୀଙ୍କୁ 'ଅତି ବିଶିଷ୍ଟ ରେଳସେବା ପୁରସ୍କାର'ରେ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ସମ୍ମାନିତ ହୋଇ ସଂଗଠନକୁ ଗୌରବାନ୍ୱିତ କରିଛନ୍ତି। ବ୍ୟକ୍ତିଗତ ପୁରସ୍କାରବର୍ଗରେ ପୂର୍ବତଟ ରେଳପଥର ଉପମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ ଏସ. ଶ୍ରୀନିବାସ ରାଓ, ଲୋକୋ ପାଇଲଟ ଗୁଡ୍ସ (ଇଲେକ୍ଟ୍ରିକାଲ) ସକଲ ଦେଓ ରାଣା ଏବଂ ସହକାରୀ କ୍ରୀଡା ଅଧିକାରୀ ଅମିତ ରୋହିଦାସ ସମ୍ମାନିତ ହୋଇଛନ୍ତି। ଏଥିସହିତ ଭାରତୀୟ ରେଳପଥର ଦକ୍ଷତା, ନିରାପତ୍ତା ଏବଂ ଯାତ୍ରୀ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗର ସର୍ବୋତ୍ତମ ପ୍ରଦର୍ଶନକାରୀ ରେଳ ଜୋନ୍‌ଗୁଡ଼ିକୁ ୨୬ଟି ଶିଲ୍ଡ ପ୍ରଦାନ କରାଯାଇଛି।


**GOVERNMENT OF ODISHA** No.B-946
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
Phone/Fax : 0680-2233996, e-mail : sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
Bid Identification No. SC (R&B)-GM-II-28/2025-26 No. Dated.06.01.2026
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below :
2) Nature of Work : Electrical work
3) No. of work : 07 Nos.
4) Tender Cost : Rs.4,000/- & Rs.6,000/-
5) Class of Contractor : HT/LT of registered with the ELBO Authorized HT License
6) Availability of bid documents in the website : From 12.01.2026 10.00 AM to 21.01.2026 4.00 P.M.
7) Date of opening of Bid : 22.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
Sd./- (S. Panigrahy)
Superintending Engineer
Ganjam (R&B) Division No.II
OIPR-

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯
Ph:(06858)- 222568 (Off), E-mail:dpcnawrangssa.opepa@od.gov.in
No.74/PED/26 **NOTICE INVITING TENDER (NIT)** Dated 09.01.2026
Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheets, Answer key & Oral questions" for SA-II for Class-I to IV and VI, VII and Annual Examination for Class-V & VIII 2026 students in two bid systems (Technical & Commercial Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII and Annual Examination for Class-V & VIII 2026 Students | Rs.1000/- | Rs.75,000/- | 30.01.2026 5.30 PM | 31.01.2026 11.00 AM |

The detailed BID document is available in the website www.osepa.odisha.gov.in & www.nabarangpur.odisha.gov.in (website details to be given). Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.
Sd./- District Project Coordinator, Samagra Shiksha, Nabarangpur

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 26/2025-26**
**No 4694/Date 26.12.2025/**
**No.B-907** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.13.01.2026 at 05.00 P.M. to dt.29.01.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.01.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Superintending Engineer
Electrical Circle (R&B), Odisha, BBSR
OIPR-

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, SUBARNAPUR**
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
E_mail : dpcsonepurssa.opepa@nic.in, pedsonepurssa.opepa@nic.in, Ph. : 06654-220551 / 06654-220514 (fax)
No.42 Date : 09.01.2026
**TENDER CALL NOTICE FOR PRINTING OF QUESTION-CUM-BLANK ANSWER SHEETS FOR SUMMATIVE ASSESSMENT-II FOR CLASSES I TO IV AND VI, VII & ANNUAL EXAMINATION FOR CLASSES-V & VIII 2026"**
Sealed tenders are invited in prescribed format from the registered firms / Suppliers Dealers having PAN, GST and IT clearance certificate for supply of Question-cum- Blank Answer sheet for SA-II 2026 (Class-I to VIII) of Subarnapur district. The tender paper will be submitted to District Project Coordinator, Samagra Shiksha, Subarnapur latest by 31.01.2026. Details Bid Documents can be down loaded from the official website www.subarnapur.odisha.gov.in and www.osepa.odisha.gov.in.
By Order of Collector and Chairman,Samagra Shiksha, Subarnapur
Sd./- District Project Coordinator, Samagra Shiksha, Subarnapur

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No.B-926 No. 31 Date : 02.01.2026
**Invitation For Bids**
**Bid Identification No. SER&BKHR - 19/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division. Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only. | |
| 2 | Nature of work | Development of Tourism Infrastructure at Patalganga, Boden Block |
| 3 | No. of work | 01 No. work |
| 4 | Tender Paper cost | As specified in the notice for the respective Work, to be remit online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 13.01.2026 to 17.00 hours of 27.01.2026 |
| 7 | Date of opening of Technical Bid | Dt.28.01.2026 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division, Khariar
OIPR-

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
No.O-1975
E-Mail : rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-26 of 2025-26**
1. Name of the Work : Road and Bridges Works, 2. Total No. of works : 11 (Eleven) Nos., 3. Estimated cost : Rs.7.46 Lakhs to 46.61 Lakhs, 4. Class of contractor : "D" & "C" & "B" Class, 5. Period of completion : 01 (One) Calendar months, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online - EERKL-26 of 2025-26 | 12.01.2026 from 10.00 A.M. | 17.01.2026 upto 5.00 P.M. |

Further details can be seen from the website www.tendersodisha.gov.in
Sd./- Executive Engineer
RW Division-II, Sundargarh
OIPR-

**GOVERNMENT OF ODISHA** No.O-1952
**OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR**
Tel. 06766-258094(O), Mail : eerw1_kjr@yahoo.com
**e-Procurement Notice for Road works**
**Identification No. Online NCB - 16/2025-26**
1. Name of the Work : 18 No. Road Works, 2. Total Number of Work : 18 No., 3. Estimated Cost : Rs.5.98 Lakhs to 47.10 Lakhs, 4. Class of Contractor : "D, C" & "B" Class, 5. Period of Completion : As per annexure of e-Procurement Notice No. **16 of 2025-26**, 6. Other Details :

| Procurement officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the website www.tenderorissa.gov.in
Sd./- Superintending Engineer
R.W. Division-I, Keonjhar
OIPR-

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No. CAD-2949
**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR - 751022**
Tender Call Notice No. WS & EC-I/D2-225/2025-26/3704 Dated: 31.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | Supply, Installation, Testing and commissioning of online Continuous Effluent Quality Monitoring System (CEQMS) at CETP, Sea Food Park Deras | Rs.28.10 lakhs | 02 (Two) Calendar Months |

1. Other details

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar - 751022 | Bid ID No. WS & EC-I/ EST/E-05/ 2025-26 | 16.00 hours of Dt.12.01.2026 | 16.00 hours of Dt.27.01.2026 |

Further details can be seen from the e-Procurement Portal **www.tendersodisha.gov.in**. Corrigendum or addendum if any will not be published in News Papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.
Sd./- Divisional Head
WS&EC Divn.-I, IDCO, Bhubaneswar
OIPR:

**ଦ.ପୂ. ରେଳପଥ – ଇ-ଟେଣ୍ଡର**
**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୬/୦୨, ତାରିଖ: ୦୯।୦୧।୨୦୨୬।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀ ନିମନ୍ତେ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର.ସଂ. | ଟେଣ୍ଡର ନଂ. | ବନ୍ଦ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (₹) |
|---|---|---|---|---|---|
| ୧ | ୩୩୨୫୫୦୨୫ | ୦୬।୦୨।୨୦୨୬ | ଇମ୍ପ୍ରୁଭଡ଼ ହାଇ ଟେନ୍‌ସାଇଲ୍ ଟାଇଟ୍ ଲକ୍ ସେଣ୍ଟର ବଫର୍ କପ୍ଲର ଆଦି | ୭୮ ଗୋଟି | ୩,୮୩,୮୧୦/- |
| ୨ | ୩୩୨୫୫୦୨୭ଏ | ୧୬।୦୨।୨୦୨୬ | ନନ୍-ଏସି ଏୟାର୍ ସ୍ପ୍ରିଙ୍ଗ୍ ଟାଇପ୍ ଏଲ୍‌ଏଚ୍‌ବି ଫ୍ଲାଟ୍ ବଗି ପାଇଁ ବଗି ଫ୍ରେମ୍ ଆସେମ୍ବ୍ଲି ଆଦି | ୮୦ ଗୋଟି | ୪,୮୯,୯୪୦/- |
| ୩ | ୩୩୨୫୧୪୭୩ | ୧୯।୦୨।୨୦୨୬ | କ୍ରସ୍ ମେମ୍ବର ଆଦି | ୨୪୬୦ ଗୋଟି | ୧,୧୨,୩୨୦/- |
| ୪ | ୩୩୨୫୩୦୯୩ବି | ୦୩।୦୨।୨୦୨୬ | ଗ୍ୟାଙ୍ଗୱେ ବ୍ରିଜ୍ ମାଉଣ୍ଟିଂ ଆଦି | ୧୭୬୦ ଗୋଟି | ୧,୮୧,୩୩୦/- |
| ୫ | ୬୫୨୪୫୦୭୦ଏ | ୦୩।୦୨।୨୦୨୬ | ଟ୍ରାଭର୍ସର୍ ୮୦ଟି ପିଟ୍ ଟାଇପ୍ | ୦୧ ଗୋଟି | ୩,୧୨,୦୦୦/- |
| ୬ | ଆଇଏଫ୍୨୫୬୧୮୩ | ୨୯।୦୧।୨୦୨୬ | ଫ୍ରିକ୍ସନ୍ ବଫର୍ ଷ୍ଟପର୍ ଡିଜାଇନ୍, ଯୋଗାଣ ଓ କମିଶନିଂ | ୨୨ ଗୋଟି | ୩,୯୯,୭୮୦/- |
| ୭ | ୬୫୨୪୫୦୩୯ସି | ୧୯।୦୨।୨୦୨୬ | ୫୦ଟି ଟ୍ରାଭର୍ସର୍‌ର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ, କମିଶନିଂ ଏବଂ ପ୍ରୁଭିଂ | ୦୧ ଗୋଟି | ୨,୩୬,୪୮୦/- |
| ୮ | ୬୫୨୪୫୦୧୯ସି | ୦୫।୦୨।୨୦୨୬ | ଇଓଟି ୪୦/୧୦ ଟନ୍‌ର ଯୋଗାଣ, ସଂସ୍ଥାପନ ଏବଂ କମିଶନିଂ | ୦୨ ଗୋଟି | ୩,୭୦,୦୦୦/- |
| ୯ | ୬୫୨୪୫୦୨୨ଏ | ୦୫।୦୨।୨୦୨୬ | ୩୦ ଟନ୍ କ୍ଷମତାର ଇଓଟି କ୍ରେନ୍ | ୦୨ ଗୋଟି | ୨,୯୪,୦୦୦/- |
| ୧୦ | ୬୫୨୪୫୦୬୬ସି | ୧୯।୦୨।୨୦୨୬ | ୫୦ ଟନ୍ ଇଓଟି କ୍ରେନ୍ | ୦୧ ଗୋଟି | ୨,୬୩,୦୯୦/- |
| ୧୧ | ୬୫୨୪୫୦୫୭ଏ | ୧୨।୦୨।୨୦୨୬ | ଇଓଟି କ୍ରେନ୍ ୧୫ ଟନ୍ ଆଦି | ୦୨ ଗୋଟି | ୪,୫୪,୦୦୦/- |
| ୧୨ | ୨୯୨୫୩୨୪୪ଏ | ୨୮।୦୧।୨୦୨୬ | ରୋଟର ଶାଫ୍ଟ (ଫିନିଶ୍ ମେଶିନ୍‌ଡ) | ୮୨ ଗୋଟି | ୧,୪୫,୦୯୦/- |
| ୧୩ | ୨୯୨୫୩୧୬୯ଏ | ୦୨।୦୨।୨୦୨୬ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) କମ୍ପ୍ଲାଇଙ୍ଗ | ୩୧ ଗୋଟି | ୧,୨୮,୯୬୦/- |
| ୧୪ | ୬୦୨୫୫୫୬୧ | ୦୪।୦୨।୨୦୨୬ | ୨୫ଟି ଏକ୍ସିଲ୍ ଲୋଡ୍ ପାଇଁ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପରର ବିନିର୍ମାଣ ଓ ଯୋଗାଣ ଆଦି । | ୧୫୦୦ ସେଟ୍ | ୧୪,୧୭,୮୧୦/- |
| ୧୫ | ୬୦୨୫୫୫୬୨ | ୧୨।୦୨।୨୦୨୬ | ବି.ଜି. ୬୦ କିଗ୍ରା ପାଇଁ ୨୫ଟି ଏକ୍ସିଲ ଲୋଡ୍ ନିମନ୍ତେ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପରର ବିନିର୍ମାଣ ଓ ଯୋଗାଣ ଆଦି | ୧୦୦୦୦ ଗୋଟି | ୮,୫୯,୨୮୦/- |
| ୧୬ | ୩୩୨୫୩୨୮୮ବି | ୧୦।୦୨।୨୦୨୬ | ଫିଆଟ୍ ବଗି ପାଇଁ ଏୟାର ସ୍ପ୍ରିଙ୍ଗ୍ ସହ ସେକେଣ୍ଡାରୀ ଲାଟେରାଲ୍ ଡାମ୍ପର୍ | ୨୫୭୦ ଗୋଟି | ୩,୧୬,୬୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1048)

# ହକ୍ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

- ଗଡ଼ୁଛି ରବି ଚାଷ ସମୟ
- ଚାଷୀଙ୍କୁ ମିଳିନି ଖରିଫ୍ ଧାନବିକ୍ରି ଟୋକନ

ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)

କେନାଲ ପାଣି ଆସିବା ପରେ ହୀରାକୁଦ ଜଳସେଚିତ ବରଗଡ଼ ଜିଲାର ଚାଷୀମାନେ ରବି ଚାଷକାର୍ଯ୍ୟ ଆରମ୍ଭ କରି ଦେଇଥାନ୍ତି। ଅଥଚ ଏପର୍ଯ୍ୟନ୍ତ ଜିଲାର ଚାଷୀଙ୍କ ଖରିଫ୍ ଅମଳ ଧାନ ବିକ୍ରି ହେବା ତ ଦୂରର କଥା, ଧାନବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବାଧ୍ୟତାମୂଳକ କରାଯାଉଥିବା ଟୋକନ ଅନେକ ଚାଷୀଙ୍କୁ ମିଳିପାରି ନାହିଁ। ଫଳରେ କେବେ ଖରିଫରେ ଅମଳ ଧାନ ବିକ୍ରି କରିବେ ଏବଂ ରବି ଚାଷକାର୍ଯ୍ୟକୁ ଆଗେଇ ନେବେ, ଜିଲାର ଚାଷୀମାନଙ୍କୁ ସେହି ଚିନ୍ତା ଘାରିଛି। କେବଳ ସେତିକି ନୁହେଁ, ଏବେ ସୁଦ୍ଧା ଜିଲାର ଅନେକ ଚାଷୀଙ୍କୁ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଆନ୍ଦୋଳନ ପରେ ପଞ୍ଜୀକରଣ ନେଇ ପ୍ରତିଶ୍ରୁତି ଦିଆଯାଇ ଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।



ବରଗଡ଼ ଉପଜିଲାପାଳ ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

ଫଳରେ ସମ୍ପୃକ୍ତ ଚାଷୀମାନଙ୍କ ଅମଳ ଧାନ ମଧ୍ୟ କ୍ଷେତ, ଖଳା ଏବଂ ଘରେ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ପୁଣି ତେଜି ଉଠିଛି। ଏହି କ୍ରମରେ ଶୁକ୍ରବାର ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ହକ୍ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ପୃଥକ ଭାବେ ଶତାଧିକ ଦାବିପତ୍ର ପ୍ରଦାନ କରିଥିଲେ। ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ସମବାୟ ଉପନିବନ୍ଧକ(ଡିଆର୍‌ସିଏସ୍) ଯୁଗଳ କିଶୋର ଦାଶ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ୧୫ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କୁ ଧାନବିକ୍ରି ଟୋକନ ପ୍ରଦାନ କରା ନଗଲେ କୌଣସି ମୁହୂର୍ତ୍ତରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଗତବର୍ଷ ନଭେମ୍ବର ମାସ ୧୮ତାରିଖରୁ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ଧାନବିକ୍ରି ପାଇଁ ପଞ୍ଜୀକୃତ କରାଯାଇ ନଥିଲା। ଫଳରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଥିଲେ। ମାତ୍ର ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ସେତେବେଳେ ଧାରଣାସ୍ଥଳକୁ ପହଞ୍ଚି ଗତବର୍ଷ ନଭେମ୍ବର ୨୮ତାରିଖ ସୁଦ୍ଧା ସମସ୍ତ ପ୍ରକୃତ ଚାଷୀଙ୍କୁ ଧାନବିକ୍ରି ପାଇଁ ପଞ୍ଜୀକୃତ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଚାଷୀମାନେ ସେତେବେଳେ ଧାରଣାରୁ ଓହରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀଙ୍କୁ ପଞ୍ଜୀକୃତ କରାଯାଇ ନଥିବାବେଳେ ଧାନବିକ୍ରି ଟୋକନ ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଯେଉଁ ଚାଷୀଙ୍କୁ ଟୋକନ ମିଳିଛି, ସେଥିରେ ଚାଷ କରିଥିବା ଜମି ତୁଳନାରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଏହି ଦୃଷ୍ଟିରୁ ଚାଷୀମାନେ ଖରିଫ ଅମଳ ଧାନ ବିକ୍ରି କରି ପାରୁ ନାହାନ୍ତି ଏବଂ ରବି ଚାଷକାର୍ଯ୍ୟ ପ୍ରଭାବିତ ହେଉଛି।

ସାଧାରଣତଃ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ବରଗଡ଼ ଜିଲାରେ ୭୭.୪୦ ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ସଂଗୃହୀତ ହୋଇ ବିକ୍ରି ହୋଇଥାଏ। କିନ୍ତୁ ଏଥର ଏପର୍ଯ୍ୟନ୍ତ ଜିଲାର ୭୬ହଜାର ୭୮ ଚାଷୀଙ୍କଠାରୁ କେବଳ ୩୩ଲକ୍ଷ ୪୧ହଜାର ୨୩୦ କୁଇଣ୍ଟାଲ ଧାନ କିଣାଯାଇଛି। ଅନେକ ଚାଷୀ ଧାନ ବିକ୍ରି କରି ପାରି ନଥିବାରୁ ଋଣ ପରିଶୋଧ, ଛାତ୍ରୀଛାତ୍ରଙ୍କ ପାଠପଢ଼ା, ବିଦ୍ୟୁତ୍ ବିଲ୍ ପ୍ରଦାନ ସମେତ ପରିବାର ଗୁଜୁରାଣ ମେଣ୍ଟାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅଦିନିଆଁ ବର୍ଷା ହେଲେ ଧାନ ବିକ୍ରି କରି ପାରି ନଥିବା ଚାଷୀମାନେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ ସହିତ ଧାନକିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ହୋଇଛି। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ସୁଦାମ ପାତ୍ର, ନିରଞ୍ଜନ ପ୍ରଧାନ, ସୁବଳ ପ୍ରଧାନ, ଈଶାନ୍ତ ଭୋଇ, ରବିଶଙ୍କର ପ୍ରଧାନ, ଲିଙ୍ଗରାଜ ଦେହେରୀ, ବିକାଶ ଭୋଇ, ଶ୍ରଦ୍ଧାକର କର୍ମୀ, ଟେକରାଜ ପ୍ରଧାନ, ଜୟପ୍ରକାଶ ପ୍ରଧାନ, ଜୟନ୍ତୀ ସାହୁ, ମୋହନ ଭୋଇ, ଡାକ୍ତର ପାତ୍ର, ସରୋଜ ସାହୁ, ଭିଜନ ପାଢ଼ୀ, କଳାକାର ଦେହେରୀ, ସୁଦର୍ଶନ ନାୟକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## 'ଆମ ସାହିତ୍ୟ ଉତ୍ସବ-୨୦୨୬'ରେ କବି ସମ୍ବର୍ଦ୍ଧିତ



ଉତ୍ସବରେ ମଞ୍ଚାସୀନ ଅତିଥି।

ପଦ୍ମପୁର,୯।୧(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ନୂତନ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ସମ୍ବଲପୁରୀ କୋଶଲୀ ସାହିତ୍ୟର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ 'ଆମ ସାହିତ୍ୟ ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଙ୍ଗୀତା ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ଆମ ସାହିତ୍ୟ'ର ଆବାହକ ତଥା ପ୍ରତିଷ୍ଠାତା ପ୍ରଶାନ୍ତ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ମାତୃଭାଷାର ସେବା ଓ ସାହିତ୍ୟର ଗୁରୁତ୍ୱ ଉପରେ ନିଜର ଅଭିଭାଷଣ ରଖିଥିଲେ । ବିଶିଷ୍ଟ ବକ୍ତା ଭାବେ ବନବାସ ମେହେର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଶ୍ରୀ ଉତ୍ପନ୍ନ କୁମାର ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ସୁମନ ନାଏକ ଓ ଓଡ଼ିଆ ବିଭାଗ ମୁଖ୍ୟ ଡ. ସରୋଜ କୁମାର ନାଏକ ମଞ୍ଚାସୀନ ଥିଲେ । ଏହି ଅବସରରେ 'ପ୍ରତିଭା ପୂଜା' ପର୍ବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ମଧ୍ୟରେ ନାଟ୍ୟକାର ରାଜ କୁମାର ସାହୁ, କବି ଅନନ୍ତ କୁମାର ମେହେର, ଯୋଗେଶ୍ୱର ବିଶ୍ୱାଳ, ସନ୍ତୋଷ କୁମାର ମିଶ୍ର, କବୟିତ୍ରୀ ଲିପ୍ସା ବାରିକ, ପାଲା ଗାୟିକା ରଶ୍ମି ସାହୁ, ଦଣ୍ଡ କଳାକାର ରଣଜିତ ନାଗ ଏବଂ ଲୋକ କଳାକାର ରମେଶ ଗୁର୍ଲା ପ୍ରମୁଖ ସମ୍ମାନିତ ହୋଇଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବିତା ପାଠ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ର ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହା ସହିତ ରଶ୍ମି ସାହୁ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ଏବଂ ରଣଜିତ ନାଗ ଓ ସାଥୀଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷିତ ହୋଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କବିତା ପାଠରେ ଅଂଶଗ୍ରହଣ କରିଥିବା ସମସ୍ତ କବିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସୁରେନ୍ଦ୍ର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ନିଖୋଜ ନାବାଳିକା ଉଦ୍ଧାର

ପାଇକମାଳ,୯।୧(ବଢ଼ ଶତପଥୀ): ନିଖୋଜ ଥିବା ନାବାଳିକାଙ୍କୁ ଶୁକ୍ରବାର ଉଦ୍ଧାର କରି ପାଇକମାଳ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ବରଗଡ଼ର ଜଣେ ନାବାଳିକା ୫।୧୨।୨୫ରେ ପାଇକମାଳ ଥାନା ବରତୁଣ୍ଡା ଗାଁକୁ ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ। ସେଠାରୁ କେଉଁ ଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ମଧ୍ୟ ନ ପାଇବାରୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନାଙ୍କ ତତ୍ତ୍ୱାବଧାନରେ ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସୋନପୁର ଜିଲା ଉଲୁଣ୍ଡା ଥାନା ଡୁଡୁମୁଣ୍ଡାରୁ ନାବାଳିକଙ୍କୁ ଉଦ୍ଧାର କରିଥିଲେ। ତେବେ ପରିବାର ମତାନ୍ତରରୁ ପଳାଇ ଆସିଥିଲେ କୌଣସି ବ୍ୟକ୍ତି ଅପହରଣ କରିନଥିବା ପାଇକମାଳ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବରପାଲି,୯।୧(ଚିତ୍ତରଞ୍ଜନ ସାହୁ): ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଡାକ୍ତର ଶଙ୍କର୍ଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ରାଜମଣି ସାହୁ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଉତ୍ସବରେ ପରିଚାଳନା କମିଟିର ସମ୍ପାଦକ ଗୋପାଳ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଉନ୍ନୀତ ହୋଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଭା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସହ ସଂପାଦକ ଅଗସ୍ତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମୁସ୍କାନ ମେହେର ଓ ସାଇନା ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ।

### ବିଏସ୍‌ପି ନେତାଙ୍କ ପରଲୋକ

ସୋହେଲା,୯।୧(ଅଶ୍ୱିନୀ ପାତ୍ର)

ବହୁଜନ ସମାଜ ପାର୍ଟିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଲୁହୁରା (୫୪)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଆଜି ପ୍ରତ୍ୟୁଷରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଲୁହୁରାଙ୍କ ବିୟୋଗ ଖବର ପାଇ ସମ୍ବଲପୁରରୁ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ବରଗଡ଼ ଜିଲା ବହୁଜନ ସମାଜ ପାର୍ଟିର ସଭାପତି ନାରାୟଣ ଭେସ୍ରା, ସମ୍ବଲପୁରର ସମାଜସେବୀ ନିହାଲ ସିଂ, ହରିଶ ଦୀପ, ଝସକେତନ ଦୀପ, ରମେଶ ଫଚବିହାର (ଅତାବିରା), ରାଜୁ ନନ୍ଦ(ବରଗଡ) ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ସୋହେଲା ବ୍ଲକ ଅନ୍ତର୍ଗତ ତୁଙ୍ଗିବନ୍ଧଲୀ ଗ୍ରାମରେ ଥିବା ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରମୋଦ ଲୁହୁରାଙ୍କ ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଲୁହୁରା ଗ୍ରାମରେ ଥିବା ହାଇସ୍କୁଲ ପରିଚାଳନା କମିଟିର ସାଧାରଣ ସମ୍ପାଦକ ମଧ୍ୟ ଥିଲେ।



କାର୍ଯ୍ୟକ୍ରମର ୨ୟ ଦିନରେ ନୃସିଂହନାଥ ମନ୍ଦିରରେ ସମସ୍ତ ଯୋଗଦାନକାରୀ।

# ପରମ୍ପରା, ଆମ ଦେଶୀ ବିହନ ଓ ଖାଦ୍ୟ ପର୍ବ କାର୍ଯ୍ୟକ୍ରମ

ପାଇକମାଳ, ୯।୧(ବଢ଼ ଶତପଥୀ)

ପାଇକମାଳ ବ୍ଲକସ୍ଥିତ ଖରାମାଳ ଗ୍ରାମଠାରେ ଗୁରୁବାର ପ୍ରଥମ ଦିନରେ ପରମ୍ପରା, ଆମ ଦେଶୀ ବିହନ ଓ ଖାଦ୍ୟ ପର୍ବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗନ୍ଧମାର୍ଦ୍ଦନ ଅଞ୍ଚଳକୁ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ ସ୍ଥାନ ଘୋଷଣା କରିବା ଓ ଜନ ଜାଗରଣ କରିବା। ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ, ବର୍ଷା ସିଂ ବରିହା (ବିଧାୟିକା, ପଦମ୍‌ପୁର), ଡାକ୍ତର ନେନ୍ଦୁ ( ଆଞ୍ଚଳିକ ମୁଖ୍ୟ, ସି.ଟି.ସି.ଆର.ଆଇ), ବିଶ୍ୱଜିତ ମଣ୍ଡଳ, (ବରିଷ୍ଠ ବୈଜ୍ଞାନିକ , ସି.ଆର. ଆର.ଆଇ), ପ୍ରଭାସ ଚନ୍ଦ୍ର ପଣ୍ଡା (ଅତିରିକ୍ତ ଜିଲା କୃଷି ଅଧିକାରୀ, ପଦମ୍‌ପୁର), ରଞ୍ଜନ କୁମାର ନାୟକ (ଯୋଜନା ଅଧିକାରୀ, ଶ୍ରୀ ଅନ୍ନ ଅଭିଯାନ), ଲିଙ୍ଗରାଜ ପ୍ରଧାନ ( ଆବାହକ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ), ସରୋଜ ମହାନ୍ତି (ଆବାହକ, ଦେଶୀ ବିହନ ସୁରକ୍ଷା ମଞ୍ଚ), ଉତ୍ତମ ପଟ୍ଟନାୟକ (ଏସ୍‌ସିଏସ୍‌ଟି ଆରଟିଆଇ), ଶିବ ପ୍ରସାଦ ସାହୁ (ଅହିଂସା କ୍ଲବ), ଲାଲ ବିଜୟ ସିଂହଦେଓ (ୱାସନ), ଆଦିତ୍ୟ ସିଂହଦେଓ (ୱାସନ), ଡ.ରାଇମତି (ବିହନ ସଂରକ୍ଷିକା, କୋରାପୁଟ), ପାଇକମାଳ ଓ ବଲାଙ୍ଗୀରର ବୈଦ୍ୟ, ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଲଢ଼ିଥିବା କର୍ମକର୍ତ୍ତା, ବୈଜ୍ଞାନିକ ଆଦି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖର ପ୍ରାୟ ୧୨ଖଣ୍ଡ ଗ୍ରାମର ୧୫୦୦ରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା କୃଷି ଜୈବ ବିବିଧତା ସଂରକ୍ଷଣ, କୃଷି ଐତିହ୍ୟ ସଂରକ୍ଷଣରେ ମହିଳା କୃଷକଙ୍କ ଭୂମିକା, ସ୍ୱାସ୍ଥ୍ୟ ଓ ପୋଷ, କୃଷି ଜାତଦ୍ରବ୍ୟ ମୂଲ୍ୟର ଉନ୍ନତି, ଦେଶୀ ବିହନ ଓ ଖାଦ୍ୟ କିପରି ଭାବରେ ଆମ ପରମ୍ପରାରେ ଜଡିତ ପ୍ରମୁଖ ଥିଲା। ସଫଳ ଚାଷୀ, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସଙ୍ଗଠନ, ଆୟୁର୍ବେଦିକ କଲେଜ ଓ ବୈଦ୍ୟମାନଙ୍କ ଦ୍ୱାରା ଗନ୍ଧମାର୍ଦ୍ଦନରେ ମିଳୁଥିବା ବିଭିନ୍ନ କନ୍ଦା, ଶାଗ, ଚେରମୂଳୀ, ଶସ୍ୟ ଓ ଏଥିରୁ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଗୋଲଟେବୁଲ ବୈଠକରେ ଗନ୍ଧମାର୍ଦ୍ଦନକୁ ନେଇ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମର ୨ୟ ଦିନ ଶୁକ୍ରବାରରେ ସମସ୍ତ ଯୋଗଦାନକାରୀ ଆୟୁର୍ବେଦିକ କଲେଜଠାରୁ ଏକ ପଦଯାତ୍ରାରେ ନୃସିଂହନାଥ ମନ୍ଦିରରୁ ଗନ୍ଧମାର୍ଦ୍ଦନ ପର୍ବତରେ ଥିବା କପିଳଧାର ଜଳ ପ୍ରପାତ ଯାଏ ସମସ୍ତେ ଯାଇ କାର୍ଯ୍ୟକ୍ରମ ସମାପନ କରିଥିଲେ।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉଦ୍‌ଘାଟିତ

କଣ୍ଟାବାଞ୍ଜି,୯।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, କମିଟି ସମ୍ପାଦକ ବେଦବ୍ୟାସ ନାଗ, କଣ୍ଟାବାଞ୍ଜି ଏନ୍‌ଏସି ଚେୟାରମ୍ୟାନ୍ ବରିୟାମ୍ ସିଂ ସାଲୁଜା ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ, ଢେମ୍‌ସା ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅର୍ଚ୍ଚନା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବରେ ମଧ୍ୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ବିଧାୟକ ଲକ୍ଷ୍ମଣ ବାଗ୍ ଯୋଗଦେଇଥିଲେ।

## ଫୁଟ୍‌ବଲ: ବରଗଡ଼, ଝାରସୁଗୁଡ଼ା ବିଜୟୀ



ଗାଇସିଲେଟ,୯।୧(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ତ୍ରୀଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ ବରଗଡ଼-ରାଉରକେଲା ଓ ଝାରସୁଗୁଡ଼ା- ବଲାଙ୍ଗିର ମଧ୍ୟରେ ଫୁଟ୍‌ବଲ୍ ଖେଳ ହୋଇଥିଲା। ପ୍ରଥମେ ବରଗଡ଼ ସହିତ ଝାରସୁଗୁଡ଼ା ଉଦ୍‌ଘାଟନି ମ୍ୟାଚ୍‌ଟି ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଓ ବିଡିଓ ଲକ୍ଷ୍ମଣ ମାଝୀ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଆରମ୍ଭ କରିଥିଲେ। ଏଥିରେ ବରଗଡ଼ ଦଳ ୪/୦ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଝସକେତନ ତ୍ରିପାଠୀ ଓ ଗାଇସିଲେଟ ବନପାଳ ଝରଣା ସାହୁ ଓ ଫୁଟବଲ ଆସୋସିଏଶନ ସଭାପତି ଅମ୍ବିକା ପ୍ରସାଦ ତ୍ରିବେଦୀଙ୍କ ଦ୍ୱାରା ବଲାଙ୍ଗୀର ସହିତ ଝାରସୁଗୁଡ଼ା ଦଳର ଖେଳ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ଟ୍ରାଇବ୍ରେକର ଜରିଆରେ ବିଜୟୀ ଘୋଷିତ ହୋଇଛି।

## ବେଆଇନ ବାଲିଚାଲାଣ, ୫ ଟ୍ରାକ୍ଟର ଜବତ

ଲୋଇସିଂହା,୯।୧(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ୍ ଅଧୀନ ସାନଫାସଡସ୍ଥିତ ଅଙ୍ଗନଦୀ ପଠାରେ ଶୁକ୍ରବାର ଚଢ଼ାଉ କରାଯାଇ ବେଆଇନ ବାଲି ଚାଲାଣରେ ନିୟୋଜିତ ୫ଟି ଟ୍ରାକ୍ଟର ଜବତ କରାଯାଇଛି। ଲୋଇସିଂହା ପୋଲିସ ଉପସ୍ଥିତିରେ ବଲାଙ୍ଗୀର ଖଣି ବିଭାଗର ୫ ଜଣିଆ ଟିମ୍ ଏବଂ ସାଲେଭଟା ରାଜସ୍ୱ ନିରୀକ୍ଷକ ଉକ୍ତ ନଦୀପଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ ୫ଟି ଟ୍ରାକ୍ଟର(ନଂ.ଓଡି୩୧ଏଲ୍-୨୫୫୮, ଓଡି୩୧ଏଚ୍-୮୫୦୨, ଓଡି୩୧ଏଚ-୭୧୭୪, ୨ଟି ବିନା ନମ୍ବର)ରେ ବାଲି ଭର୍ତ୍ତିକରାଯାଉଥିଲା। ଟ୍ରାକ୍ଟର ଚାଳକମାନଙ୍କୁ ଖଣିବିଭାଗ ଅଧିକାରୀ ବାଲିଚାଲାଣ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ମାଗିବାରୁ ସେମାନେ ଦେଖାଇ ପାରି ନ ଥିଲେ। ଏହାପରେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ସାଲେଭଟା ଫାଣ୍ଡିକୁ ଅଣାଯାଇଥିବା ଫାଣ୍ଡି ଅଧିକାରୀ ଭରତ ସାହୁ କହିଛନ୍ତି।

# ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀରେ ସାଂସ୍କୃତିକ ଶୋଭାଯାତ୍ରା

ପଦ୍ମପୁର,୯।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦହିତାର ତ୍ରିଦିବସୀୟ ରୌପ୍ୟ ଜୟନ୍ତୀ ସମାରୋହରର ପ୍ରଥମ ଦିବସରେ ଶୁକ୍ରବାର ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁଲଦୁଲି, କଳଙ୍ଗି, ଘଣ୍ଟ ବାଦ୍ୟ ସମେତ ପାରମ୍ପରିକ ଲୋକବାଦ୍ୟ ତାଳେ ତାଳେ ଶୋଭାଯାତ୍ରାରେ ଯାଇ ବନ୍ଦେଶ୍ୱରୀ ନଦୀ କୂଳରେ ଏବଂ ବାବା ଧବଳେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ସ୍ଥାନରୁ ପୂର୍ଣ୍ଣକୁମ୍ଭ ଏବଂ ଜ୍ୟୋତି ନେଇ ଶୋଭାଯାତ୍ରା ସମଗ୍ର ଗ୍ରାମ ପରିକ୍ରମା କରିଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁ, ନେତାଜୀ କ୍ଲବ ସଭାପତି ସରୋଜ ପାଣିଗ୍ରାହୀ, ସଂଯୋଜକ ଲମ୍ବୋଦର ତାଣ୍ଡି, ଆବାହକ ସୁଶାନ୍ତ ମିଶ୍ର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷିରସିନ୍ଧୁ ସୁନା, ସେବାଶ୍ରମ ପ୍ରଧାନ ଶିକ୍ଷକ ଜୟନାରାୟଣ ମେହେର, ପୂର୍ବତନ କମିଟି ସଦସ୍ୟ ଲିଙ୍ଗରାଜ



ସାଂସ୍କୃତିକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

ଥନାପତି, ଅଧ୍ୟାପକ ମନିଶ ମିଶ୍ର, ଶତ୍ରୁଘ୍ନ ପ୍ରଧାନ, ଶୋଭାମୟୀ ପ୍ରଧାନ, ପ୍ରିୟବ୍ରତ ସାହୁ, ନାରାୟଣ ହୋତା, ରାଜେଶ ଥନାପତି, ରତିକାନ୍ତ ସୁଆର, ସୁବଳ ସାହୁ, ମାନଭଞ୍ଜନ ହୋତା, ଦେବରାଜ ସାହୁଙ୍କ ସମେତ ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରୀଛାତ୍ର, ଗ୍ରାମବାସୀ, ଶିକ୍ଷାପ୍ରେମୀ, ପୂର୍ବତନ ପରିଚାଳନା କମିଟି ସଦସ୍ୟ, ନେତାଜୀ କ୍ଲବ ସଦସ୍ୟ ପ୍ରମୁଖ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟରେ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ ହୋଇଯାଇଛି।

## ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୬୬୦ ଛାତ୍ରୀଛାତ୍ର

ପାଇକମାଳ,୯।୧(ବଢ଼ ଶତପଥୀ)

ପାଇକମାଳ ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି ୬୬୦ ଛାତ୍ରୀଛାତ୍ର। ୭୩୨ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୬୬୦ ଜଣ ବିଦ୍ୟାର୍ଥୀ ଏହି ପରୀକ୍ଷା ଦେଇଛନ୍ତି। ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ହୋଇଥିବା ବେଳେ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସିଟ ପାଇଁ ମଧ୍ୟ ପ୍ରବେଶିକା ପରୀକ୍ଷା କରାଯାଇଛି। ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ ଓ ପିଏମ୍‌ଶ୍ରୀ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ମାଣ୍ଡୋସିଲଠାରେ ଷଷ୍ଠ ଶ୍ରେଣୀ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରଠାରେ ପ୍ରବେଶିକା ପରୀକ୍ଷା ପାଇଁ ୨୮୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେଥିରୁ ଷଷ୍ଠ ଶ୍ରେଣୀ ପାଇଁ ୧୦୭ ଜଣରୁ ୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ସପ୍ତମ ଶ୍ରେଣୀ ପାଇଁ ୮୯ ଜଣ ଆବେଦନ କରିଥିବା ବେଳେ ୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଷ୍ଟମ ଶ୍ରେଣୀ ପାଇଁ ୫୦ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ନବମ ଶ୍ରେଣୀ ପାଇଁ ୪୦ ଜଣ ଆବେଦନ କରିଥିବା ବେଳେ ୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଷଷ୍ଠରେ ୨୮୬ ଛାତ୍ରୀଛାତ୍ର ମଧ୍ୟରୁ ୨୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପିଏମ୍‌ଶ୍ରୀ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ମାଣ୍ଡୋସିଲରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଷଷ୍ଠ ଶ୍ରେଣୀରେ ୧୬୦ ଜଣ ଛାତ୍ରୀଛାତ୍ର ମଧ୍ୟରୁ ୧୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପାଇକମାଳ ବ୍ଲକରେ ତିନୋଟି ସେଣ୍ଟରରେ ମୋଟ ୭୩୨ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ ଏବଂ ୬୬୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ଓ ୭୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଦାୟିତ୍ୱ ନିର୍ବାହ କରିଥିବାରୁ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଧନ୍ୟବାଦ ଜଣାଇଛନ୍ତି।

# ଟ୍ରେନରୁ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

ରାଉରକେଲା,୯।୧ ( ସଙ୍ଗୀତା ଜେନା)

ରାଉରକେଲା ରେଳଷ୍ଟେଶନ ପ୍ଲାଟଫର୍ମ ନଂ. ୧ରେ ଏକ ଟ୍ରେନରୁ ଶୁକ୍ରବାର ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଫେରାର ଅଛନ୍ତି। ଆର୍‌ପିଏଫ୍ ଉକ୍ତ ଜବତ ଗଞ୍ଜେଇକୁ ଜିଆରପି ରାଉରକେଲାକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ସକାଳ ୮ଟାରେ ଏର୍ନାକୁଲମ ଏକ୍ସପ୍ରେସର ଟିଟିଇ ଗଞ୍ଜେଇଗୁଡ଼ିକ ଟ୍ରେନରେ ପଡ଼ିଥିବା ଦେଖି ଆରପିଏଫ୍‌କୁ ସୂଚନା ଦେବା ପରେ ତାକୁ ଜବତ କରାଯାଇଥିଲା। ଓଜନ କରିବାରୁ ତାହା ୮ କେଜି ବୋଲି ଜଣାପଡିଥିଲା।



ପରିବେଷିତ ନାଟକର ଏକ ଦୃଶ୍ୟ।

# ନାଟକ 'ସୁଆଦ ସୁଆଦ କରି ଖାଏଲି କେନ୍ଦୁ' ମଞ୍ଚସ୍ଥ

## ରାଜ୍ୟସ୍ତରୀୟ ୩୮ତମ ଲୋକନାଟକ ମହୋତ୍ସବ

ରାଉରକେଲା,୯।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜଳଚରକ ଏକାଡେମୀ ଆୟୋଜିତ ୩୮ତମ କୋକନାଟକ ମହୋତ୍ସବର ଶୁକ୍ରବାର ଷଷ୍ଠ ସନ୍ଧ୍ୟାରେ ଖରିଆର ନାଟ୍ୟାନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଛି ସମ୍ବଲପୁରୀ ନାଟକ 'ସୁଆଦ ସୁଆଦ କରି ଖାଏଲି କେନ୍ଦୁ'। ନାଟକରେ ପବିତ୍ର ମୋହନ ପ୍ରଧାନ ନିର୍ଦ୍ଦେଶନା ଦେଇଥିବା ବେଳେ ରେଣୁରଞ୍ଜନ ବାଗ ଏବଂ ପୃଥ୍ୱୀରାଜ ଦୂରିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅମୂଲ୍ୟ କୁମାର ବାରିକ। ଗାଁର ଜମି ଉପରେ ସହରର ଜଣେ ଜମି ମାଫିଆଙ୍କ ଆଖି ପଡ଼େ। ଗାଁର ଗୁଣ୍ଡା ଭୁଜଙ୍ଗକୁ ଧରି ସମସ୍ତଙ୍କର ଜମିବାଡ଼ି, କ୍ଷେତଖେଳା ଜୋର ଜବରଦସ୍ତ ଅକ୍ତିଆର କରିବାକୁ ଚେଷ୍ଟା କରେ। ଯେଉଁମାନେ ବିରୋଧ କଲେ ସେମାନଙ୍କୁ ଟଙ୍କା ଲୋଭ ଦେଖେଇ ଜମି ନେଇଯାଏ। ଧୀରେ ଧୀରେ ସମସ୍ତେ ହାର ମାନିଯାଆନ୍ତି। କିନ୍ତୁ ରାଘବ ଆଉ ପରଶୁର ଜମି ନେଇ ପାରେନାହିଁ ଜମି ମାଫିଆ। ଲୋଭ ଦେଖାଏ, ମଦ ଓ ମାଂସର ସାହାରା ନିଏ କିନ୍ତୁ ବିଫଳ ହୁଏ। ଆଜିକାଲି ସମସ୍ତେ ସ୍ମାର୍ଟ ଫୋନ୍‌ର ମାୟାରେ ବାୟା। ବିଶେଷ କରି ଚଉଦ ବର୍ଷରୁ ତିରିଶ ବର୍ଷର କିଶୋର ଓ କିଶୋରୀ ହିତାହିତ ଜ୍ଞାନ ପାଶୋରି ନିଜର ବ୍ୟକ୍ତିଗତ ଜୀବନକୁ ରିଲ୍ ବନାଇବାର ଉପାଦାନ କରନ୍ତି। ଏପରି ଭାବେ ଗାଁର ଝିଅମାନଙ୍କୁ ନିଜ ଫାନ୍ଦରେ ଫସାଏ ଜମି ମାଫିଆ। ଏଭଳି ଅନେକ ଘଟଣା ହେଲାବେଳେ ଭାରତୀୟ ସେନାର ଜଣେ ଅବସରପ୍ରାପ୍ତ ସୈନିକ ରଣବିର ସିଂ ଓରଫ ରାଣା ଏ ବିଷୟରେ ଅନୁସନ୍ଧାନ କରିବାକୁ ଆସନ୍ତି। ଜମିମାଫିଆ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରି ବିଫଳ ହୁଏ। ଏହା ଭିତରେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ରିଲ ବନାଇବା ଭୁଲ ବୋଲି ବୁଝିପାରନ୍ତି ଗାଁର କିଶୋର କିଶୋରୀ। ଶେଷରେ ଜମି ମାଫିଆ ତାଙ୍କ କାର୍ଯ୍ୟରେ ବିଫଳ ହୁଅନ୍ତି। ଏଭଳି ଏକ କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ସଭାମଞ୍ଚରେ ଡ. ପ୍ରଭାତ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଆର୍‌ଏସପିର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି। ସାହିତ୍ୟିକ ତଥା ସମାଜସେବୀ ମିହିର ରାୟ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ମଞ୍ଚ ପରିଚାନଳା କରିଥିଲେ ଏକାଡେମୀର ବରିଷ୍ଠ ସଦସ୍ୟ ଆଲୋକ ବୋଷ । ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ ଚଳାଇ ଷ୍ଟଣ୍ଟ କରିବାରୁ ୧୬ ହଜାର ଜରିମାନା ଗଣିଲେ ଯୁବକ

ରାଉରକେଲା,୯।୧ (ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଗରରେ ଗତ ୧ ତାରିଖ ବିଳମ୍ବିତ ରାତିରେ ୪ଜଣ ଯୁବକ ବେପରୱା କାର ଚଳାଇ ଷ୍ଟଣ୍ଟ କରି ସୋଶିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏହା ଜଣାପଡିବା ପରେ ପୋଲିସ ଉକ୍ତ ଯୁବକମାନଙ୍କୁ ଥାନାରେ ଅଟକ ରଖିଥିଲା। ୧୬ ହଜାର ଟଙ୍କା ଜରିମାନା ଦେବା ପରେ ସେମାନଙ୍କୁ ଛଡାଯାଇଥିଲା। ପରେ ଯୁବକମାନେ ସର୍ବସମ୍ମୁଖରେ କ୍ଷମା ମାଗିଥିଲେ। ଉକ୍ତ ଯୁବକମାନେ ମହୁଲପଦା ନିବାସୀ ହୋଇଥିବା ବେଳେ କୋଏଲନଗର ସି ବ୍ଲକରେ ରହୁଥିବା ପୋଲିସ କହିଛି।

# ହେଉନି ଟିକାକରଣ, ପଶୁପକ୍ଷୀଙ୍କୁ ସଂକ୍ରମଣ ଆଶଙ୍କା

## ପାନପୋଷ ରେଞ୍ଜ

ରାଉରକେଲା, ୯।୧ (ସଙ୍ଗୀତା ଜେନା)

ଶୀତଋତୁରେ ପଶୁପକ୍ଷୀଙ୍କୁ ସଂକ୍ରମଣ ଓ ବାର୍ଡଫ୍ଲୁ ରୋକିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥାଏ। ତେବେ ରାଉରକେଲା ବନଖଣ୍ଡ ପାନପୋଷ ରେଞ୍ଜ୍‌ରେ ଚଳିତ ବର୍ଷ ପ୍ରାଣୀସମ୍ପଦ ବିଭାଗରୁ ଟିକାକରଣ ନେଇ କୌଣସି ନିର୍ଦ୍ଦେଶ ଆସି ନ ଥିବା କୁହାଯାଇଛି। ଫଳରେ ପଶୁପକ୍ଷୀଙ୍କ ମଧରେ ସଂକ୍ରମଣ ଆଶଙ୍କା ଦେଖାଯାଇଛି। ବିଶେଷ କରି ଶୀତଋତୁରେ ସଂକ୍ରମଣ ରୋଗ ଭାବେ ବାର୍ଡଫ୍ଲୁକୁ ଧରାଯାଇଥାଏ। ଏହା ପାଥୋଜେନିକ୍ ଭାଇରସ୍ ପ୍ରଭାବରେ ହୋଇଥାଏ। ପରବର୍ତ୍ତୀ ସମୟରେ ପକ୍ଷୀପଶୁଙ୍କୁ ଏହା ପ୍ରଭାବିତ କରିଥାଏ। ଏହାଙ୍କୁ ଖାଦ୍ୟ ଶୃଙ୍ଖଳରେ ସାମିଲ କରୁଥିବା ମଣିଷଙ୍କୁ ମଧ ଏହି ସଂକ୍ରମଣ ହେବାର ଆଶଙ୍କା ରହିଛି। ଉକ୍ତ ପକ୍ଷୀ ସଂକ୍ରମଣ ୨୦୧୭ରେ ରାଉରକେଲା ଏବଂ କୁଆଁରମୁଣ୍ଡା ବ୍ଲକରେ ବ୍ୟାପିଥିଲା। ଏଥିରେ ସଂକ୍ରମିତ ହଜାର ହଜାର କୁକୁଡ଼ା, ବତକଙ୍କୁ ନଷ୍ଟ ମାରି ଦିଆଯାଇଥିଲା। ଯାହାକି ସେହି ସମୟର ଏକ ପ୍ରମୁଖ ଆଲୋଚନାର ବିଷୟ ହୋଇଥିଲା। ଏ ସମ୍ପର୍କରେ ପାନପୋଷ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. ସରିତ ପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ବର୍ଷର ଶୀତ ସମୟରେ ପଶୁପକ୍ଷୀଙ୍କ ମଧ୍ୟରେ ସଂକ୍ରମଣ ବୃଦ୍ଧି ପାଇଥାଏ। ବର୍ଷ ତମାମ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଥାଏ। ପ୍ରାଣୀମିତ୍ରମାନଙ୍କ ଜରିଆରେ ଏହି ଅଭିଯାନ କରାଯାଇଥାଏ। ଶୀତଦିନେ ଯଦିଓ ବାର୍ଡଫ୍ଲୁ ଆଶଙ୍କା ଥାଏ, ତେବେ ଏହି ବର୍ଷ କୌଣସି ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ପାନପୋଷ ପ୍ରାଣୀସମ୍ପଦ ବିଭାଗ ଅଧୀନରେ ଥିବା କୁଆଁରମୁଣ୍ଡା, ବିଶ୍ରା, ଲାଠିକଟା ଆଦି ଅଞ୍ଚଳରେ ଏପରି କୌଣସି ଘଟଣା ଜଣାପଡ଼ିନାହିଁ। ବ୍ଲକ ପ୍ରାଣୀ ସମ୍ପଦ ପକ୍ଷରୁ ଟିକାକରଣକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଡା. ପାତ୍ର କହିଥିଲେ। ସେହିପରି ରାଉରକେଲା ବନଖଣ୍ଡ ପାନପୋଷ ରେଞ୍ଜର ସୁଚିସ୍ମିତା ଦାସ କହିଛନ୍ତି। ବନ ବିଭାଗ ପକ୍ଷରୁ ତାଙ୍କ ରେଞ୍ଜ୍‌ରେ ୨୦୨୪ରେ ଟିକାକରଣ ହୋଇଥିଲା। ୨୦୨୫ରେ ଟିକାକରଣର କୌଣସି କାର୍ଯ୍ୟକ୍ରମ ଆୟୋଜନ ହୋଇ ନ ଥିଲା। ବର୍ଷ ଆରମ୍ଭ ଅର୍ଥାତ୍ ଜାନୁଆରୀ ମାସରେ ଏହି ଟିକାକରଣ ହୋଇଥାଏ। ହେଲେ ୨୦୨୬ ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ରେଞ୍ଜର ଦାସ କହିଥିଲେ।

# ଯୁବକଙ୍କୁ ହତ୍ୟା ଅଭିଯୋଗରେ ୩ ଗିରଫ




ପୋଲିସ ୩ଜଣଙ୍କୁ ଗିରଫ କରିଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ମୃତଦେହକୁ କୋଏଲ ନଦୀରେ ଫିଙ୍ଗି ଦେଇଥିଲେ

ବନ୍ଧମୁଣ୍ଡା, ୯।୧ (ସୁବ୍ରତ ଦେ)

ରାଉରକେଲା ବନ୍ଧମୁଣ୍ଡା ଥାନା ଅଧିନସ୍ଥ ଜୋବାଘାଟ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ଶୁକ୍ରବାର ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମହେଶ ମୁଣ୍ଡାରୀ (୨୬), ଲକ୍ଷ୍ମଣ ମୁଣ୍ଡାରୀ (୨୩) ଏବଂ ସାହଦେବ ସାମସୀ (୩୦)। ଜାନୁଆରୀ ୧ ତାରିଖରେ ଘଟିଥିଲା ଏହି ହତ୍ୟା ଘଟଣା। ୨ ତାରିଖ ସକାଳେ ଜୋବାଘାଟ ଗାଁ ନିକଟ କୋଏଲ ନଦୀକୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ମୃତଦେହରେ ଗୁରୁତର ଆଘାତ ଚିହ୍ନ ମିଳିଥିବା ସହ ଏହା ହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୦୩(୧)/୩(୫) ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ପ୍ରକାଶ ପାଇଛି ଯେ, ୧ ତାରିଖ ରାତିରେ ମହେଶ, ଲକ୍ଷ୍ମଣ ଏବଂ ସାହଦେବ ଏକାଠି ମହେଶଙ୍କ ଘର ନିକଟରେ ବସିଥିଲେ। ସେହି ସମୟରେ ଜଣେ ଅଜଣା ବ୍ୟକ୍ତି ସେଠାକୁ ଆସୁଥିବା ଦେଖି ତାଙ୍କୁ ଚୋର ବୋଲି ସନ୍ଦେହ କରିଥିଲେ। ଅଭିଯୁକ୍ତମାନେ ଲାଠି ଓ ଲାତ ମାରି ପିଟିଥିଲେ। ଏହି ଆକ୍ରମଣରେ ସେହି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତମାନେ ମୃତଦେହକୁ କୋଏଲ ନଦୀରେ ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ପରେ ୩ଜଣଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଏକ କାଠ ବାଡ଼ି ଏବଂ ଏକ ମୋବାଇଲ ଫୋନ ଜବତ କରିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଅଭିଯୁକ୍ତମାନଙ୍କର ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ମଧ ତଦନ୍ତ ଜାରି ରହିଛି। ଶୁକ୍ରବାର ସନ୍ଧ୍ୟାରେ ବନ୍ଧମୁଣ୍ଡା ଥାନାରେ ଖବରଦାତାମାନଙ୍କ ସହ ଆଲୋଚନା କରି ଏଏସପି ଆର.କେ. ମିଶ୍ର ଘଟଣାର ସତ୍ୟତା ନିଶ୍ଚିତ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବାରେ ବନ୍ଧମୁଣ୍ଡା ଥାନାର ଇନ୍ସପେକ୍ଟର ରଞ୍ଜନ କୁମାର ନାୟକ, ଏସଆଇ ମନୋଜ ବାରା, ଏସଆଇ ଅର୍ଜୁନ ସେଠୀ, ବୈକୁଣ୍ଠ ପରିଡ଼ା, ଏଏସଆଇ ରତ୍ନାକର ମୁଣ୍ଡା, ଏଏସଆଇ ସଞ୍ଜିତା ସାମଲ, ସରୋଜ ପୁହାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ରାଉରକେଲା ଚିତ୍ରଶିଳ୍ପୀ ସୁନ୍ଦରବନରେ ସମ୍ମାନିତ

ରାଉରକେଲା, ୯।୧ (ସଙ୍ଗୀତା ଜେନା)

ପଶ୍ଚିମବଙ୍ଗର କାକଦ୍ୱୀପଠାରେ ଅବସ୍ଥିତ ସୁନ୍ଦରବନ ଆର୍ଟ ଏକାଡେମୀର ବାର୍ଷିକୋତ୍ସବ ଅବସରରେ ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ ସମାରୋହ ଗତ ଡିସେମ୍ବର ୨୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ପରିଚାଳିତ ଜସପାଲ ସ୍ମୃତି ଚିତ୍ରାଳୟର ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ଓ ପ୍ରତାପ କୁମାର କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ଉଭୟ ଶିଳ୍ପୀ ଓଡିଶା ବ୍ୟତୀତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗର ବିଭିନ୍ନ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀରେ ନିୟମିତ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ପ୍ରତାପ କୁମାର ପଟ୍ଟନାୟକ ଓଡିଶା ଲଳିତକଳା ଏକାଡେମୀ ଓ କେନ୍ଦ୍ର ଲଳିତ କଳା ଏକାଡେମୀରେ ଅଂଶଗ୍ରହଣ କରି ମଧ ସମ୍ମାନିତ ହୋଇଛନ୍ତି। ରମେଶ ଚନ୍ଦ୍ର ପାତ୍ର ଏକାଧାରାରେ ଚିତ୍ରଶିଳ୍ପୀ, କବି, ଲେଖକ, ଅନୁବାଦକ, ସାନ୍ତାଳୀ ଲେଖକ ଓ ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ। ସେ ମଧ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସୁନ୍ଦରବନ ଆର୍ଟ ଏକାଡେମୀ ଦ୍ୱାରା ପରେଶ୍ୱରାନନ୍ଦ ମହାରାଜଙ୍କୁ ତନୁଶ୍ରୀ ବେରା, ଜୟଦେବ ଦାସଙ୍କୁ ମୌମିତା ଜାନା, ବିମାନ ନାଗଙ୍କୁ ସୋହନି ମଣ୍ଡଳ, ରମେଶ ଚନ୍ଦ୍ର ପାତ୍ରଙ୍କୁ ପଲ୍ଲବୀ ମଣ୍ଡଳ, ପ୍ରତାପ କୁମାର ପଟ୍ଟନାୟକଙ୍କୁ ପ୍ରଣତି ଦାସ, ପମ୍ପା ନାଗଙ୍କୁ, ସୁନନ୍ଦା ଖଟୁୟା, ବିଜୟ ରକ୍ଷିତଙ୍କୁ କରୀ ଜାନା, ବିବେକାନନ୍ଦ ପଣ୍ଡାଙ୍କୁ ଗାୟତ୍ରୀ ଗାଏନ, ପ୍ରସୂନ ମାଇତିଙ୍କୁ ଅହନା ପଡୁୟା ଓ ବିକାଶ ଗିରିଙ୍କୁ ପ୍ରୀତି ଦେବନାଥ ସମ୍ବର୍ଦ୍ଧନା ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଦେବରାଜ ବେରା ଓ ପଲ୍ଲବୀ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ତନୁଶ୍ରୀ ବେରା ଧନ୍ୟବାଦ ଅର୍ପଣ କରିଥିଲେ ।



ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।




ସାବାସ ପୁରସ୍କାର ପାଇଥିବା କର୍ମଚାରୀ।

# ୧୫ କର୍ମଚାରୀଙ୍କୁ ସେଲ୍ ସାବାସ ପୁରସ୍କାର

ରାଉରକେଲା,୯।୧ (ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ସମ୍ମିଳନୀ କକ୍ଷରେ ଗୁରୁବାର ସାମଗ୍ରୀ ପରିଚାଳନା ବିଭାଗର କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା। ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଏମ୍‌ଏମ୍ ବିଭାଗର ସିଜିଏମ୍ ଟି. ବିନୋଦ ଏବଂ ମାର୍କେଟିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ଅଜୟ ଶୁକ୍ଲାଙ୍କ ସମେତ ସାମଗ୍ରୀ ପରିଚାଳନା ବିଭାଗର ୧୫ ଜଣ କର୍ମଚାରୀଙ୍କୁ ସେମାନଙ୍କ କ୍ଷେତ୍ରରେ ଅନୁକରଣୀୟ ପ୍ରଦର୍ଶନ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଅନିଲ କୁମାର ବିଭାଗୀୟ ଏବଂ ସାଙ୍ଗଠନିକ ଲକ୍ଷ୍ୟ ହାସଲ ପାଇଁ ସେମାନଙ୍କ ଉତ୍ସର୍ଗ, ବୃତ୍ତିଗତ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସାମଗ୍ରୀ ପରିଚାଳନା କାର୍ଯ୍ୟକୁ ସୁଦୃଢ଼ କରିବା ଏବଂ ସଙ୍ଗଠନର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଦଳଗତ କାର୍ଯ୍ୟ, ନବସୃଜନ ଏବଂ ଉତ୍ତରଦାୟିତ୍ୱର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ, ବର୍ଗ-୧ ଅନ୍ତର୍ଗତ ମୋଟ ୧୧ ଜଣ କର୍ମଚାରୀ ପୁରସ୍କାର ଲାଭ କରିଥିଲେ। ସେହିପରି ବର୍ଗ-୨ ଅନ୍ତର୍ଗତ ଜିଏମ୍ (ଏମ୍‌ଏମ୍) ଆନସେଲମ ଓମଡେନ ନାମଚୁ, ଏମ୍‌ଏମ୍ ଷ୍ଟୋର ବିଭାଗର ସିନିୟର ମ୍ୟାନେଜର ମନୀଷ କୁମାର ଧାକଡ, ମାର୍କେଟିଂ ବିଭାଗର ଡେପୁଟି ମ୍ୟାନେଜର ଅକ୍ଷୟ କୁମାର ସେଠୀ ଏବଂ ପରଚେଜ୍ ବିଭାଗର ଡେପୁଟି ମ୍ୟାନେଜର ତପନ କୁମାର ନାୟକ ପୁରସ୍କୃତ ହୋଇଥିଲେ।

# ଶଙ୍ଖ ମହାବିଦ୍ୟାଳୟରେ ଆଧାର ପଞ୍ଜୀକରଣ

କୁଆଁରମୁଣ୍ଡା,୯।୧ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୟୁଆଇଡିଏଆଇଡି ପକ୍ଷରୁ ଶୁକ୍ରବାର ଉପାନ୍ତ ସଲଙ୍ଗାବାହାଲ ଶଙ୍ଖ ମହାବିଦ୍ୟାଳୟରେ ଦେୟ ମୁକ୍ତ ଆଧାର ପଞ୍ଜୀକରଣ କରାଯାଇଛି।



ସଲଙ୍ଗାବାହାଲ ଶଙ୍ଖ ମହାବିଦ୍ୟାଳୟରେ ଆଧାର ପଞ୍ଜୀକରଣ ଶିବିର।

ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜର ଆଧାର ପଞ୍ଜିକରଣ କରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଏମଆଇଏସ ରାଜୀବ ନାଏକ ଓ ଓକାକ ସୁନ୍ଦରଗଡ ଜିଲା ପ୍ରବନ୍ଧକ ପ୍ରଶାନ୍ତ କୁମାର ମହାନ୍ତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଶଙ୍ଖ ମହାବିଦ୍ୟାଳୟର ଅଧକ୍ଷା ମିନତୀ ଅମାତଙ୍କ ସହ ଅନ୍ୟ ଅଧାପିକା, ଅଧାପକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଆଗାମୀ ଦିନରେ ଏହି ପଞ୍ଜିକରଣ ସେବା ତ୍ୱରାନ୍ୱିତ ହେବ ବୋଲି ଓକାକ ଜିଲା ପ୍ରବନ୍ଧକ ମହାନ୍ତ ଏହି ଅବସରରେ ସୂଚନା ଦେଇଛନ୍ତି।

# ବିପିୟୁଟିରେ ଆଇଡିଇ ବୁଟ୍ କ୍ୟାମ୍ପ ଉଦ୍‌ଯାପିତ

ରାଉରକେଲା,୯।୧ (ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନେତାଜୀ ସୁଭାଷ ପ୍ରେକ୍ଷାଳୟ ପରିସରରେ ଆୟୋଜିତ ୩ ଦିନିଆ ଇନୋଭେଶନ, ଡିଜାଇନ ଓ ଏଣ୍ଟରପ୍ରିନ୍ୟୁରଶିପ୍ (ଆଇଡିଇ) ବୁଟ୍ କ୍ୟାମ୍ପର ତୃତୀୟ ପର୍ଯ୍ୟାୟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଏମ୍‌ଶ୍ରୀ ଅନ୍ତର୍ଗତ ସମସ୍ତ ଶିକ୍ଷାବିତ୍ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢ଼ି ତୋଳିବା ସହ ଦେଶର ସାମଗ୍ରିକ ବିକାଶରେ ସହାୟକ ହେବେ ବୋଲି ଆଶାପ୍ରକାଶ କରିଥିଲେ। ଏଆଇସିଟିଇ ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନର ସେଲ୍ ଆଞ୍ଚଳିକ ସଂଯୋଜକ ବିଭମ ବ୍ୟାସ, ୱାଧୱାନି ଫାଉଣ୍ଡେଶନର ବିଶେଷଜ୍ଞ ଗୌରୀ ମଦନ ଓ ବିପିୟୁଟିରେ କୁଳସଚିବ ନିର୍ଶି ପୁନମ ମିଞ୍ଜ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷାବିତ୍‌ମାନେ ଏହି ବୁଟ୍‌କ୍ୟାମ୍ପରୁ ଶିଖିଥିବା ଜ୍ଞାନ କୌଶଳକୁ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ଅନୁଯାୟୀ ଶ୍ରେଣୀଗୃହ ଶିକ୍ଷାଦାନରେ ପ୍ରୟୋଗ କରିବେ ବୋଲି ସମ୍ମାନିତ ଅତିଥି ବ୍ୟାସ ଆଶାବ୍ୟକ୍ତ କରିଥିଲେ। ସେହିଭଳି ଏହି କ୍ୟାମ୍ପରେ ଯୋଗ ଦେଇଥିବା ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷାବିତ୍‌ମାନେ ଶିକ୍ଷାଦାନ ପଦ୍ଧତିରେ ନିଜ ନିଜ ବିଦ୍ୟାଳୟର ନବସୃଜନ ଓ ଉଦ୍ୟୋଗ ପରିବେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମଦନ କହିଥିଲେ। ଏହି ପର୍ଯ୍ୟାୟରେ ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ମନୋନିତ ରାଜ୍ୟର ୧୬ଟି ଜିଲାରୁ ମୋଟ୍ ୧୮୮ ଜଣ ଅଧକ୍ଷ ଓ ପ୍ରଧାନଶିକ୍ଷକ, ସହ ଶିକ୍ଷକ ଅଂଶଗ୍ରହଣ କରି ଡିଜାଇନ ଥିଙ୍କିଂ ଠାରୁ ଆରମ୍ଭ କରି ବ୍ୟବସାୟିକ ମଡେଲିଂ, ମୌଳିକ ଆର୍ଥିକ ଯୋଜନା, ବିଭିନ୍ନ ରଣନୀତି ଯଥା ପରୀକ୍ଷଣ, ପାଣ୍ଠି ସଂଗ୍ରହ ବିସ୍ତାର ଭଳି ବିଭିନ୍ନ ଦିଗ ଉପରେ ଶିକ୍ଷା କୌଶଳର ତାଲିମ ନେଇଥିଲେ। ଏହା ମାଧ୍ୟମରେ ସେମାନଙ୍କୁ ଷ୍ଟାର୍ଟଅପ୍ ବ୍ୟବସ୍ଥା ଓ ବିଶେଷ କରି ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

# ସ୍ୱଚ୍ଛ କାୟାକଳ୍ପ ଅଭିଯାନରେ ଡାକ୍ତରଖାନା ସଫେଇ

ରାଉରକେଲା,୯।୧ (ବିପ୍ଳବ ରଞ୍ଜନ ଦାଶ)

ରୋଟାରୀ କ୍ଲବ ରାଉରକେଲା ଷ୍ଟିଲ ସିଟି ଏବଂ ଆର୍‌ଜିଏଚ୍‌ର ମିଳିତ ଆନୁକୂଲ୍ୟରେ ଡାକ୍ତରଖାନା ପରିସରରେ ଗୁରୁବାର ସ୍ୱଚ୍ଛତା କାୟାକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଟାରୀ କ୍ଲବ ଷ୍ଟିଲ ସିଟିର ସଦସ୍ୟାସଦସ୍ୟ ଡାକ୍ତରଖାନା ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଆଗାମୀ ଦିନରେ ଡାକ୍ତରଖାନା କିପରି ଅଧିକ ପରିଷ୍କାର ରହିବ ସେ ଦିଗରେ ପ୍ରେରଣା ଦିଆଯାଇଥିଲା। ମା' ଓ ଶିଶୁ ୱାର୍ଡରେ ମା'ମାନେ କିପରି ପରିଷ୍କାର ରହିବେ, ପିଲାମାନଙ୍କୁ ପରିଷ୍କାର ସହ ସୁସ୍ଥ ରଖିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ମା'ମାନଙ୍କୁ ସାନିଟାରୀ ନାପକିନ୍ ଓ ସାନିଟାଇଜର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତରଖାନା ନିର୍ଦ୍ଦେଶକ ଡା. ଆନନ୍ଦ ଗୋପାଳ ମହାନ୍ତି, ସହ ନିର୍ଦ୍ଦେଶକ ଡ଼ ପଣ୍ଡିତ ସାହୁ, ବରିଷ୍ଠ ଡାକ୍ତର ଡା. ଗୋପାଳ ରାୟ, ପ୍ରବନ୍ଧକ କୁମାର ଅଭିଷେକ ଓ ସନ୍ତୋଷ ମନ୍ଦାର ଉପସ୍ଥିତ ଥିଲେ। ଷ୍ଟିଲ ସିଟି ପକ୍ଷରୁ ଝାଡୁ, ଡଷ୍ଟବିନ, ଫିନାଇଲ, ସାନିଟାରୀ ନାପକିନ, ସାନିଟାଇଜର, ରୁମ୍ ଓ ପରିସର ସଫା ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସଫେଇ କର୍ମଚାରୀ, ବିଭିନ୍ନ ବିଭାଗର ନର୍ସ, ବରିଷ୍ଠ ଡାକ୍ତରଙ୍କ ସହ ରୋଟାରିଆନ ଡ. ଅଞ୍ଜନା ମୈତ୍ର, ରଶ୍ମି ମିଶ୍ର, ଡ. ସରିତା ମଲ୍ଲ, ସନ୍ଧ୍ୟାରାଣୀ ବରାଳ, ଲଳିତା ମୁଦୁଲି, ବିଜୟ ବୈଭବ ରାୟ, ଆଶିଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।




ଡାକ୍ତରଖାନା ପରିସରରେ ସଫେଇ କରାଯାଉଛି।

## ସଂକ୍ଷେପରେ

### ୧୩ରୁ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ଟିଟିଲାଗଡ଼,୯।୧(ଶରତ ମିଶ୍ର)**

ଟିଟିଲାଗଡ଼ କୋର୍ଟ ପଛପାର୍ଶ୍ୱ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୧୩ରୁ ୩ ଦିନ ଧରି ବ୍ୟାଡ୍‌ମିଣ୍ଟନ (ଡବଲ୍ସ) ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଲାୟନ୍ସ କ୍ଲବ୍ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଲବ୍ ସଭାପତି ସଞ୍ଜୟ ସୋନି ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟ ନକ୍ ଆଉଟ୍ ପ୍ରଣାଳୀରେ ହେବ। କ୍ଲବ୍‌ର ପୂର୍ବତନ ସଭାପତି ଯମୁନା ପ୍ରସାଦ ଗୋଏଲ କହିଛନ୍ତି, ଟିଟିଲାଗଡ଼ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ, ଡିଷ୍ଟ୍ରିକ୍ଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଓ ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସହଭାଗିତାରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହି ଖେଳ ପାଇଁ ୩୨ଟି ଦଳ ଭାଗ ନେଇଛନ୍ତି। କ୍ଲବ୍ ସଦସ୍ୟ ପ୍ରମୋଦ ପ୍ରଧାନ ଖେଳ ବିଷୟରେ ସୂଚନା ଦେଇଥିଲେ। କ୍ଲବ୍ ସଦସ୍ୟ ନିରୋଜ ପଟ୍ଟନାୟକ କହିଛନ୍ତି, ଏହି ଟୁର୍ନାମେଣ୍ଟର ବିଜେତା ଟିମ୍‌କୁ ୨୨,୨୨୨ ଟଙ୍କା ଓ ରନର ଅପ୍ ଦଳକୁ ୧୧, ୧୧୧ଟଙ୍କା ପ୍ରଦାନ କରାଯିବ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ମନିଗାଁ ଚାମ୍ପିୟନ

**କଣ୍ଟାବାଞ୍ଜି,୯।୧(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ରତ୍ନାକର ବାଗ୍ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ହୁଲେଶ୍ୱର ହଂସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ଭାଜପା ବିଧାନସଭା ସଂଯୋଜକ ଯୌବନ ବାଗ, ବଙ୍ଗୋମୁଣ୍ଡା ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ଭୋଲାନାଥ ବେହେରା, ଜିଲା ପରିଷଦ ସଦସ୍ୟ ଦାମ ସୁନା, ବଙ୍ଗୋମୁଣ୍ଡା ଭାଜପା ମଣ୍ଡଳ ସଭାପତି ପବିତ୍ର ପୋଢ଼, ସିନ୍ଧେକେଲା ଭାଜପା ମଣ୍ଡଳ ସଭାପତି ନରେନ୍ଦ୍ର ରଣା, ବେଲପଡ଼ା ଏଡିଇଓ ସଂଘ ସଭାପତି ପୃଥ୍ୱିରାଜ ବାଗ, କପିଲାଭଟା ସମିତି ସଭ୍ୟ କେଦାର ଭୋଇ, ଝରିଆଲ ସମିତିସଭ୍ୟ ରାଜୁ ହାତୀ, ଗନ୍ଧରାବନ୍ଧ ସମିତିସଭ୍ୟ ଖଗେଶ୍ୱର ବାଗ, ବଙ୍ଗୋମୁଣ୍ଡା ଭାଜପା ମଣ୍ଡଳ ସାଧାରଣ ସମ୍ପାଦକ ଧନସିଂ ନାଗ, ବିଶିଷ୍ଟ କଣ୍ଠଶିଳ୍ପୀ ଦୁର୍ଦ୍ଦକ୍ଷ ହଂସ, ମାଁ ସାହାଜି ଯୁବକ ସଂଘର ପୂର୍ବତନ ସଭାପତି ମିତ୍ରଭାନୁ ବିଶି, ଏଡିଇଓ ରାଜକପୁର ବାଗ, ଭାଜପା ଯୁବନେତା କୁଶଧ୍ୱଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ବଙ୍ଗୋମୁଣ୍ଡା ଓ ମନିଗାଁ ଦଳ ମଧ୍ୟ ଫାଇନାଲ ମ୍ୟାଚ୍ ହୋଇଥିଲା। ବଙ୍ଗୋମୁଣ୍ଡା କୁ ୨-୦ ଗୋଲରେ ପରାସ୍ତ କରି ମନିଗାଁ ଦଳ ଚାମ୍ପିୟନ ହୋଇଛି। ଆୟୋଜକ କମିଟି ସଂଯୋଜକ ରାହୁଲ ବାଗ, ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶିଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକ, ୨ ସହକାରୀ ଶିକ୍ଷକଙ୍କ ବଦଳି ଦାବିରେ ରାସ୍ତାରୋକୋ

**ଲାଠୋର, ୯।୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଟଙ୍କପାଣି ପଞ୍ଚାୟତର ସରେଇବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପ୍ରଧାନ ଶିକ୍ଷକଙ୍କ ସମେତ ୩ ଶିକ୍ଷକଙ୍କ ବଦଳି ଏବଂ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ରାସ୍ତାରୋକୋ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବେ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୨୧୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ୭ ଜଣ ଶିକ୍ଷକଙ୍କ ସମେତ ଜଣେ ଆର୍ଟ ଏବଂ ଜଣେ ପିଇଆଇ ଶିକ୍ଷକ ନିଯୁକ୍ତ ଅଛନ୍ତି। ୭ ଜଣ ଶିକ୍ଷକଙ୍କ ମଧ୍ୟରୁ ଦୀନବନ୍ଧୁ ବାଗ ଏବଂ ସନ୍ତୋଷ ମେହେର ସିଆର୍‌ସିସି ଦାୟିତ୍ୱ ନେବା ପରେ ସେମାନେ ବିଦ୍ୟାଳୟକୁ ପ୍ରାୟ ଆସୁନାହାନ୍ତି। ଫଳରେ ୫ ଜଣ ଶିକ୍ଷକ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବାରେ ବାଧା ସୃଷ୍ଟି ହେଉଛି। ୨ ଜଣ ଶିକ୍ଷକ ଠିକ୍ ଭାବେ ପାଠ ପଢ଼ାଉ ନ ଥିବା, ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବାରୁ ସେଥିରୁ ପୋକ ବାହାରୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିବା ଛାତ୍ରୀ ସ୍ମୃତିମୟୀ ସାହୁ, ରୀପ୍ତି ବିଶ୍ୱାଳ ଏବଂ ତନ୍ମୟା ଶବର କହିଛନ୍ତି। ଫଳରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପରୋକ୍ତ ସମସ୍ୟା ସମାଧାନ ଦାବିରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ସକାଳ ୯ଟାରେ ବିଦ୍ୟାଳୟ ସମ୍ମୁଖରେ ସରେଇବାହାଲ-ଲଖନା ରାସ୍ତା ଅବରୋଧ କରିଥିଲେ। ଖବରପାଇ ଲାଠୋର ଥାନା ଏସ୍‌ଆଇ ଗଣନାଥ ଥନାପତି, ଏଏସ୍‌ଆଇ ପ୍ରଫୁଲ୍ଲ କିଷାନ ସଦଳବଳେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଆନ୍ଦୋଳନରୁ ଓହରି ନ ଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଖପ୍ରାଖୋଲ ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ ପହଞ୍ଚି ରାସ୍ତାରୋକୋ କରିଥିବା ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକ ନିଯୁକ୍ତି ଏବଂ ସମ୍ପୃକ୍ତ ୩ ଶିକ୍ଷକଙ୍କୁ ଜାନୁଆରୀ ଶେଷ ସୁଦ୍ଧା ବଦଳି ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଉକ୍ତ ପ୍ରତିଶ୍ରୁତି ପାଳନ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଏସ୍‌ଏମ୍‌ସି ସଭାପତି ସରୋଜିନୀ ନାଏକ, ଶୈଳବାଳା ମାଝୀ, ନମିତା ବିଶ୍ୱାଳ, ୱାର୍ଡ ମେମ୍ବର ହର ମାଝୀ, କୁନା ବିଶ୍ୱାଳ, ରବୀନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ତାଣ୍ଡି, ସୁନ୍ଦର ବିଶ୍ୱାଳ, ମୁକେଶ ତାଣ୍ଡି, ରବୀନ୍ଦ୍ର ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସ୍କୁଲ ସମ୍ମୁଖରେ ରାସ୍ତାରୋକୋ କରିଛନ୍ତି।

# ବେଆଇନ ବାଲିଚାଲାଣ, ୫ ଟ୍ରାକ୍ଟର ଜବତ

**ଲୋଇସିଂହା,୯।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ୍ ଅଧୀନ ସାନଫାସଡ଼ସ୍ଥିତ ଅଙ୍ଗନଦୀ ପଠାରେ ଶୁକ୍ରବାର ଚଢ଼ାଉ କରାଯାଇ ବେଆଇନ ବାଲି ଚାଲାଣରେ ନିୟୋଜିତ ୫ଟି ଟ୍ରାକ୍ଟର ଜବତ କରାଯାଇଛି। ଲୋଇସିଂହା ପୋଲିସ ଉପସ୍ଥିତିରେ ବଲାଙ୍ଗୀର ଖଣି ବିଭାଗର ୫ ଜଣିଆ ଟିମ୍ ଏବଂ ସାଲେଭଟା ରାଜସ୍ୱ ନିରୀକ୍ଷକ ଉକ୍ତ ନଦୀପଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ ୫ଟି ଟ୍ରାକ୍ଟର(ନଂ.ଓଡି୩୧ଏଲ୍-୨୫୫୮, ଓଡି୩୧ଏର୍-୮୫୦୨, ଓଡି୩୧ଏଚ-୭୧୭୪, ୨ଟି ବିନା ନମ୍ବର)ରେ ବାଲି ଭର୍ତ୍ତି କରାଯାଉଥିଲା। ଟ୍ରାକ୍ଟର ଚାଳକମାନଙ୍କୁ ଖଣିବିଭାଗ ଅଧିକାରୀ ବାଲିଚାଲାଣ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ମାଗିବାରୁ ସେମାନେ ଦେଖାଇ ପାରି ନ ଥିଲେ। ଏହାପରେ ବାଲିବୋଝେଇ ଟ୍ରାକ୍ଟରକୁ ଜବତ କରି ସାଲେଭଟା ଫାଣ୍ଡିକୁ ଅଣାଯାଇଥିବା ଫାଣ୍ଡି ଅଧିକାରୀ ଭରତ ସାହୁ କହିଛନ୍ତି।

# ଯୁବୋଦୟ ଲିଡ୍ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗୀର,୯।୧(ବୀରେନ୍ଦ୍ର କୁମାର ଝାଙ୍କର)**

ଯୁବୋଦୟ ଲିଡ୍ ସ୍କୁଲର ବାର୍ଷିକ ଉତ୍ସବ 'ଯୁବା' ସ୍ଥାନୀୟ ହୋଟେଲ ସ୍ୱୟଂଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥି ଭାବେ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସିନିୟର୍ ରେଡ଼ିଓଲୋଜିଷ୍ଟ ଡା. ଦିନେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାର ସହକାରୀ ଜିଲାପାଳ ଶିବାନନ୍ଦ କର୍ମୀ, ମୁଖ୍ୟବକ୍ତା ଭାବେ କିଟ୍ କେରିଅର ଅନୁଷ୍ଠାନର ଡିନ୍ ପ୍ରଫେସର ଡ. ପ୍ରିୟଦର୍ଶୀ ବିଶ୍ୱାଳ ଯୋଗଦେଇଥିଲେ। ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନ ସମୂହର ସମ୍ପାଦିକା ମିତ୍ରବିନ୍ଦା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଅଙ୍ଗବସ୍ତ୍ର, ଗଛ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଡ. ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଏକ ତୀବ୍ର ପ୍ରତିଯୋଗିତାମୂଳକ ପରିସ୍ଥିତିରେ କିଭଳି ଛାତୀଛାତ୍ର ଖାପଖୁଆଇ ସଫଳତା ଅର୍ଜନ କରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ଦୀପିକା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯାଇଥିଲା। ସହଅଧ୍ୟକ୍ଷା ବିଶ୍ୱବାରା ପୁରୋହିତ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଉପସ୍ଥିତ ଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବ୍ଲକ୍ ପ୍ରଶାସନ ଉପରେ ବର୍ଷିଲା କଳାକାର ସଂଘ

**ଲୋଇସିଂହା,୯।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ସ୍ଥାନୀୟ ସାପ୍ତାହିକ ବଜାର ପଡିଆରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ କିଛି କଳାକାର କଳାକାର ସାମିଲ ହୋଇଥିବାବେଳେ ବ୍ଲକ୍ କଳାକାର ସଂଘର ବହୁ ସଦସ୍ୟ ଆସି ନ ଥିବା ଜଣାପଡିଥିଲା। ବ୍ଲକ୍ କଳାକାର ସଂଘର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କ ପ୍ରରୋଚନାରେ ବ୍ଲକ ଅଞ୍ଚଳର କଳାକାର ସାମିଲ ହୋଇ ନ ଥିବା ଆଲୋଚନା ହୋଇଥିଲା। ଏନେଇ ଶୁକ୍ରବାର ସ୍ଥାନୀୟ ଷ୍ଟାଡିୟମ ପରିସରରେ ବ୍ଲକ୍ କଳାକାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ଦିଆଯାଇଛି। ବ୍ଲକ୍ ପ୍ରଶାସନର ଟାଳଟୁଳ ନୀତିକୁ ଦାୟୀ କରିବା ସହିତ କଳାକାର ଭତ୍ତା ବନ୍ଦ ଧମକକୁ ନେଇ ସଂଘ ବର୍ଷିଛି। ୧୯୫ ହିତାଧିକାରୀଙ୍କ ମଧ୍ୟରୁ କାହାର ବି କଳାକାର ଭତ୍ତା ବନ୍ଦ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ। ସେତେବେଳେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବ୍ଲକ୍ ପ୍ରଶାସନ ଦାୟୀ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ସରୋଜ ବିଶ୍ୱାଳ କହିଛନ୍ତି, ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ମନୋନୀତ କଳାକାରଙ୍କୁ ଚଳିତ ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବରେ କଳା ପରିବେଷଣ ପାଇଁ ଅନୁମତି ଦିଆଯିବ। ଗୋଟିଏ ପଞ୍ଚାୟତରୁ ଦଳୀୟ ବିଭାଗରେ ଗୋଟିଏ ଏବଂ ଏକକ ବିଭାଗରେ ୨ ଜଣ ଲେଖାଏ କଳାକାରଙ୍କୁ ପଠାଇବାକୁ ସରପଞ୍ଚମାନଙ୍କୁ ବିଡିଓ ଚିଠି କରିଥିଲେ। ଏହାଛଡା ଦଳଗତ ବିଭାଗରେ ଭାଗ ନେଉଥିବା ସମସ୍ତଙ୍କ କଳାକାରଙ୍କୁ ପ୍ରମାଣପତ୍ର ନ ଦେଇ କେବଳ ଗୋଟିଏ ଦିଆଯିବ ବୋଲି ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଡିଓ କହିଥିଲେ। କଳାକାରଙ୍କୁ ସରପଞ୍ଚମାନେ ସୂଚନା ଦେଇ ନ ଥିବା ଏବଂ ବ୍ଲକ୍ ପ୍ରଶାସନର କଟକଣା ନୀତି ଯୋଗୁ ଅପଦସ୍ଥ ହେବା ଆଶଙ୍କା କରି କଳାକାରମାନେ ଉତ୍ସବରେ ଅଂଶଗ୍ରହଣ କରି ନ ଥିଲେ। ସଂଘ ପକ୍ଷରୁ କାହାରିକୁ ମନା କରାଯାଇନାହିଁ। ବ୍ଲକ୍‌ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକବେଳେ ଏହା ଏକ ଅବାନ୍ତର କଥା ଏବଂ ଏସବୁ ପ୍ରସ୍ତାବକୁ ସଂଘ ସଭାପତି ଭାବେ ବିରୋଧ କରିଥିବା ସେ କହିଛନ୍ତି। ଏହାବାଦ୍ ଗତବର୍ଷ ଉପଖଣ୍ଡସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ କଳାକାରଙ୍କୁ ୧୦୦ ଟଙ୍କା ଗସ୍ତ ଖର୍ଚ୍ଚ ଦେବାକୁ ବିଡିଓ ଘୋଷଣା କରିଥିଲେ। ହେଲେ ଅଦ୍ୟାବଧି ଉକ୍ତ ଟଙ୍କା ଦିଆଯାଇନାହିଁ। ଚଳିତବର୍ଷ ଲୋକ ଉତ୍ସବରେ ସାମିଲ ନ ହେଲେ କଳାକାର ଭତ୍ତା ପ୍ରଦାନ ନ କରାଯିବା ସହ ସରକାରୀ ସଚେତନତା କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ଭାଲୁପାଲି ଗ୍ରାମର କଳାକାର ସାଧୁଚରଣ ବିଶି ଏବଂ ବାନିପାଲି ଗ୍ରାମର କଳାକାର ଅଖିଳେଶ୍ୱର ପଧାନଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ସଂଘ ନାପସନ୍ଦ କରିଛି। ଲୋକ ଉତ୍ସବରେ ସଂକୀର୍ତ୍ତନ ପରିବେଷଣ ପାଇଁ ବାରଣ କରାଯାଇଥିଲା। ହେଲେ ଉତ୍ସବରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଯାହାକି ବ୍ଲକ୍ ପ୍ରଶାସନର ଦୋମୁହାଁନୀତି ପଦାରେ ପଡିଥିବା ସଂଘ ପକ୍ଷରୁ କୁହାଯାଇଛି। ଗତ ବର୍ଷଗୁଡ଼ିକରେ ଡାକବାଜି ଯନ୍ତ୍ରରେ ଉତ୍ସବ ପାଇଁ ପ୍ରଚାର ପ୍ରସାର କରାଯାଇଥିବାବେଳେ ଚଳିତବର୍ଷ ତାହା ହୋଇ ନ ଥିଲା। ଏହି ଖବରଦାତା ସମ୍ମିଳନୀରେ ୩୦ରୁ ଊର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉର୍ଦ୍ଧ୍ୱଙ୍କୁ ପଚାରିବାରୁ ସେ ଉପରୋକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ କୌଣସି କଳାକାରଙ୍କ ସହିତ କଥା ହୋଇନାହିଁ ବୋଲି କହିଥିଲେ।



# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

**ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍‌ର ଶିକ୍ଷଣୀୟ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଜୁନିୟର ରେଡ୍‌କ୍ରସ୍ ସଭାପତି ତଥା ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ୍ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ଭାବେ ବିଇଓ ନୀଳମଣି ପଟେଲ, ଖପ୍ରାଖୋଲ ବିଡିଓ ଅଭିନବ ମିଶ୍ର, ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର, ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ଡା. ଅଶୋକ କୁମାର ଭୋଇ, ଯଶୋବନ୍ତ ସାହୁ, ପୁରାତନ ଛାତ୍ର ସାଇରାମ ସାହୁ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ବିବରଣୀ ଉପସ୍ଥାପନ, ଜେଆର୍‌ସିଓ ବିକାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର ଧନ୍ୟବାଦ ଦେଇଥିଲେ। ୩ ଦିନ ଧରି ଆୟୋଜିତ ଏହି ଶିବିରରେ ଜିଲାର ଶତାଧିକ ବିଦ୍ୟାଳୟର ଜୁନିୟର୍ ରେଡ୍‌କ୍ରସ୍‌ର ଛାତ୍ରୀଛାତ୍ର ଓ ଶିକ୍ଷକ ଯୋଗଦେଇଥିଲେ।

# କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୯।୧(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, କମିଟି ସମ୍ପାଦକ ବେଦବ୍ୟାସ ନାଗ, କଣ୍ଟାବାଞ୍ଜି ଏନ୍‌ଏସି ଚେୟାରମ୍ୟାନ୍ ବରିୟାମ୍ ସିଂ ସାଲୁଜା ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ, ଢେମ୍‌ସା ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅର୍ଚ୍ଚନା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବରେ ମଧ୍ୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ବିଧାୟକ ଲକ୍ଷ୍ମଣ ବାଗ୍ ଯୋଗଦେଇଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଲୋକନୃତ୍ୟ, ସଙ୍ଗୀତରେ ଦୁଲୁକିଲା ମଞ୍ଚ

**ବଲାଙ୍ଗୀର,୯।୧(ବୀରେନ୍ଦ୍ର କୁମାର ଝାଙ୍କର)**

**ପୁଇଁନ୍ତଲା ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ**

ପୁଇଁନ୍ତଲା ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ବ୍ଲକ୍ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ପୁଇଁନ୍ତଲା ତହସିଲଦାର ଶିବଦତ୍ତ ମିଶ୍ର, ରାଜକିଶୋର ନାଏକ, ଜିଲା ପରିଷଦ ସଦସ୍ୟ କୁମରମଣି ସେଠ୍, ତରଣୀସେନ୍ ଦୀପ, ବରିଷ୍ଠ କଳାକାର ପଞ୍ଚାନନ ସେଠ୍, ନବୀନ ବେହେରା ଯୋଗଦେଇଥିଲେ। ଏହି ମଞ୍ଚରେ କଳା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗବେଷକ ନୀଳାଞ୍ଚଳ ନନ୍ଦ, କଳାକାର ପଞ୍ଚାନନ୍ ସେଠ୍, ଜପ ମୁଗ୍ରୀ ଏବଂ ସୁଶ୍ରୀତା ଗରୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ଦିଲୀପ ଦୀପ, ଶିବ ସାହୁ, ପ୍ରକାଶ ଥନାପତି, ଜପ ମୁଗ୍ରୀ, ତରଣୀସେନ୍ ଦୀପ, ଗୀତାଞ୍ଜଳି କୁଦେଇ, ସୁମି ଭୋଇ, ଅଶୋକ ଦୀପ, ଦୁର୍ବାଦଳ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲୋକନୃତ୍ୟ, ଲୋକଗୀତ, ଲୋକନାଟକ କ୍ଷେତ୍ରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବର ଶ୍ରେଷ୍ଠ ଦଳ ଏବଂ କଳାକାର ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ ପାଇଁ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୁଇଁନ୍ତଲା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଏବଂ ଗ୍ରାମାଞ୍ଚଳରୁ ଆସିଥିବା କଳାକାରମାନେ ଲୋକକଳା ପରିବେଷଣ କରିଥିଲେ।


ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବରେ ପରିବେଷିତ ଲୋକନୃତ୍ୟ।

# ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବରେ କଳାକାରଙ୍କୁ ଅଣଦେଖା

**ପାଟଣାଗଡ଼,୯।୧(ସଚ୍ଚିଦାନନ୍ଦ ମହାକୁର)**



ଲୋକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।


ଉତ୍ସବ ସ୍ଥଳରେ ଚୌକି ଫାଙ୍କା ପଡ଼ିଛି।

- ସାଜସଜ୍ଜା ପାଇଁ ହୋଇ ନ ଥିଲା ବ୍ୟବସ୍ଥା, ଚୌକି ଫାଙ୍କା
- ଗଛତଳେ ଚାଲିଥିଲା ରୋଷେଇ
- ନ ଖାଇ ଘରକୁ ଫେରିଲେ କଳାକାର

ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ଏବଂ ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ସରକାର ବ୍ଲକ୍ ତଥା ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ ଆୟୋଜନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସ୍ଥାନରେ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁ ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏପରି କି ଲୋକ ଉତ୍ସବ ଆୟୋଜନ କରାଗଲେ ମଧ୍ୟ କଳାକାରଙ୍କୁ ଅଣଦେଖା କରାଯାଉଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ସ୍ଥଳରେ। ଅବ୍ୟବସ୍ଥାକୁ ନେଇ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପାଟଣାଗଡ଼ ବ୍ଲକ୍ ପରିସରରେ ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଡିଓ ସୁମନ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ନିଲକାନ୍ତ ବାଗ, ମୁଖ୍ୟବକ୍ତା ନାଟ୍ୟଗୁରୁ ବିନୋଦ ବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ତହସିଲଦାର ରୁଦ୍ରମୋହନ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ବ୍ଲକ୍ କଳା ସଂସ୍କୃତି ସଂଘ ଉପସଭାପତି ମନୋଜ ବାଗ୍ ଯୋଗଦେଇଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଏକକ, ଦଳୀୟ ଲୋକ ସଙ୍ଗୀତ, ରାମଲୀଳା, ଦୁଲ୍‌ଦୁଲି, ଘୁଡକା, ସଙ୍କୀର୍ତ୍ତନ, ଘୁମୁରା ନୃତ୍ୟ କଳାକାରମାନେ ପରିବେଷଣ କରିଥିଲେ। ଜନ୍‌ସନ ନାଗ୍, ଦୀପ୍ତି ପ୍ରକାଶ ଦାସ, ରାଘବ ବର୍ଗତ୍ତି, ସାନ୍ତୁନୁ ସାହୁ, କ୍ଷୀରୋଦ୍ର କୁମାର ସାହୁ, ଭରତ ବାଗ୍ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଅପରପକ୍ଷରେ ବ୍ଲକ୍ ପ୍ରଶାସନର ପ୍ରଚାର ପ୍ରସାର ଅଭାବ ଓ ଖାମଖିଆଲି ମନୋଭାବ ଯୋଗୁ ଗ୍ରାମାଞ୍ଚଳରେ ଥିବା କଳାକାରମାନେ ଏହି ଉତ୍ସବରେ ଯୋଗଦେଇ ପାରି ନ ଥିଲେ। ଫଳରେ ଉତ୍ସବ ସ୍ଥଳରେ ଚୌକି ଫାଙ୍କା ପଡିଥିଲା। ସେହିପରି ଉକ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଏହି ଉତ୍ସବକୁ ଆସିଥିବା କଳାକାରଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। କଳାକାରଙ୍କ ପାଇଁ ସାଜସଜ୍ଜାର ସୁବ୍ୟବସ୍ଥା ନ ଥିଲା। ଫଳରେ ଅନେକ କଳାକାର ଗଛତଳେ, ଛାତ ଉପରେ, ଗାଡ଼ି ରଖିବା ସ୍ଥାନ, ଭଙ୍ଗା କୋଠରିରେ ସାଜସଜ୍ଜା ହେଉଥିବା ଦେଖିବାକୁ ମିଳିଥିଲା। ବିଶେଷକରି ମହିଳା କଳାକାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କଳାକାରଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ହେଲେ ଖୋଲା ପରିବେଶ ତଥା ଗଛତଳେ ଅବ୍ୟବସ୍ଥା ଭିତରେ ଖାଦ୍ୟ ପ୍ରସ୍ତୁତ ହୋଇଥିବାରୁ ଅନେକ କଳାକାର ନ ଖାଇ ଘରକୁ ଫେରିଯାଇଥିଲେ। ଏପରି କି ଉତ୍ସବ ସ୍ଥଳରେ ପାନୀୟ ଜଳ ବ୍ୟବସ୍ଥା ହୋଇ ନ ଥିବା କେତେଜଣ କଳାକାର ପରିଚୟ ଗୋପନ ରଖି କହିଛନ୍ତି। ପ୍ରଚାର ପ୍ରସାର ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଥିବାରୁ ସେମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ କଳାକାରମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୁମନ ମିଞ୍ଜଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ।

# ୪୮୭ ଚାଷୀଙ୍କୁ ମିଳିଲା ନୂଆ ଟୋକନ୍

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)


ରାଇସ୍ ମିଲରେ ପହଞ୍ଚିଛି ଧାନ ବୋଝେଇ ଗାଡ଼ି।

କୌଣସି କାରଣ ବଶତଃ ଟୋକନ ପାଇ ନ ଥିବା ପ୍ରାୟ ୪୮୭ ଜଣ ନୂତନ ଚାଷୀଙ୍କୁ ଟୋକନ୍ ମିଳିଛି। ଗୁରୁବାର ୮୯ ଜଣ ଚାଷୀଙ୍କୁ ଟୋକନ ମିଳିଥିବା ବେଳେ ଶୁକ୍ରବାର ଆଉ ୩୯୮ ନୂତନ ଚାଷୀଙ୍କୁ ଟୋକନ ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲାର ଚାଷୀଙ୍କୁ ୭୫,୩୩୫ଟି ଟୋକନ ବଣ୍ଟନ ହୋଇ ସାରିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାସହ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ଭାବେ ଚାଲିଛି। ଜାନୁଆରୀ ୬ ତାରିଖ ମଙ୍ଗଳବାର ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଗତ ୨ଦିନ ଧାନ ସଂଗ୍ରହ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ମିଲର୍ସ ସଂଘ ଆନ୍ଦୋଳନରୁ ଓହରିବା ପରେ ଗୁରୁବାର ଠାରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ପୁନର୍ବାର ସ୍ୱାଭାବିକ ଅବସ୍ଥାକୁ ଫେରିଛି। ବର୍ତ୍ତମାନ ସମ୍ବଲପୁର ଜିଲାରେ କାଁ ଭାଁ କେତେକ ସ୍ଥାନକୁ ଛାଡ଼ି ଅନ୍ୟ ସମସ୍ତ ଅଞ୍ଚଳରେ ମୋଟାମୋଟି ଭାବେ ଧାନ ସଂଗ୍ରହ ସୁରୁଖୁରୁରେ ଚାଲିଛି। ଯୋଗାଣ ବିଭାଗ

## ଜିଲାରେ ସ୍ୱାଭାବିକ ଭାବେ ଚାଲିଛି ଧାନ ସଂଗ୍ରହ ପ୍ରକ୍ରିୟା

ପକ୍ଷରୁ ହସ୍ତଗତ ଏକ ତଥ୍ୟ ଅନୁସାରେ, ମିଲର୍ସ ଆନ୍ଦୋଳନ ସ୍ଥଗିତ ହେବା ପରେ ଗୁରୁବାର ଓ ଶୁକ୍ରବାର ୨ଦିନରେ ଜିଲାରେ ୧ ଲକ୍ଷ ୮୪ ହଜାର ୧୯୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଫଳରେ ଜିଲାର ମୋଟ୍ ଧାନ ସଂଗ୍ରହ ପରିମାଣ ୨୫ ଲକ୍ଷ, ୪୯ ହଜାର ୭୭୭ରେ ପହଞ୍ଚିଛି। ଯାହା ବର୍ତ୍ତମାନ ସୁଦ୍ଧା ଜିଲାକୁ ମିଳିଥିବା ଟାର୍ଗେଟ୍ ୩୦ ଲକ୍ଷ ୧୪ ହଜାର ୬୯୦ କୁଇଣ୍ଟାଲର ପ୍ରାୟ ୮୪ ପ୍ରତିଶତରୁ ଅଧିକ। ଧାନ ବିକ୍ରି ବାବଦକୁ ଏପର୍ଯ୍ୟନ୍ତ ଜିଲାର ମୋଟ ୪୬,୪୧୦ ଜଣ ଚାଷୀଙ୍କ ଜମାଖାତାରେ ମୋଟ୍ ୫୩୨ କୋଟି ୯୮ ଲକ୍ଷ ୮୩ ହଜାର ୦୭୫ ଟଙ୍କା ଜମା ହୋଇ ସାରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିସିଏସ୍ଓ) ସୁବୋଧ ହୋତା କହିଛନ୍ତି ଯେ, ବର୍ତ୍ତମାନ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ତେବେ ଆଗକୁ ଧାନ ବିକ୍ରି ପାଇଁ ଟୋକନ ପାଇ ନ ଥିବା ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ଖୁବ ଶୀଘ୍ର ଟୋକନ ମିଳିଯିବ। ତେଣୁ ସେମାନଙ୍କ ଧାନ ବିକ୍ରୟ ନେଇ ଜିଲାର କୌଣସି ଚାଷୀ କୌଣସି ପ୍ରକାର ଦ୍ୱିଧା ବା ଆଶଙ୍କାରେ ରହିବା ଅନୁଚିତ ବୋଲି କହିଛନ୍ତି ସିସିଏସ୍ଓ ହୋତା।

# ଏସବିଆଇ ଦ୍ୱାରା ଛାତ୍ରୀଙ୍କୁ ସାଇକେଲ ବିତରଣ


ସାଇକେଲ ବିତରଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

ସମ୍ବଲପୁର,୯।୧(ବି.ଶଙ୍କର)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ଭୁବନେଶ୍ୱର ସର୍କଲ ପକ୍ଷରୁ ସମ୍ବଲପୁର ଜିଲା ବଡେମୁରା ଗୋକୁଳାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ସାଇକଲ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ଶିକ୍ଷାକୁ ଉତ୍ସାହିତ କରିବା ଓ ସୁରକ୍ଷିତ ଯାତାୟାତ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ବଡେମୁରାର ୪୮ ଜଣ ଛାତ୍ରୀଙ୍କୁ ସାଇକେଲ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସବିଆଇ ଭୁବନେଶ୍ୱର ସର୍କଲ ମହାପ୍ରବନ୍ଧକ କୌଶଳ କିଶୋର ସିଂହ ଉପସ୍ଥିତ ରହି ୪୮ ଜଣ ଛାତ୍ରୀଙ୍କୁ ସାଇକଲ ବିତରଣ କରିବା ସହ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସବିଆଇ ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ସମ୍ବଲପୁର ଆଞ୍ଚଳିକ ପ୍ରବନ୍ଧକ ଏମ ରଞ୍ଜନ ପ୍ରଧାନ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଦେବ କିଶୋର ନାୟକ, ମାନବ ସମ୍ବଳ ପ୍ରବନ୍ଧକ ବିଜୟ ଲକ୍ଷ୍ମୀ ମହାପାତ୍ର, ମାଳତୀଗଣ୍ଡରପୁର ଶାଖା ପ୍ରବନ୍ଧକ ହରପ୍ରିୟା ନାୟକ, ସମ୍ବଲପୁର କ୍ଷେତ୍ରୀୟ ସେବା ସମ୍ପାଦକ ତାପସ ରଞ୍ଜନ ହାଓ ଏବଂ ମନୋଜ କୁମାର ବିଶି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଗୋକୁଳାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ରାନୀ ମିଶ୍ର ଏସବିଆଇର ଏହି ପଦକ୍ଷେପକୁ ପ୍ରସଂଶା କରିବା ସହିତ ଆଗାମୀ ଦିନରେ ଏହି ଭଳି ପ୍ରୟାସ ଜାରି ରଖିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ ସିଂହ କହିଥିଲେ ଯେ, ଶିକ୍ଷା ହେଉଛି ସମାଜର ମୂଳ ଆଧାର। ଗ୍ରାମୀଣ ଓ ଅନୁନ୍ନତ ଅଞ୍ଚଳର ଛାତ୍ରୀଙ୍କୁ ସୁବିଧା ଯୋଗାଇବା ଏସବିଆଇର ସାମାଜିକ ଦାୟିତ୍ୱ। ଏହି ସାଇକେଲଗୁଡିକ ଛାତ୍ରୀମାନଙ୍କର ନିୟମିତ ବିଦ୍ୟାଳୟ ଯାତ୍ରାକୁ ସହଜ କରିବା ସହିତ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଉପମହାପ୍ରବନ୍ଧକ ଓ ଆଞ୍ଚଳିକ ପ୍ରବନ୍ଧକ ଆଗାମୀ ଦିନରେ ମଧ୍ୟ ଏହିଭଳି କାର୍ଯ୍ୟ ଜାରି ରହିବ ବୋଲି କହିଥିଲେ।


କଳାଜୀବୀ ଅନୁଷ୍ଠାନର କଳାକାରମାନେ

# ୩ ଆଇଆଇସିଙ୍କ ବଦଳି

ଝାରସୁଗୁଡ଼ା,୯।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ଲଇକେରା, ବଡ଼ମାଳ, ବେଲପାହାଡ଼ ଥାନାରେ କାର୍ଯ୍ୟରତ ଥିବା ୩ ଆଇଆଇସିଙ୍କ ବଦଳି ନିର୍ଦ୍ଦେଶ ଜିଲା ପୋଲିସ କାର୍ଯ୍ୟାଳୟରୁ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ପୋଲିସ କାର୍ଯ୍ୟାଳୟର ଆଦେଶ ଅନୁଯାୟୀ ବଡ଼ମାଳ ଆଇଆଇସି ରାଜେନ୍ଦ୍ର ସିଆଲଙ୍କୁ ଡିଏସ୍‌ପି ପଦୋନ୍ନତି ମିଳିଥିବା ବେଳେ, ତାଙ୍କୁ ସୁନ୍ଦରଗଡ଼ ଜିଲାକୁ ଡିଏସ୍‌ପି ଭାବରେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଲଇକେରା ଆଇଆଇସି ଦିଲ୍ଲୀପ ବେହେରାଙ୍କୁ ବଡ଼ମାଳ ଥାନାକୁ ବଦଳି ହୋଇଛି। ସେହିପରି ଲଇକେରା ଥାନାକୁ ବେଲପାହାଡ଼ ଆଇଆଇସି କୃଷ୍ଣଚନ୍ଦ୍ର ମେହେରଙ୍କୁ ବଦଳି ହୋଇଥିବା ବେଳେ ବ୍ରଜରାଜନଗରର ବିକାଶ କଲେତଙ୍କୁ ବେଲପାହାଡ଼ ଥାନା ଆଇଆଇସି ଭାବରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଗଣତନ୍ତ୍ର ଦିବସରେ ରାଜପଥରେ ପ୍ରଦର୍ଶନ ହେବ ସମ୍ବଲପୁରୀ ନୃତ୍ୟ

ସମ୍ବଲପୁର,୯।୧(ଭବାନୀ ଶଙ୍କର ଭୋଇ)

ଚଳିତବର୍ଷ ଗଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ ହେବ। ବରଗଡର କଳାଜୀବୀ ଅନୁଷ୍ଠାନକୁ ଚଳିତବର୍ଷ ଦିଲ୍ଲୀ ପରେଡରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପରିବେଷଣର ସୁଯୋଗ ମିଳିଛି। ତେବେ କଳାଜୀବୀର ସମ୍ପାଦକ ଦିଲୀପ ସାହୁଙ୍କୁ ନୃତ୍ୟ ନିର୍ଦ୍ଦେଶନାରେ, ସମ୍ବଲପୁରର ଲୋକଗାୟିକା ତଥା ନୃତ୍ୟାଙ୍ଗନା ପଦ୍ମଶ୍ରୀ ଖଟେଇ ସାଂସ୍କୃତିକ କାର୍ଯ୍ୟକ୍ରମର ନେତୃତ୍ୱ ନେବେ। ଏହି ଦଳରେ ଭୟ ବରଗଡ ଏବଂ ସମ୍ବଲପୁର ଜିଲାର କଳାକାରମାନେ ରହିଛନ୍ତି। କଳାଜୀବୀ ଦଳ ବର୍ତ୍ତମାନ ଦିଲ୍ଲୀ ଅଭିମୁଖେ ବାହାରି ସାରିଥିବା ବେଳେ କେତେଜଣ କଳାକାର ସମ୍ବଲପୁର ଭତରାରେ ଅଭ୍ୟାସ କରୁଥିବା ପଦ୍ମଶ୍ରୀ କହିଛନ୍ତି। ଆସନ୍ତା ୧୦ ତାରିଖରୁ ୧୫ ଜଣିଆ ଦଳର କଳାକାର ଦିଲ୍ଲୀରେ ଅଭ୍ୟାସ ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀରେ ସମ୍ବଲପୁରୀ ନୃତ୍ୟ ସହ ସଂସ୍କୃତିକୁ କିଭଳି ପ୍ରଦର୍ଶନ କରାଯାଇ ପାରିବ ସେନେଇ ଚେଷ୍ଟା କରାଯିବ ବୋଲି ପଦ୍ମଶ୍ରୀ କହିଛନ୍ତି। ସମ୍ବଲପୁରୀ ବଜା ସହ ଅଳଙ୍କାର ଏବଂ ବାଦ୍ୟ ଦର୍ଶକ ମାନଙ୍କୁ ଆକର୍ଷିତ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଝାରସୁଗୁଡ଼ାରେ ତାପମାତ୍ରା ୪. ୬ ଡିଗ୍ରୀ

## ୭୨ ବର୍ଷର ରେକର୍ଡ ଭାଙ୍ଗିଲା

ଝାରସୁଗୁଡା,୯।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ପ୍ରବଳ ଶୀତ ଲହରୀ ଜାରୀ ରହିଥିବା ବେଳେ ଗୁରୁବାର ରାତିରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀକୁ ଖସି ଗତ ୭୨ ବର୍ଷର ରେକର୍ଡ ଭାଙ୍ଗିଛି। ପାଣିପାଗ ବିଭାଗ ସୂଚନା ଅନୁସାରେ, ଗତ ଏକ ସପ୍ତାହ ହେବ ଝାରସୁଗୁଡ଼ା ଜିଲାରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀରୁ ଉପରକୁ ଯାଉ ନ ଥିବା ବେଳେ ଗୁରୁବାର ରାତିରେ ତାପମାତ୍ରା ହ୍ରାସ ପାଇଥିଲା। ଫଳରେ ପ୍ରବଳ ଥଣ୍ଡା ଦ୍ୱାରା ଜିଲାରେ ସାଧାରଣ ଜୀବନ ଯାପନ ବହୁ ମାତ୍ରାରେ ପ୍ରଭାବିତ ହେବା ସାଙ୍ଗକୁ ଶୀତ ପ୍ରଭାବରେ ବ୍ରଜରାଜନଗର ଅଞ୍ଚଳର ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ସୂଚନା ମିଳିଛି। ରାତି ପ୍ରାୟ ୯ଟା ବେଳକୁ ଝାରସୁଗୁଡ଼ା ସହରର ରାସ୍ତା ପ୍ରାୟ ଖାଲି ହୋଇଯାଉଥିବା ବେଳେ ସକାଳ ୯ଟା ପରେ ଦୋକାନ ବଜାର ଗୁଡିକ ଖୋଲୁଛି। ଏହି ଶୀତ ଲହରୀ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରହିବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ମିଳୁଛି।

# ମଣ୍ଡି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ


ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଦାବିପତ୍ର ଗ୍ରହଣ କରୁଛନ୍ତି।

କୁଚିଣ୍ଡା,୯।୧(ବିରଞ୍ଚି ଦର୍ଢ଼ା)

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀ ସଙ୍ଗଠନର ଦାବିପତ୍ର

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଧାନ ମଣ୍ଡି ସମସ୍ୟା ଓ ଏହାର ସମାଧାନ ନେଇ ଶୁକ୍ରବାର ସମଲେଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚ(ଚାଷୀ ସଙ୍ଗଠନ)ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ଶୁଶିଲ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ କୁଣ୍ଡେଶ୍ୱର ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଶହଶହ ଚାଷୀଙ୍କ ହଜାର ହଜାର ଧାନ ବସ୍ତା ପଡି ରହିଥିବା ବେଳେ ମଣ୍ଡିକୁ ମିଲର୍ସ ଆସୁନଥିବା,ଏ ପର୍ଯ୍ୟନ୍ତ ଅନେକ ଚାଷୀଙ୍କ ଟୋକନ ଆସି ନାହିଁ, ଏଦିଗରେ ପ୍ରଶାସନ କିମ୍ବା ସରକାର କୌଣସି ପଦକ୍ଷେପ ନେଉନାହାଁନ୍ତି। ତେଣୁ ମଣ୍ଡି ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡିରେ ପଡ଼ିଥିବା ଚାଷୀଙ୍କ କଷ୍ଟୋର୍ପାଜିତ ଧାନକୁ ତୁରନ୍ତ ଉଠାଯିବା, କଟନୀ ଛଟନି ବନ୍ଦ କରିବା, ଧାନ କୁଇଣ୍ଟାଲ ପ୍ରତି ବୋନସକୁ ମିଶାଇ ୩୧୬୯ ଟଙ୍କା ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲାପାଳ ସରୱନନ ସଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ। ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଦାରନାଥ ବରିହା,ବିକାଶ ପୃଷେଠ, ଲିଙ୍ଗରାଜ ବାଘ,କିଶୋର ଚନ୍ଦ୍ର କିଷାନ,ବିପ୍ରଚରଣ ବାଘ, ଲବଣୀଧର ନାଏକଙ୍କ ସମେତ ବହୁସଂଖ୍ୟକ ଚାଷୀ ସାମିଲ ହୋଇଥିଲେ।

# ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)


ଜିଏମ୍‌ୟୁରେ ରକ୍ତଦାନ ଶିବିରର ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ୟୁକୋ ବ୍ୟାଙ୍କ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଏମ୍‌ୟୁ ପରିସରରେ ୟୁକୋ ବ୍ୟାଙ୍କ, ବୁଢ଼ାରଜା ଶାଖା ଓ ଜିଏମ୍‌ୟୁ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଶିବିରକୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରି ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ତଥା ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ଛାତ୍ର, କର୍ମଚାରୀ ଓ ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ପୁନିତ ଫ୍ରାନ୍ସିସ୍ ତିର୍କୀ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶାଖା ପ୍ରବନ୍ଧକ ଶ୍ରୀକାନ୍ତ ଗୌଡ଼ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ମୀନକେତନ ବାଗ୍ ଓ ଡ. ନୀନା ଦାସଙ୍କ ସମେତ ୟୁକୋ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉଇଁଚା ଚାମ୍ପିୟନ, ମା' ଛଅଭାୟା କ୍ରିକେଟ ଟୁର୍ନାମେଣ୍ଟ

ନାକଟିଦେଉଳ,୯।୧(ବୈକୁଣ୍ଠନାଥ ସାହୁ)


ଅତିଥି ମାନଙ୍କ ସହ ବିଜେତା ଏବଂ ଉପବିଜେତା ଦଳର ଖେଳାଳିମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ଗ୍ରାମର ମା' ଛଅଭାୟା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୪ ତାରିଖଠାରୁ ଚାଲିଥିବା ଏମ୍‌ସିସିସି କପ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଉଇଁଚା ଏବଂ ରେଢ଼ାଖୋଲ ଚାରଭାଟି ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚରେ ଚାରଭାଟି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ଟି ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଉଇଁଚା ଦଳ ୩ ଉଇକେଟ ହରାଇ ୫୬ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଉଇଁଚାର ରଞ୍ଜିତ କୁମାର ଧଳଙ୍କୁ ଉଭୟ ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଟିଟୁ ସାହୁ ଏବଂ କୃତି ସୁନ୍ଦର ବେହେରା ପରିଚାଳନା କରିଥିଲେ। ମାନ ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥିଭାବେ ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ସମିତି ସଭ୍ୟ ଅମୂଲ୍ୟ କୁମାର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ ସାହୁ, ଉଇଁଚା ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ନଗଦ ରାଶି ସହିତ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ଟିକେଶ୍ୱର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ସିସି କ୍ଲବର ଉଦିତ ସାହୁ, ପପୁନ ସାହୁ, ସାଗର ସାହୁ, ଶାନ୍ତନୁ ବାଘ, ଶୁଭମ ସାହୁ ଏବଂ ରାଜେଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଉନ୍ନତ ସଂସ୍କୃତି ହିଁ ଉନ୍ନତ ଜାତିର ପରିଚୟ

ସମ୍ବଲପୁର,୯।୧(ବି.ଶଙ୍କର)



ଆଲୋଚନା ଚକ୍ରରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ଓଡ଼ିଶା ସାଂସ୍କୃତିକ ସମାଜ ଓ ଗାୟତ୍ରୀ ସନ୍ତୋଷ ଟ୍ରଷ୍ଟ ଆନୁକୂଲ୍ୟରେ ପିଏମ୍‌ଶ୍ରୀ ଶାସନ ନୋଡାଲ ହାଇସ୍କୁଲଠାରେ ଶୁକ୍ରବାର ଆମ ସଂସ୍କୃତି ଆମ ଇତିହାସ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଉଚ୍ଚ ହେବା ପାଇଁ ନିଜ ଭାଷା, ସଂସ୍କୃତି ତଥା ଇତିହାସକୁ ଅଧ୍ୟୟନ କରି ପରିଚିତ ହେବାକୁ ଡ. ଦାନୀ ଆହ୍ୱାନ ଦେଇଥିଲେ। ପିଏମ୍‌ଶ୍ରୀ ଶାସନ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏଥିସହ ଆମ ସଂସ୍କୃତି ଆମ ଇତିହାସ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଆଗାମୀ ପିଢ଼ିକୁ ସଚେତନ କରିବା ପାଇଁ ଏପରି ଆଲୋଚନା ଚକ୍ର ଆୟୋଜିତ

## ଆମ ସଂସ୍କୃତି ଆମ ଇତିହାସ ଆଲୋଚନା ଚକ୍ର

ହେଉଛି ବୋଲି ଅଭିହିତ କରିଥିଲେ। ଟ୍ରଷ୍ଟ ସଭାପତି ଡ. ସନ୍ତୋଷ କୁମାର ଦାଶ ନିଜ ସଂସ୍କୃତି ଓ ଇତିହାସ ପାଇଁ ନିଜେ ଗର୍ବିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଲେଖକ ହୃଷୀକେଶ ପୁରୋହିତ କହିଥିଲେ ଯେ, ଉନ୍ନତ ସଂସ୍କୃତି ହିଁ ଉନ୍ନତ ଜାତିର ପରିଚୟ ଦେଇଥାଏ। ତେଣୁ ସମସ୍ତେ ନିଜ ସଂସ୍କୃତିକୁ ବଞ୍ଚାଇବାକୁ କାର୍ଯ୍ୟ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସଭ୍ୟ ସୂର୍ଯ୍ୟ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ରମାନେ ସ୍ୱାଭିମାନୀ ହୋଇ ନିଜ ଲକ୍ଷ୍ୟ ରଖିବା ଉଚିତ ବୋଲି ଅଭିହିତ କରିଥିଲେ। ରାମାନୁଜ ପଣ୍ଡା ଛାତ୍ରୀଛାତ୍ରଙ୍କୁ ସୃଜନଶୀଳତା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଏଥିରେ ସୁଶ୍ରୀ ଅନୁଷ୍କା ପାଢ଼ୀ ପ୍ରଥମ, ଦେବାଂଶୁ ଗଡ୍ଡଆ ଦ୍ୱିତୀୟ ଓ କାହ୍ନା ପାତ୍ର ତୃତୀୟ ସ୍ଥାନ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଧରାପଡ଼ିଲା ୬.୨୭ କୋଟିର ସାଇବର ଠକେଇ

■୫ ଅଭିଯୁକ୍ତ ଗିରଫ, ୧୦ ଜଣଙ୍କୁ ନୋଟିସ

■ବିଦେଶକୁ ଲମ୍ବିଛି ଅର୍ଥ କାରବାର ଲିଙ୍କ୍

ଫୁଲବାଣୀ,୯।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ସାଇବର ଥାନା ପୋଲିସ ବଡ଼ଧରଣର ସାଇବର ଅପରାଧର ପର୍ଦ୍ଦାଫାଶ କରିଛି । ଜିଲାର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟରେ ହୋଇଥିବା ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର ଠକେଇ ଧରାପଡିଛି । ଏହି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମାଷ୍ଟରମାଇଣ୍ଡ ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅନ୍ତର୍ଗତ କାଲଟିଆର ତୁଷାରକାନ୍ତି ଦାସ, ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ଏଥିସହ ୧୦ ଆକାଉଣ୍ଟଧାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୟୁ/ଏସ୍ ୩୫ରେ ନୋଟିସ ଜାରି କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ଏଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରଛନ୍ତି।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କ୍ରାଇମବ୍ରାଞ୍ଚ ସିଆଇଡି ପକ୍ଷରୁ କନ୍ଧମାଳ ଜିଲା ସାଇବର ସେଲକୁ ଫୁଲବାଣୀରେ ଥିବା ଏକାଧିକ ବ୍ୟାଙ୍କରେ ସାଇବର ଠକେଇ ହେଉଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହାକୁ କନ୍ଧମାଳ ଏସ୍‌ପି ହରିଶ ବିଶି ଗୁରୁତ୍ୱର ସହ ନେଇ ଏଏସ୍‌ପି ରମେନ୍ଦ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ତଦନ୍ତ ବେଳେ ସମସ୍ତ ଆକାଉଣ୍ଟ ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ନାମରେ ଥିବା ଜଣାପଡ଼ିଥିଲା । ସେମାନଙ୍କୁ ପଚରାଉଚରା କରିବାରୁ ଆକାଉଣ୍ଟ ଖୋଲିଥିବା କେତେଜଣ ଯୁବକଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଆକାଉଣ୍ଟ ଟ୍ରାଞ୍ଜାକଶନ ଏବଂ ଫୋନ କଲକୁ ଆଧାର କରି ପୋଲିସ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତିଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା । ଏହି ଘଟଣାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ତୁଷାରକାନ୍ତି ଏକ ହ୍ୱାଟସ୍‌ଆପ ଗ୍ରୁପ୍ କରି ସମ୍ପୃକ୍ତ ଯୁବକଙ୍କୁ ସେଭିଂ ଆକାଉଣ୍ଟ ଖୋଲିଲେ କମିଶନ ବାବଦରେ ୫ ହଜାର ଏବଂ କର୍ପୋରେଟ ଆକାଉଣ୍ଟ ଖୋଲିଲେ ୫୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଉଥିଲେ । ଯୁବକମାନେ ସାଇବର ଅପରାଧ ଉପରେ ଅବଗତ ଥିଲେ । ତେଣୁ ସେମାନେ ଆକାଉଣ୍ଟଧାରୀଙ୍କ ପାସ୍ ବୁକ, ଏଟିଏମ୍, ନେଟ ବ୍ୟାଙ୍କିଂ ଏବଂ ସିମ୍ କାର୍ଡ ମାସକ ପାଇଁ ଦେବାକୁ କହି ଆଣୁଥିଲେ । କିନ୍ତୁ ପରେ ଫେରାଉ ନ ଥିଲେ । ସିଆଇଡି ପକ୍ଷରୁ ଖବର ମିଳିବା ପରେ ତଦନ୍ତକୁ ଜୋରଦାର କରାଯାଇଥିଲା। ଫୁଲବାଣୀରେ ୧୬ଟି ଆକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଥିଲା । ଦେଶ ଏବଂ ବିଦେଶରେ ଏହି ଠକେଇର ଲିଙ୍କ ଥିବା ସହ ଅର୍ଥ କାରବାର ହୋଇଛି । ସମସ୍ତ ଆକାଉଣ୍ଟକୁ ଅଚଳ କରାଯାଇଛି । ତୁଷାରକାନ୍ତିଙ୍କ ଲିଙ୍କରେ ଥିବା ଅନ୍ୟ ସାଇବର ଅପରାଧୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଏଏସପି ରମେନ୍ଦ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ କେ.ଶ୍ରୀନିବାସୁଲ, ଫୁଲବାଣୀ ସାଇବର ଥାନାଧିକାରୀ ଗେହ୍ଲି କୁମାରୀ ଉପସ୍ଥିତ ଥିଲେ।

# ୬୮ ଗ୍ରାମ୍ ବ୍ରାଉନସୁଗାର ଜବତ

## ଜେଲ ଗଲେ ଦମ୍ପତି

ବାଲେଶ୍ୱର, ୯।୧(ବାଞ୍ଛାନିଧି ଦେ)


ଜବତ ବ୍ରାଉନସୁଗାର ସହ ଗିରଫ ଦମ୍ପତି।

ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଶୁକ୍ରବାର ଅରଡ଼ବଜାର ଅଞ୍ଚଳର ଗଉଡ଼ସାହି ନିକଟରେ ଚଢାଉ କରି ବ୍ରାଉନସୁଗାର କାରବାର କରୁଥିବା ବେପାରୀ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଗଳାପୋଲ ଅଞ୍ଚଳର ସେକ୍ ସାହିଦ (୩୪) ଓ ତାଙ୍କ ସ୍ତ୍ରୀ ମମତା ସୋରେନ। ସେମାନଙ୍କ ନିକଟରୁ ୬୮ ଗ୍ରାମ୍ ବ୍ରାଉନସୁଗାର ସହ ବୁଲେଟ୍ (ନଂ. ଓଡ଼ି୦୧ବିଇ-୬୮୯୧) ଓ ଏକ ସ୍ମାର୍ଟଫୋନ୍ ଜବତ ହୋଇଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୧୪/୨୬) ରୁଜୁ କରି ପୋଲିସ ଗିରଫ ସ୍ୱାମୀ, ସ୍ତ୍ରୀଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦମ୍ପତି ଅରଡ଼ବଜାର ଅଞ୍ଚଳର ଗଉଡ଼ସାହିସ୍ଥିତ ଏକ ପରିତ୍ୟକ୍ତ ଘର ନିକଟରେ ଗ୍ରାହକମାନଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ଖବର ଥିଲା। ଆଇଆଇସି ବିରଞ୍ଚି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ଉଭୟଙ୍କୁ ଗିରଫ ସହ ବ୍ରାଉନସୁଗାର ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ସହଦେବଖୁଣ୍ଟା ଥାନା ଓ ଏସ୍‌ଟିଏଫ୍‌ରେ ପୂର୍ବରୁ ବହୁ ମାମଲା ଥିବା ପୋଲିସ କହିଛି। ଦମ୍ପତିଙ୍କ ସହ ଦୁଇମାସର ଶିଶୁକନ୍ୟା ରହିଛି।

# ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବଈଣ୍ଡା, ୯।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଘରୁ ଅପହରଣ କରିନେଇ ଉକ୍ତ ଅଞ୍ଚଳର ବୀରେନ ପ୍ରଧାନ ବଳାତ୍କାର କରିଥିବା ଗୁରୁବାର ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବିବାହ ପୂର୍ବରୁ ସମ୍ପୃକ୍ତା ମହିଳାଙ୍କ ସହ ବୀରେନଙ୍କ ପ୍ରେମ ସମ୍ପର୍କ ରହିଥିଲା। ତେବେ ମହିଳାଙ୍କ ଘରକୁ ଯାଇ ବୀରେନ ତାଙ୍କୁ ସେଠାରୁ ଅପହରଣ କରିନେଇ ବଳାତ୍କାର କରିଥିବା ମହିଳା ଜଣକ ଅଭିଯୋଗ ଉଲ୍ଲେଖ କରିଛନ୍ତି।

# ସାନବାପା ପୁଅକୁ ବଡ଼ବାପା ପୁଅ ହାଣିଦେଲେ

ରାୟଗଡ଼ା/ଅମ୍ବାଦଳା,୯।୧(ଆଶିଷ ରଞ୍ଜନ ପଣ୍ଡା/ରବୀନ୍ଦ୍ର ପଣ୍ଡା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଡ଼ବାପାଙ୍କ ପୁଅ ଟାଙ୍ଗିଆ ଚୋଟରେ ସାନବାପାଙ୍କ ପୁଅର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ବଡ଼ନାଗର୍ଝରି ଗ୍ରାମରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବଡ଼ନାଗର୍ଝରି ଗ୍ରାମର ବଡ଼ନୁନା କମ୍ବି । ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଅଭିଯୁକ୍ତ ବିଶ୍ୱମ୍ବର କମିଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାନବାପା ପୁଅ ବଡ଼ନୁନା ତାଙ୍କ କାନ୍ଦୁଲ ବାଡ଼ ରକ୍ଷଣାବେକ୍ଷଣ ପାଇଁ ଜମିକୁ ଯାଉଥିବାବେଳେ ପୂର୍ବରୁ ବଡ଼ବାପା ପୁଅ ବିଶ୍ୱମ୍ବର ତାଙ୍କ ଜମିରେ ଥିବା ଏକ ଜାମୁକୋଳି ଗଛ କାଟୁଥିବା ଦେଖିଥିଲେ । ଏତେ ବଡ଼ ଗଛ କାହିଁକି କାଟି ଦେଉଛ ବୋଲି ବଡନୁନା ବିଶ୍ୱମ୍ବରକୁ ପଚାରିବାରୁ ସେ ଗଛରୁ ଓହ୍ଲାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଗଛ କଟାକୁ ନେଇ ବଚସା ହେବା ପରେ ବିଶ୍ୱମ୍ବର ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଟାଙ୍ଗିଆରେ ବଡନୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଡ଼ନୁନାଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବଡ଼ନୁନାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ କାନ୍ଦୁଲ ବାଡ଼ରେ ଅପେକ୍ଷା କରିଥିବାବେଳେ ସେ ନ ପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିଥିଲେ। ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ । ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। ଏ ନେଇ ଅମ୍ବାଦଳା ଥାନାରେ କେସ୍ ନ. ୫/୨୬ରେ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି। ପୋଲିସ ହତ୍ୟାକାରୀ ବିଶ୍ୱମ୍ବରଙ୍କୁ ଗିରଫ କରିଥିବାବେଳେ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି।

# ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା

## ଥାନାରେ ଆତ୍ମ ସମର୍ପଣକଲେ ବାପା

ଠାକୁରମୁଣ୍ଡା,୯।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଭରାଣ୍ଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା କରିବାପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା। ମୃତକ ହେଲେ ତପନ ବାଈଁଶିଆ (୩୫)। ଏନେଇ ପୋଲିସ ଏକ ମାମଲା(ନଂ.୭/୨୬) ରୁଜୁ କରି ଅଭିଯୁକ୍ତ ଅନାମ ବାଈଁଶିଆ (୬୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଅନାମ ଘର ସମ୍ମୁଖରେ ନିଆଁ ପୋଇଁ ହେଉଥିବା ବେଳେ ରାତି ପ୍ରାୟ ୮ଟା ସମୟରେ ପୁଅ ତପନ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ପାଖରେ ବସିଥିଲେ। କୌଣସି କଥାକୁ ନେଇ ବାପା ଅନାମଙ୍କ ସହିତ ଝଗଡ଼ା କରିବା ସହ ଗୋଇଠା ମାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅନାମ ଘରୁ ଏକ କୁରାଢ଼ି ଆଣି ପୁଅ ତପନଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ରାତି ପ୍ରାୟ ୯ଟା ସମୟରେ ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ।

# ଗୋଚାଲାଣରେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି

## ଟଙ୍କା ଦେଣନେଣକୁ ନେଇ ଅଡିଓ ଭାଇରାଲ

କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କାଳିଆହତା ପୋଲିସ ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ଗୋଚାଲାଣରେ ସମ୍ପୃକ୍ତି ଅଭିଯୋଗ ହେଉଛି। ଟଙ୍କା ଦେଣନେଣକୁ ନେଇ ସୋସିଆଲ ମିଡ଼ିଆରେ ଗୋଚାଲାଣକାରୀଙ୍କ ସହ କନ୍‌ଷ୍ଟେବଲଙ୍କ ଅଡିଓ ଭାଇରାଲ ହେଉଥିବାରୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଟଙ୍କା ଦେଣନେଣକୁ ନେଇ ଜଣେ ଦଲାଲଙ୍କ ସହିତ ଫାଣ୍ଡିର ଜଣେ କନଷ୍ଟେବଲ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିବା ଅଡିଓରୁ ଜଣାପଡୁଛି। କନଷ୍ଟେବଲ ଜଣକ ଦୀର୍ଘ ବର୍ଷ ହେଲା ଏଭଳି କାମ କରି ଆସୁଥିବା ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି। କେଉଁ ମାଫିଆ କେତେ ଟଙ୍କା ଦେଲା କେତେବେଳେ ଦେଲା ଅଡିଓରେ ସ୍ପଷ୍ଟ ଜଣାପଡୁଛି। ଅନ୍ୟପକ୍ଷେ ମାସେ ପୂର୍ବରୁ ଗୋ ଚାଲାଣରେ ପୋଲିସ ସମ୍ପୃକ୍ତିକୁ ନେଇ ତେଲକୋଇ ଥାନାର ଜଣେ କର୍ମଚାରୀ ଗିରଫ ହୋଇଥିଲେ। ଏବେ ତେଲକୋଇ ଥାନା ଅଧୀନ କାଳିଆହତା ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ସହିତ ଗୋଚାଲାଣକୁ ନେଇ ଅଡିଓ ଭାଇରାଲ ହେବା ଗୋଚାଲାଣରେ ପୋଲିସ ସମ୍ପୃକ୍ତିକୁ ସ୍ପଷ୍ଟ କରୁଛି। ଏ ନେଇ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ କହିଛନ୍ତି, ଅଡିଓ ଶୁଣିବା ପରେ ପଦକ୍ଷେପ ନିଆଯିବ।

# ଗୁଜରାଟରୁ ୫ ଅଭିଯୁକ୍ତ ଗିରଫ

## ତ୍ରିକୋଣୀୟ ପ୍ରେମରୁ ବବୁଲ ହତ୍ୟାକାଣ୍ଡ

ଭୁବନେଶ୍ୱର,୯।୧(ତ୍ରିନାଥ ମହାନ୍ତି)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଜିତେନ୍ଦ୍ର ଦାସ ଓରଫ ବବୁଲଙ୍କୁ ହତ୍ୟା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ରାଜା ରାୟ ଓରଫ ବେଙ୍ଗଲୀ ରାଜା, କାଳିଆ ମହାନ୍ତି, ସୁନିଲ ନାୟକ ଓରଫ ଚିନା, ରାଜେଶ ନାୟକ ଓରଫ ନଣ୍ଟୁ ଓ ରାଜେଶ ବେହେରା। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଆଗ୍ନେୟାସ୍ତ୍ର, କଟୁରୀ, ୪ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଥିବା ପୋଲିସ କମିଶନର ସୁରେଶ ଦବଦତ୍ତ ସିଂ ସୂଚନା ଦେବା ସହ ପୁରା ଘଟଣା ସମ୍ପର୍କରେ କହିଛନ୍ତି।


# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newlyopenhealthbenefits, joint pain relax good environment atmosphere. 7653969971. D-3035

AFFIDAVIT

By virtue of an affidavit sworn before the Executive Magistrate, Jagannathprasad, Ganjam, dated- 09.12.2025, I, Smt Saraswati Pradhan, W/o.- Laxman Pradhan, age- 47 year, Address: Village- Mentapur, P.O.- B.D Pur, P.S.- Jagannath Prasad and presently residing at Village/Post- B. D Pur, P.S.- Jagannath Prasad, in the district of Ganjam Odisha declare that I have changed my name from Smt Sarswati Pradhan to Smt Saraswati Pradhan. Henceforth, I shall be known as Smt Saraswati Pradhan for all purposes. D-3065

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

By virtue of an affidavit sworn before the Executive Magistrate, Panposh on Dtd.- 09.01.2026, I, Satyanarayan Mahanta, S/o.- Harekrushna Mahanta, Vill.- Sukhapali, P.O./P.S.- Lahunipada, Dist.- Sundargarh, Odisha- 770040 declare that name of my parents in some documents mentioned as Harekrishna Mahanta (Father), Lilmani Mahanta (Mother) instead of Harekrushna Mahanta (Father), Jira Mahanta (Mother) which is correct. Both name Harekrushna Mahanta (Father), Jira Mahanta (Mother) & Harekrishna Mahanta (Father), Lilmani Mahanta (Mother) is one and same person. D-3067

I, Manaranjan Malik, father of minor Mamita Malik of Village Jirakua, P.O.- Ramnabadi- 761151, P.S.- Surada. Hereby notify that through this affidavit filed before Executive Magistrate, Surada, Ganjam that my daughter's name has been changed to Mami Malik. All records, deeds and transactions should henceforth reflect her new name. Old Name: Mamita Malik, New Name: Mami Malik. Henceforth, she will be known as Mami Malik for all purposes.
Sd./- Manaranjan Malik
D-3068

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Batakrushna Mohanty, S/o.- Basanta Mohanty, resident of house No.- 56, Ward No.- 16, Village- Dhobapalli, Post- Baragam, P.S.- Kotinada, Aska, Dist.- Ganjam, PIN- 761111, State- Odisha declare by this affidavit No.- 1606, Dtd.- 01.11.2025 that now onwards I shall be known as BATAKRUSHNA BASANTA MOHANTY for all future purposes. D-3069

I, Jagadish Sethi, S/o.- Madan Sethi, Resident of Solagadia, P.O.- Majhigadia, P.S.- Kaptipada, Dist.- Mayurbhanj, PIN- 757106 declare by this affidavit No. 363 dtd.- 25.11.2025 that the name of my son mentioned earlier in various documents as AUROASHRITA SETHI has been changed to AUROASHRIT SETHI. Henceforth, the latter one willbe executed. D-3063

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ଓଁ ସାଇରାମ

୰ବନବାସିନୀ ମହାପାତ୍ର (ବୁଲୀ)
ଆବିର୍ଭାବ ୦୭/୧୨/୧୯୪୦
ତିରୋଧାନ ୩୧/୧୨/୨୦୨୫ (ପୌଷ ଦ୍ୱାଦଶୀ)
୧୭, ଗୌତମ ନଗର, ଭୁବନେଶ୍ୱର
ତୁମେ ଆମ ପାଇଁ ସବୁକିଛି । ସାରା ଜୀବନ ଆମ ସମସ୍ତଙ୍କ ଦାୟିତ୍ୱ ବୁଝି ବୁଝି ଶେଷରେ ଆମ ମାନଙ୍କୁ ଶୋକସାଗରରେ ଭସାଇଦେଇ ଅଫେରା ରାଇଜକୁ ଚାଲିଗଲ । ତୁମେ ବହୁତ ମନେ ପଡୁଛ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା । ସାଇରାମଙ୍କ ପାଦପଦ୍ମରେ ଥାଇ ଆମ ମାନଙ୍କୁ ସଦାସର୍ବଦା ଆଶୀର୍ବାଦ କରୁଥାଅ ।
ଶୋକସନ୍ତପ୍ତ: ବାପୁ, ଲାଡୁ, କୀଶୋର, ପୁଷ୍ପ, ରୀନା, ସରୋଜ, ବାବାଲୀ, ବିବେକ ଓ ରୁଣାଲୀ ଏବଂ ପରିବାରବର୍ଗ
ଧ-୩୦୭୦

ମନେ ପଡ଼ନ୍ତି

୰ ଭାରତୀ ତ୍ରିପାଠୀ
ସ୍ୱାମୀ: ସ୍ୱର୍ଗତ ଶରତ ଚନ୍ଦ୍ର ତ୍ରିପାଠୀ
(ଜ୍ୟୋତ୍ସ୍ନାପୁରୀ ଲାଇନ୍, ଲୋଚାପଡା ରୋଡ, ବ୍ରହ୍ମପୁର)
ଆବିର୍ଭାବ: ୦୬.୧୧.୧୯୪୪
ତିରାଧାନ: ୩୦.୧୨.୨୦୨୫
ଆଜି ଦ୍ୱାଦଶାହ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ଶୋକ ସନ୍ତପ୍ତ ପରିବାର: କୁନି, ଟୁନା, ରୁନା, ମିନି, ବଦ୍ରି, ଅର୍ଚ୍ଚନା, ନିବେଦିତା, ମଧୁସ୍ମିତା, ବିଜୟ ଏବଂ ନାତି ନାତୁଣୀ ବର୍ଗ ।
ଧ-୩୦୭୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତି
ବିଶିଷ୍ଟ ଶିକ୍ଷାବିତ
ଶାଳେଶ୍ୱର, ପାହଳ
ଆବିର୍ଭାବ- ୦୮।୦୫।୧୯୬୩
ତିରୋଧାନ- ୩୧।୧୨।୨୦୨୫
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ବନ୍ଧୁ ଜଗବନ୍ଧୁ ବିଦ୍ୟା ମନ୍ଦିର ପାହଳ, ଭୁବନେଶ୍ୱର
ଧ-୭୧୨୪୬

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବୀନ୍ଦ୍ରନାଥ ରଥ
ଭୁବନେଶ୍ୱର
ଆବିର୍ଭାବ- ୨୭।୦୯।୧୯୪୨
ତିରୋଧାନ- ୧୯।୦୧।୧୯୯୬
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୦୭୨

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ Bhubaneswar, Saturday, January 10/ 2026



କୋଲକାତାରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍ସି ନେତା ଓ କର୍ମୀଙ୍କ ସହ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

ପଲିଟିକାଲ କନ୍ସଲ୍ଟାନ୍ସି ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉକୁ ନେଇ କେନ୍ଦ୍ର ସହ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କୋଲକାତାରେ ବିକ୍ଷୋଭ ରାଲି କରିଛନ୍ତି। ସେପଟେ ନୂଆଦିଲ୍ଲୀରେ ମଧ୍ୟ ଡେରେକ୍ ଓ'ବ୍ରାଏନ୍ଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ଏମ୍ପିମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଶାହା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ଟିଏମ୍ସି ଏମ୍ପିମାନଙ୍କୁ ଦିଲ୍ଲୀ ପୋଲିସ ଘୋଷାଡ଼ି ନେଇ ଭ୍ୟାନ୍ରେ ବସାଇଥିଲା। ସେମାନଙ୍କୁ ଅଟକ ରଖାଯାଇଥିବାବେଳେ ପଶ୍ଚିମବଙ୍ଗ କେନ୍ଦ୍ରକୁ ଉଚିତ ଶିକ୍ଷା ଦେବ ବୋଲି ଟିଏମ୍ସି ସାଂସଦ ମହୁଆ ମୋଇତ୍ର କହିଛନ୍ତି। ମୋଟାମୋଟି ଭାବେ ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବିଧାନସଭା ନିର୍ବାଚନ ପୂର୍ବରୁ ଆଇ-ପିଏସି ଉପରେ ଇଡିର ଚଢ଼ାଉ କେନ୍ଦ୍ର ବନାମ ପଶ୍ଚିମବଙ୍ଗ ଲଢ଼େଇର ରୂପ ନେଇସାରିଛି। ଅନ୍ୟପକ୍ଷେ ଗୁରୁବାର ଚଢ଼ାଉବେଳେ ମମତା ବାଧାଦେବା ସହ ଆଇ-ପିଏସିର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଶୁଭ୍ର ଘୋଷ ଅତ୍ୟଧିକ ଭିଡ଼ ଜମିଥିବା ଦର୍ଶାଇ କୋର୍ଟରୁମ୍ ଛାଡ଼ି ଚାଲିଯାଇଛନ୍ତି। ଆଗକୁ ଛୁଟି ଥିବାରୁ ହାଇକୋର୍ଟରେ ବୁଧବାର ଏହାର ପରବର୍ତ୍ତୀ ଶୁଣାଣି ହୋଇପାରେ।




ଟିଏମ୍ସି ଏମ୍ପି ଡେରେକ୍ ଓ'ବ୍ରାଏନ୍ଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଉଛି।

# କୋଲକାତାରୁ ଦିଲ୍ଲୀ ଦିଦିଙ୍କ ଲଢ଼େଇ

**କୋଲକାତା/ନୂଆଦିଲ୍ଲୀ,୯।୧**

ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରୀୟ ଏଜେନ୍ସି ଇଡି ତୃଣମୂଳ କଂଗ୍ରେସକୁ ରାଜନୈତିକ ସହାୟତା ପ୍ରଦାନ କରୁଥିବା ଆଇପିଏସି ଉପରେ ଗୁରୁବାର ଚଢ଼ାଉ କରିଥିଲା। ତେବେ ଟିଏମ୍ସି ସୁପ୍ରିମୋ ଉକ୍ତ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଓ ଅଫିସରେ ପହଞ୍ଚି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମମତା ନିଜ ସାମ୍ବିଧାନିକ ପଦର ଦୁରୁପଯୋଗ କରି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଚାଲିଥିବା ତଦନ୍ତରେ ବାଧା ଦେଉଥିବା ଇଡି ନିଜ ପିଟିଶନରେ ଦର୍ଶାଇଛି। ବେଆଇନ କୋଇଲା ଖଣି ଖନନ ମାମଲାରେ ମମତାଙ୍କ ସମ୍ପୃକ୍ତି ରହିଛି। ହାୱାଲା ଜରିଆରେ ଆସିଥିବା ଟଙ୍କାକୁ ଆଇ-ପିଏସି ଜରିଆରେ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ତେଣୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଇଡି ଉକ୍ତ ରିଟ୍ ପିଟିଶନରେ ନିବେଦନ କରିଛି। ସେହିପରି ତଲାସି ବେଳେ ସେଠାରୁ ମମତା ନେଇଯାଇଥିବା ସମସ୍ତ ଡିଜିଟାଲ ଡିଭାଇସ, ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଅନ୍ୟ ଦସ୍ତାବିଜଗୁଡ଼ିକୁ ତୁରନ୍ତ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ଏଜେନ୍ସି ଦାବି କରିଛି। ବିଚାରପତି କୋର୍ଟରୁମ୍ରେ ଅତ୍ୟଧିକ ଭିଡ଼ ହୋଇଥିବା ଦର୍ଶାଇ ଶୁଣାଣି ମଞ୍ଚିରୁ ଉଠିଚାଲିଯାଇଥିଲେ। ଆସନ୍ତା ସପ୍ତାହରେ ଏହା ଉପରେ ପୁଣି ଶୁଣାଣି ହୋଇପାରେ।



କର୍ତ୍ତବ୍ୟ ଭବନ ଆଗରେ ବିକ୍ଷୋଭବେଳେ ଟିଏମ୍ସି ଏମ୍ପି ମହୁଆ ମୋଇତ୍ରଙ୍କୁ ପୋଲିସ ଉଠାଇନେଉଛି।

- ମମତାଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବିକଲା ଇଡି
- ଶୁଣାଣି ମଞ୍ଚିରୁ ଉଠିଗଲେ ହାଇକୋର୍ଟ ବିଚାରପତି
- ଭାଜପାକୁ ଦେବା ପାଇଁ ଟିଏମ୍ସିର ନିର୍ବାଚନୀ ରଣନୀତି ଚୋରି କରିଛି ଇଡି: ମମତା
- ଶାହାଙ୍କ ଅଫିସ ସମ୍ମୁଖରୁ ଟିଏମ୍ସି ଏମ୍ପିଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ଅନ୍ୟପକ୍ଷେ ହାଇକୋର୍ଟରେ ଶୁଣାଣି ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଯାଦବପୁରରୁ ୧୦ କି.ମି. ଦୂର ହଜରା କ୍ରସିଂ ପର୍ଯ୍ୟନ୍ତ ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ମମତା କହିଛନ୍ତି, ନିର୍ବାଚନରେ ଭାଜପା ସବୁ ପ୍ରକାର ଉପାୟ ଅବଲମ୍ବନ କରି ଜିତିବାକୁ ଚାହୁଁଛି। ଟିଏମ୍ସିର ନିର୍ବାଚନୀ ରଣନୀତି ଚୋରି କରି ଭାଜପାକୁ ସବୁ ଦସ୍ତାବିଜ ଦେବା ଇଡି ଚଢ଼ାଉ ପଛର ଉଦ୍ଦେଶ୍ୟ। ସେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଟିଏମ୍ସି ଅଧ୍ୟକ୍ଷା ଭୂମିକାରେ ଚଢ଼ାଉ ବେଳେ ହସ୍ତକ୍ଷେପ କରିଥିଲେ। ଏହା ଉପରେ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି, ମମତା ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଇଡି ଅଫିସରଙ୍କୁ ଧମକ ଦେବା ନେଇ ତାଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯିବା ଉଚିତ।

ମମତା କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରା କରୁଥିବାବେଳେ ତାଙ୍କ ଦଳର ସାଂସଦମାନେ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଟିଏମ୍ସି ଏମ୍ପି ଏବଂ ଦିଲ୍ଲୀ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଟିଏମ୍ସି ଏମ୍ପି ଡେରେକ୍ ଓ'ବ୍ରାଏନ୍ ଏବଂ ମହୁଆ ମୋଇତ୍ରଙ୍କ ସମେତ ଅନ୍ୟ ସାଂସଦମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଥିବା କର୍ତ୍ତବ୍ୟ ଭବନକୁ ପ୍ରବେଶ ଉଦ୍ୟମ କରିଥିଲେ। ସେମାନେ ବିନା ଅନୁମତିରେ ବିକ୍ଷୋଭ କରୁଥିଲେ ଏବଂ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ସେଠାରୁ ହଟାଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନିଆଯାଇଥିଲା। କିଛି ଘଣ୍ଟାର ଅଟକ ପରେ ଏମ୍ପିମାନଙ୍କୁ ପୋଲିସ ଛାଡ଼ି ଦେଇଥିଲା।

## ଦିଲ୍ଲୀ ଏୟାରପୋର୍ଟରୁ ୪୩ କୋଟିର ଗଞ୍ଜେଇ, ସିଗାରେଟ୍ ଜବତ

**ନୂଆଦିଲ୍ଲୀ,୯।୧(ପି.ଟି.)**

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ଏବଂ ସିଗାରେଟ୍ ଜବତ ହେବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଗତ ୬ ତାରିଖରେ ବ୍ୟାଙ୍କକ୍ରୁ ଆସିଥିବା ଉକ୍ତ ଯାତ୍ରୀମାନଙ୍କୁ କଷ୍ଟମ୍ସ ଅଫିସରମାନେ ଧରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ୪ଟି ଟ୍ରଲି ବ୍ୟାଗ୍ରୁ ସବୁଜ ରଙ୍ଗର ନିଶାଦ୍ରବ୍ୟ ମିଳିଥିଲା, ଯାହାକି ଗଞ୍ଜେଇ ହୋଇଥିବା ଅନୁମାନ କରାଯାଉଛି। ଏହାର ଓଜନ ୪୩.୧୩ କିଲୋଗ୍ରାମ ରହିଛି। ଅନ୍ୟ ୨ଟି ବ୍ୟାଗ୍ରୁ ଗୋଲ୍ଡ ଫ୍ଲେକ୍ ସିଗାରେଟ୍ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୋଟ ମୂଲ୍ୟ ୪୩.୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଇରାନରେ ବିକ୍ଷୋଭ, ଇଣ୍ଟରନେଟ୍ ବନ୍ଦ

## ମୃତ୍ୟୁସଂଖ୍ୟା ୪୨

## ଟ୍ରମ୍ପଙ୍କ ହାତ ରକ୍ତ ରଞ୍ଜିତ: ଖାମେନେଇ

**ଦୁବାଇ,୯।୧**

ଇରାନର ନିର୍ବାସିତ କ୍ରାଉନ୍ ପ୍ରିନ୍ସଙ୍କ ଡାକରାକ୍ରମେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଇଣ୍ଟରନେଟ୍ ଏବଂ ଅନ୍ତର୍ଜାତୀୟ ଟେଲିଫୋନ୍ କଲ୍ ବିଚ୍ଛିନ୍ନ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଜାରି ରହିଛି। ଆକ୍ଟିଭିଷ୍ଟମାନଙ୍କ ଦ୍ୱାରା ଶେୟାର କରାଯାଇଥିବା ଶର୍ଟ ଅନ୍ଲାଇନ ଭିଡିଓଗୁଡ଼ିକରେ ବିକ୍ଷୋଭକାରୀ ଇରାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ରାଜଧାନୀ ତେହରାନ ସମେତ ବିଭିନ୍ନ ସହରରେ ରାସ୍ତାଘାଟରେ ନିଆଁ ଜଳୁଛି।



ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍ର ଆତଙ୍କବାଦୀ ଏଜେଣ୍ଟ ନିଆଁ ଲଗାଇବା ସହ ହିଂସାକୁ ଉସୁକାଉଥିବା ଇରାନ ସରକାରୀ ଗଣମାଧ୍ୟମ ଅଭିଯୋଗ କରିଛି। ଇରାନର ୮୬ ବର୍ଷୀୟ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଦେଇଥିବା ଏକ ସଂକ୍ଷିପ୍ତ ଭାଷଣ ସରକାରୀ ଟିଭିରେ ପ୍ରସାରିତ ହୋଇଛି। ବିକ୍ଷୋଭକାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସେ ସଙ୍କେତ ଦେଇଛନ୍ତି। ବିକ୍ଷୋଭକାରୀ ଅନ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରାଇବାକୁ ଯାଇ ନିଜ ଦେଶର ରାସ୍ତାଘାଟକୁ ଧ୍ୱଂସ କରୁଛନ୍ତି। ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି ଖାମେନେଇ କହିଛନ୍ତି।

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟ ବିରୋଧରେ ଡିସେମ୍ବର ୨୮ରୁ ଲାଗି ରହିଥିବା ବିକ୍ଷୋଭ ଉଗ୍ରରୂପ ନେଇଛି। କ୍ରାଉନ୍ ପ୍ରିନ୍ସ ରେଜା ପହ୍ଲବୀଙ୍କ ଦ୍ୱାରା ଇରାନ ଜନସାଧାରଣ ପ୍ରଭାବିତ ହୋଇପାରୁଛନ୍ତି କି ନାହିଁ, ଏହି ବିକ୍ଷୋଭ ତାହାର ପ୍ରଥମ ପରୀକ୍ଷା। ରେଜାଙ୍କ ଅସୁସ୍ଥ ବାପା ୧୯୭୯ ଇସ୍ଲାମୀୟ ବିପ୍ଲବ ପୂର୍ବରୁ ଦେଶ ଛାଡ଼ି ପଳାଇଥିଲେ।

ପ୍ରାୟ ୨ ସପ୍ତାହ ହେଲା ଇରାନରେ ବିକ୍ଷୋଭ ଓ ହିଂସା ଲାଗିରହିଥିବାବେଳେ ଇତିମଧ୍ୟରେ ଅନ୍ୟୂନ ୪୨ ଜଣଙ୍କ ମୃତ୍ୟୁ ଘଟିଲାଣି। ୨,୨୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇଥିବା ଆମେରିକାର ହ୍ୟୁମ୍ୟାନ୍ ରାଇଟ୍ସ ଆକ୍ଟିଭିଷ୍ଟସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିକ୍ଷୋଭ ପାଇଁ କ୍ରାଉନ୍ ପ୍ରିନ୍ସ ଗୁରୁବାର ରାତିରେ ଡାକରା ଦେଇଥିଲେ। ଇରାନୀୟମାନେ ଏହାକୁ ଗୁରୁତର ସହ ନେଇ ଇସ୍ଲାମିକ୍ ରିପବ୍ଲିକ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବହୁସଂଖ୍ୟାରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏହି ଖବର ଯେପରି ଦେଶ ବାହାରକୁ ନ ଯାଏ ସେଥିପାଇଁ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ସୁରକ୍ଷା ବଳ ଦ୍ୱାରା ବିକ୍ଷୋଭକାରୀଙ୍କୁ ହତ୍ୟାକରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇ ଥାଇପାରେ ବୋଲି କୁହାଯାଉଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ଇରାନ ସୁପ୍ରିମଲିଡରଙ୍କୁ ଆମେରିକା ଉଠାଇ ନେଇପାରେ ବୋଲି ଆଶଙ୍କ ପ୍ରକାଶ ପାଇଛି। ତେବେ ସେ ସେଥିରୁ ବର୍ତ୍ତିବା ପାଇଁ



ପଳାୟନର ସୁଯୋଗ ଖୋଜୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଖାମେନେଇ କହିଛନ୍ତି, ଟ୍ରମ୍ପ ଅନେକ ହିଂସାରେ ଜଡ଼ିତ। ଇରାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ହସ୍ତକ୍ଷେପ ବରଦାସ୍ତ କରାଯିବ ନାହିଁ।

# ଶୂନ ଡିଗ୍ରୀ ତଳେ କଶ୍ମୀର, ବରଫ ପାଲଟିଲା ଡାଲ୍ ହ୍ରଦ

**ଶ୍ରୀନଗର,୯।୧**

ସମଗ୍ର କଶ୍ମୀର ଉପତ୍ୟକାର ତାପମାତ୍ରା ଶୂନ ଡିଗ୍ରୀରୁ ବହୁ ତଳକୁ ଖସିଯାଇଛି। ଶ୍ରୀନଗରରେ ଗୁରୁବାର ସବୁଠୁ ଶୀତ ରାତି ଅନୁଭୂତ ହୋଇଛି। ଡାଲ୍ ହ୍ରଦର କେତେକ ଭାଗ ବରଫ ପାଲଟିଯାଇଛି। ଗୁରୁବାର ରାତିରେ ଶ୍ରୀନଗରରେ ବିୟୁକ୍ତ ୬.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପୂର୍ବ ରାତିରେ ତାପମାତ୍ରା ବିୟୁକ୍ତ ୫.୧ ଡିଗ୍ରୀ ସେଲ୍ସିୟସ୍ ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶୀତ ଋତୁରେ ସେଠାର ସ୍ୱାଭାବିକ ତାପମାତ୍ରାଠାରୁ ପାରଦ ୪.୧ ଡିଗ୍ରୀ ତଳକୁ ଖସିଛି। ହାଡ଼ଥରା ଶୀତ ଯୋଗୁ ଡାଲ୍ ହ୍ରଦର ଆଭ୍ୟନ୍ତରୀଣ ଅଂଶ ସମେତ ବହୁ ଜଳାଶୟ ବରଫ ପାଲଟିଯାଇଛି।



ଦକ୍ଷିଣ କଶ୍ମୀରର ପହଲଗାମ୍ ଟୁରିଷ୍ଟ ରିସର୍ଟ ଜମ୍ମୁ-କଶ୍ମୀରର ସବୁଠୁ ଥଣ୍ଡା ସ୍ଥାନ ଯେଉଁଠି ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୭.୬ ଡିଗ୍ରୀ ରହିଛି। ଉତ୍ତର କଶ୍ମୀରର ବାରମୂଲ୍ଲା ଜିଲାରେ ଥିବା ଗୁଲ୍ମାର୍ଗସ୍ଥିତ ସ୍କାଇ ରିସର୍ଟରେ ରାତି ତାପମାତ୍ରା ବିୟୁକ୍ତ ୭.୨ ଡିଗ୍ରୀ ସେଲ୍ସିୟସ୍ ଅନୁଭବ ହୋଇଛି। ସେହିପରି କେନ୍ଦ୍ରୀୟ କଶ୍ମୀରର ଗଣ୍ଡେରବାଲ୍ ଜିଲା ଅନ୍ତର୍ଗତ ସୋନାମାର୍ଗ ଟୁରିଷ୍ଟ ରିସର୍ଟରେ ତାପମାତ୍ରା ବିୟୁକ୍ତ ୫.୪ ଡିଗ୍ରୀ ଓ କାଜିଗୁଣ୍ଡରେ ବିୟୁକ୍ତ ୬.୨ ଡିଗ୍ରୀ ରହିଛି। ଉପତ୍ୟକାର ସମତଳ ଅଞ୍ଚଳରେ ତୁଷାରପାତ ହୋଇଛି। ୨୧ ତାରିଖ ଯାଏ ପାଗ ଶୁଖିଲା କିନ୍ତୁ ମେଘୁଆ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଓସ୍କାର ଦୌଡ଼ରେ କାନ୍ତାରା, ତନ୍ୱି ଦି ଗ୍ରେଟ୍

**ଲସ୍ ଏଞ୍ଜେଲ୍ସ,୯।୧**

ଚଳିତ ବର୍ଷର ଓସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ୨୦୧ଟି ଫିଚର ଫିଲ୍ମ ମଧ୍ୟରେ କନ୍ନଡ ଚଳଚ୍ଚିତ୍ର 'କାନ୍ତାରା: ଏ ଲିଜେଣ୍ଡ- ଚାପ୍ଟର ୧' ଏବଂ ହିନ୍ଦୀ ଚଳଚ୍ଚିତ୍ର 'ତନ୍ୱି ଦି ଗ୍ରେଟ୍' ରହିଛି। ଦି ଏକାଡେମୀ ଅଫ୍ ମୋଶନ ପିକ୍ଚର ଆର୍ଟ୍ସ ଆଣ୍ଡ ସାଇନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ୯୮ତମ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ଚଳଚ୍ଚିତ୍ରଗୁଡ଼ିକର ତାଲିକା ଗୁରୁବାର ପ୍ରକାଶ ପାଇଥିଲା। ଆସନ୍ତା ୨୨ରେ ନାମାଙ୍କନ ଘୋଷଣା ହେବ। ୯୮ତମ ଏକାଡେମୀ ପୁରସ୍କାର ପାଇଁ ମୋଟ ୩୧୭ ଫିଚର ଫିଲ୍ମ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୨୦୧ଟି ଚଳଚ୍ଚିତ୍ର ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି। ଅନୁପମ୍ ଖେର୍ଙ୍କ ନିର୍ଦ୍ଦେଶିତ ବହୁଭାଷୀ ଆନିମେଟେଡ୍ ଚଳଚ୍ଚିତ୍ର 'ମହାବତାର ନରସିଂହା' ଏବଂ ପ୍ରଥମ ଥର ଫିଲ୍ମ ନିର୍ମାତା ହୋଇଥିବା ଅବିଶାନ ଜୀବିନ୍ଥଙ୍କ ତାମିଲ ଟାଇଟଲ୍ 'ଟୁରିଷ୍ଟ ଫାମିଲି' ଏବଂ ରାଧିକା ଆପ୍ଟେ ଅଭିନୀତ 'ସିଷ୍ଟର ମିଡ୍ନାଇଟ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ